بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4 | ସଂଖ୍ୟା 18

ସାପ୍ତାହିକ **ବଦର** କାଦିଆନ

Weekly BADAR Qadian

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

02 ମଇ 2019  02 ହିଜରତ୍ 1398 ହି.ଶ  26 ଶାବାନ୍ 1440 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

قُلۡ یٰۤاَہۡلَ الۡکِتٰبِ تَعَالَوۡا اِلٰی کَلِمَۃٍ سَوَآءٍۢ بَیۡنَنَا وَبَیۡنَکُمۡ اَلَّا نَعۡبُدَ اِلَّا اللّٰہَ وَلَا نُشۡرِکَ بِہٖ شَیۡئًا وَّلَا یَتَّخِذَ بَعۡضُنَا بَعۡضًا اَرۡبَابًا مِّنۡ دُوۡنِ اللّٰہِ (آل عمران:65)

ଅନୁବାଦ- (ତୁମ୍ଭେ) କୁହ, ‘‘ହେ ଗ୍ରନ୍ଥଧାରୀମାନେ! ତୁମ୍ଭେମାନେ (ଅନ୍ତତଃ) ଏପରି ଏକ ପନ୍ଥା ଅବଲମ୍ବନ କର ଯାହା ଆମ ମାନଙ୍କ ତଥା ତୁମମାନଙ୍କ ମଧ୍ୟରେ ସମାନ ଅଟେ (ଏବଂ ତାହା ହେଉଛି) ଯେ ଆମେମାନେ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କାହାରି ଉପାସନା କରିବା ନାହିଁ; ଏବଂ ଅନ୍ୟ କୌଣସି ବସ୍ତୁକୁ ତାହାଙ୍କ ସହିତ ସମକକ୍ଷ କରିବା ନାହିଁ ଏବଂ ଅଲ୍ଲାଃଙ୍କୁ ପରିତ୍ୟାଗ କରି ପରସ୍ପର ମଧ୍ୟରେ ଜଣେ ଅନ୍ୟକୁ ପାଳନକର୍ତା ରୂପେ ଗ୍ରହଣ କରିବା ନାହିଁ।

*(ଆଲେ ଇମରାନ୍: ୬୫)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି। (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ। ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଧର୍ମପରାୟଣ ବ୍ୟକ୍ତିଙ୍କ ନିମନ୍ତେ ଏ ସର୍ତ ଥିଲା କି ସେମାନେ ଗରିବୀ ଓ ଦରିଦ୍ରତାର ଜୀବନ ବିତାନ୍ତୁ। ଏହା ତକ୍‌ୱାର ଏକ ଶାଖା ଯାହା ମାଧ୍ୟମରେ ଆମକୁ ଅନୁଚିତ କ୍ରୋଧ ସହିତ ମୁକାବିଲା କରିବାକୁ ହେବ। ବଡ଼ ବଡ଼ ଆରିଫ୍ (ଅର୍ଥାତ୍ ଈଶ୍ୱରଙ୍କୁ ଚିହ୍ନିଥିବା ଲୋକେ) ଏବଂ ସଦିକ୍ (ଅର୍ଥାତ ସଦାଚାରୀ) ଗଣଙ୍କ ନିମନ୍ତେ ଶେଷ ଓ ଲକ୍ଷସ୍ଥଳ ଥିଲା କ୍ରୋଧରୁ ବଂଚିବା। ଗର୍ବ ଓ ଅଂହକାର କ୍ରୋଧରୁ ହିଁ ସୃଷ୍ଟି ହୋଇଥାଏ। ସେହିପରି କେବେକେବେ ସ୍ୱୟଂ କ୍ରୋଧ ହିଁ ଗର୍ବ ଓ ଅହଂକାରର ଫଳ ହୋଇଥାଏ। କାରଣ ସେତେବେଳେ କ୍ରୋଧ ଆସିଥାଏ ଯେତେବେଳେ ମନୁଷ୍ୟ ନିଜକୁ ଅନ୍ୟ ଉପରେ ଅଗ୍ରାଧିକାର ଦେଇଥାଏ।**

**ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ**

### ଇସ୍‌ଲାମୀୟ ପରଦା

ଆଜିକାଲି ପର୍ଦ୍ଦା ଉପରେ ଆକ୍ରମଣ (ଅର୍ଥାତ୍ ଆପତି ଅଭିଯୋଗ) କରାଯାଉଅଛି କିନ୍ତୁ ଏମାନେ ଜାଣନ୍ତି ନାହିଁ ଯେ ଇସ୍‌ଲାମୀୟ ପର୍ଦ୍ଦାର ଅର୍ଥ କଏଦ ଖାନା ନୁହେଁ ବରଂ ଏକ ପ୍ରକାରର ପ୍ରତିବନ୍ଧକ ଅର୍ଥାତ୍ ପର ପୁରୁଷ ଓ ପର ମହିଳା ଜଣେ ଅନ୍ୟ ଜଣକୁ ନ ଦେଖିପାରୁ। ଯେବେ ପର୍ଦ୍ଦା ରହିବ ତେବେ ଠୋକର ଖାଇବାରୁ ବଂଚିବେ। ଜଣେ ନ୍ୟାୟ ମିଜାଜ ରଖିଥିବା ବ୍ୟକ୍ତି କହିପାରିବ ଯେ ଏପରି ଲୋକମାନଙ୍କ ମଧ୍ୟରେ ଯେଉଁଠି ପର ପୁରୁଷ ଓ ମହିଳା ଏକାଠି ଅବାଧ୍ୟ ମିଳାମିଶା କରୁପାରୁଥିବେ, ଏକାଠି ବୁଲାବୁଲି କରୁଥିବେ, ସେଠାରେ ସେମାନେ କାହିଁକି ନିଜର ଆବେଗ ଦ୍ୱାରା ଠୋକର ନ ଖାଇବେ। ବେଳେ ବେଳେ ଏକଥା ଦେଖିବାରେ ଓ ଶୁଣିବାରେ ଆସିଛି ଯେ ଏପରି ଲୋକେ ପର ପୁରୁଷ ଓ ପର ସ୍ତ୍ରୀକୁ ଗୋଟିଏ ଘରେ ଏକତ୍ର ରହିବାକୁ କିଛି ଖରାପ ମଣୁନାହାନ୍ତି। ଯେବେ କି କବାଟ ମଧ୍ୟ ବନ୍ଦ ଥିବ। ଏହା ଏକ ପ୍ରକାରର ସଂସ୍କୃତି। ଏହି ସବୁ କୁ ପରିଣାମକୁ ରୋକିବା ପାଇଁ ଇସଲାମ୍‌ର ବିଧି ନିର୍ମାଣକାରୀ ସେହି ସବୁ କଥା କରିବାକୁ ଅନୁମତି ହିଁ ଦେଲେନାହିଁ ଯଦ୍ୱାରା ଠୋକର ଲାଗିବାର କାରଣ ହେବ। ଏପରି ଅବସରରେ ଏକଥା କହିଦେଲେ ଯେ ଯେଉଁଠି ଏହିପରି ଦୁଇଜଣ ଗଏର ମହ୍‌ରୁମ୍ (ଅର୍ଥାତ୍ ବିବାହ ଉପଯୁକ୍ତ) ପୁରୁଷ ଓ ମହିଳା ଏକତ୍ର/ଏକାଠି ହେବେ, ସେଠାରେ ତାଙ୍କ ମଧ୍ୟରେ ତୃତୀୟ ତତ୍ୱଟି ସଇତାନ ହୋଇଥାଏ। ସେହି ଅପବିତ୍ର ଫଳାଫଳ ଉପରେ ଚିନ୍ତା କରି ଦେଖ ଯାହାକୁ ୟୁରୋପ ସେହି ଲଗାମଛଡ଼ା ଶିକ୍ଷା ଦ୍ୱାରା ଭୋଗୁଅଛି। କିଛି ସ୍ଥାନରେ ବିଲ୍‌କୁଲ୍ ନିର୍ଲଜ୍ଜ ବେଶ୍ୟାଙ୍କ ପରି ଜୀବନ କାଟୁଛନ୍ତି। ଏହା ସେହି ଶିକ୍ଷାର ଫଳ। ଯଦି କୌଣସି ବସ୍ତୁକୁ ଖୟାନତ (ଅର୍ଥାତ ନଷ୍ଟ ହେବାରୁ) ବଂଚାଇବାକୁ ଚାହୁଁଅଛ ତେବେ (ତା'ର) ସୁରକ୍ଷା କର। କିନ୍ତୁ ଯଦି ସୁରକ୍ଷା ନ କରିବ ଓ ଏ କଥା ବୁଝୁଥାଅ ଯେ ଭଲ ଲୋକ ଅଛନ୍ତି ତେବେ ମନେରଖ ଯେ ନିଶ୍ଚିତରୂପେ ସେହି ବସ୍ତୁ ନଷ୍ଟ ହେବ। ଇସ୍‌ଲାମୀୟ ଶିକ୍ଷା କେତେ ପବିତ୍ର ଶିକ୍ଷା ଯିଏ ପୁରୁଷ ଓ ମହିଳାମାନଙ୍କୁ ଅଲଗା ରଖି ସେମାନଙ୍କୁ ଠୋକର୍ ଖାଇବାରୁ ବଂଚାଇଲା ଓ ମଣିଷର ଜୀବନକୁ ହରାମ୍ (ଅର୍ଥାତ୍ ଅବୈଧ) ଓ ଦୁର୍ବିସହ କଲାନାହିଁ, ଯାହାଦ୍ୱାରା (ଅର୍ଥାତ୍ ପୁରୁଷ ଓ ମହିଳା ମାନଙ୍କ ଅବାଧ୍ୟ ମିଳାମିଶା ଦ୍ୱାରା) ୟୁରୋପ ସବୁ ସମୟ ଗୃହଯୁଦ୍ଧ ଓ ଅତ୍ମହତ୍ୟା ଦେଖୁଅଛି। କିଛି ଭଦ୍ର ମହିଳାମାନେ ବେଶ୍ୟାଙ୍କ ପରି ଜୀବନ କାଟିବା ହେଉଛି ସେହି ଅନୁମତିର ଏକ ଫଳ ଯାହା ପର ସ୍ତ୍ରୀକୁ ଦେଖିବା ପାଇଁ ଦିଆଯାଇଛି।

### ମନୁଷ୍ୟର ଅନ୍ତର୍ନିହିତ ଶକ୍ତିର ଉଚିତ ଓ ସଠିକ ବ୍ୟବହାର

ଅଲ୍ଲାଃ ତାଲା ଯେତେ ମାତ୍ରାରେ ଶକ୍ତି ପ୍ରଦାନ କରିଛନ୍ତି ତାହା ନଷ୍ଟ କରିବା ପାଇଁ ପ୍ରଦାନ କରାଯାଇନାହିଁ। ସେସବୁର ସଠିକ୍ ଓ ବୈଧ ବ୍ୟବହାର କରିବା ହିଁ ହେଉଛି ସେ ସବୁର ବୃଦ୍ଧି ଘଟିବା।। ସେଥିପାଇଁ ଇସ୍‌ଲାମ୍ ପୁରୁଷତ୍ୱକୁ ନଷ୍ଟ କରିଦେବା ବା ଆଖି ବାହାର କରିଦେବାର ଶିକ୍ଷା ଦେଇନାହିଁ ବରଂ ସେ ସବୁର ଉଚିତ ବ୍ୟବହାର କରିବାକୁ (ଶିକ୍ଷା ଦେଇଛି) ଓ ମନକୁ ପବିତ୍ର କରାଇଛି। ଯେପରି ସେ କହୁଛନ୍ତି: **କଦ୍ ଅଫ୍‌ଲହଲ୍ ମୁମିନୁନା (ଅଲ୍‌ମୁମିନୁନ୍:୨)**। ସେହିପରି ଏଠାରେ ମଧ୍ୟ କହିଛନ୍ତି। ମୁତ୍‌ତକି (ଧର୍ମପରାୟଣ ବ୍ୟକ୍ତି) ଙ୍କ ଜୀବନର ନକ୍ସା ଟାଣି ଶେଷରେ ଫଳାଫଳ ସ୍ୱରୁପ ଏହା କହିଛନ୍ତି- ***ଉଲାଇକା ହୁମୁଲ୍ ମୁଫ୍‌ଲିହୁନ୍* (ବକ୍‌ରାଃ :୬)** ଅର୍ଥାତ୍ ଯେଉଁ ଲୋକମାନେ ଧର୍ମ ନିଷ୍ଠତା ଅବଲମ୍ବନ କରିଥାନ୍ତି, ଅଦୃଶ୍ୟ ଉପରେ ଇମାନ୍ (ଅର୍ଥାତ୍ ବିଶ୍ୱାସ) ଆଣିଥାନ୍ତି, ନମାଜ ପଢ଼ିଯାଉଥିବାରୁ ପୁଣି ତାହାକୁ ଛିଡ଼ା କରାଇଥାନ୍ତି। (ଅର୍ଥାତ୍ ସଠିକ୍ ରୂପେ ନମାଜ ପଢ଼ିଥାନ୍ତି), ଅଲ୍ଲାଃଙ୍କ ପ୍ରଦତ ବସ୍ତୁ ମଧ୍ୟରୁ ଦେଇଥାନ୍ତି ଜୀବନକୁ ବିପଦ ଥିବା ସତ୍ୱେ ମଧ୍ୟ, ବିଗତ ଓ ଉପସ୍ଥିତ ଥିବା ଈଶ୍ୱରଙ୍କ ପୁସ୍ତକ ଉପରେ ଇମାନ୍ ଆଣିଥାନ୍ତି ଓ ପରିଶେଷରେ ସେ ୟକିନ୍ (ଅର୍ଥାତ୍ ଦୃଢ଼ ବିଶ୍ୱାସରସ୍ତର)କୁ ପହଂଚିଯାଆନ୍ତି। ଏହିପରି ଲୋକେ ହିଦାୟତର ଶୀରରେ ଥାଆନ୍ତି। ସେମାନେ ଏପରି ଏକ ରାସ୍ତାରେ (ଚାଲୁ) ଥାଆନ୍ତି ଯାହା ଅନବରତ ଆଗକୁ ଆଗକୁ ଚାଲି ଯାଇଥାଏ ଓ ତାହା ଦ୍ୱାରା ମୁନଷ୍ୟ ସଫଳତା ଲାଭ କରିଥାଏ। ସୁତରାଂ ଏହିପରି ଲୋକେ ସଫଳ ହୋଇଥାନ୍ତି ଓ ଲକ୍ଷସ୍ଥଳରେ ପହଂଚିବେ ଓ ବିପଦପୂର୍ଣ୍ଣ ମାର୍ଗରୁ ବର୍ତିଯିବେ। ସେଥିପାଇଁ ପ୍ରାରମ୍ଭରେ ହିଁ ଅଲ୍ଲାଃତାଲା ଆମକୁ ତକ୍‌ୱା (ଅର୍ଥାତ୍ ଧର୍ମନିଷ୍ଠ ହେବାର) ଶିକ୍ଷା ଦେଇ ଏପରି ଏକ ପୁସ୍ତକ ଆମକୁ ପ୍ରଦାନ କରିଛନ୍ତି ଯେଉଁଥିରେ ତକ୍‌ୱା ଗ୍ରହଣ କରିବାର ୱସିୟତ ମଧ୍ୟ କରିଛନ୍ତି।

ତେଣୁ ଆମ ଯମାତ୍ ସମସ୍ତ ସାଂସାରିକ ଦୁଃଖ ଅପେକ୍ଷା ଏ ଦୁଃଖ କରୁ କି ତାଙ୍କଠାରେ ତକ୍‌ୱା ଅଛି କି ନାହିଁ।

### ନିଜ ଜୀବନକୁ ଗରୀବ ଓ ଦରିଦ୍ରଙ୍କ ପରି ବିତାଅ

ଧର୍ମପରାୟଣ ବ୍ୟକ୍ତିଙ୍କ ନିମନ୍ତେ ଏ ସର୍ତ ଥିଲା କି ସେମାନେ ଗରିବୀ ଓ ଦରିଦ୍ରତାର ଜୀବନ ବିତାନ୍ତୁ। ଏହା ତକ୍‌ୱାର ଏକ ଶାଖା ଯାହା ମାଧ୍ୟମରେ ଆମକୁ ଅନୁଚିତ କ୍ରୋଧ ସହିତ ମୁକାବିଲା କରିବାକୁ ହେବ। ବଡ଼ ବଡ଼ ଆରିଫ୍ (ଅର୍ଥାତ୍ ଈଶ୍ୱରଙ୍କୁ ଚିହ୍ନିଥିବା ଲୋକେ) ଏବଂ ସଦିକ୍ (ଅର୍ଥାତ ସଦାଚାରୀ) ଗଣଙ୍କ ନିମନ୍ତେ ଶେଷ ଓ ଲକ୍ଷସ୍ଥଳ ଥିଲା କ୍ରୋଧରୁ ବଂଚିବା। ଗର୍ବ ଓ ଅଂହକାର କ୍ରୋଧରୁ ହିଁ ସୃଷ୍ଟି ହୋଇଥାଏ। ସେହିପରି କେବେକେବେ ସ୍ୱୟଂ କ୍ରୋଧ ହିଁ ଗର୍ବ ଓ ଅହଂକାରର ଫଳ ହୋଇଥାଏ। କାରଣ ସେତେବେଳେ କ୍ରୋଧ ଆସିଥାଏ ଯେତେବେଳେ ମନୁଷ୍ୟ ନିଜକୁ ଅନ୍ୟ ଉପରେ ଅଗ୍ରାଧିକାର ଦେଇଥାଏ। ମୁଁ ଏହା ଚାହେଁ ନାହିଁ ଯେ ମୋ ଯମାତ୍‌ର ଲୋକମାନେ ଆପୋଷରେ ଜଣେ ଅନ୍ୟ ଜଣକୁ ଛୋଟ ବା ବଡ଼ ବିବେଚନା କରୁ ବା ଜଣେ ଅନ୍ୟଜଣଙ୍କ ଉପରେ ଗର୍ବ କରୁ ବା ନ୍ୟୁନ ଦୃଷ୍ଟିରେ ଦେଖୁ। ଈଶ୍ୱର ଜାଣିଛନ୍ତି କିଏ ବଡ଼ ଓ କିଏ ଛୋଟ। ଏହା ଏକ ପ୍ରକାରର ତିରସ୍କାର ଅଟେ ଯାହା ମଧ୍ୟରେ ଘୃଣାଭାବ ଥାଏ। ଭୟ ଲାଗୁଛି ଯେ ଏହି ଘୃଣାଭାବ ମଞ୍ଜି ସଦୃଶ ବଢ଼ି ତା ଧ୍ୱଂସର କାରଣ ନ ହୋଇଯାଉ। କିଛି ଲୋକେ ବଡ଼ ବଡ଼ ଲୋକଙ୍କ ସହିତ ବହୁତ ସମ୍ମାନର ସହିତ ମିଶିଥାନ୍ତି କିନ୍ତୁ ବଡ଼ (ଲୋକ) ହେଉଛି ସେ ଯିଏ ଦରିଦ୍ର (ଅସହାୟ) ବ୍ୟକ୍ତିର କଥା ଦରିଦ୍ରଙ୍କ ଭଳି ଶୁଣେ। ତା ମନକୁ ହାଲକା କରେ, ତା କଥାକୁ ସମ୍ମାନ ଦିଏ। ତାକୁ ଦୁଃଖ ଲାଗୁଥିବା ପରି କୌଣସି ଚିଡ଼ା କଥା ମୁହଁରେ ଧରେ ନାହିଁ। ଖୁଦାତାଲା କହୁଛନ୍ତି ୱଲା ତନାବଜୁ ବିଲ୍‌ଅଲ୍‌କାବ୍। ବିସଲ୍ ଇସ୍‌ମୁଲ୍ ଫୁସୁକୁ ବାଦଲ୍ ଇମାନ୍। **ୱ ମଲ୍ ଲମ୍ ୟତୁବ୍ ଫଉଲାଇକା ହୁମୁଜ୍ ଜାଲିମୁନା (ହୁଜୁରାତ :୧୨)** ଅର୍ଥାତ୍ ତୁମେ ଜଣେ ଅନ୍ୟକୁ ବିଦ୍ରୁପାତ୍ମକ ନାମରେ ଡ଼ାକ ନାହିଁ, କାରଣ ବିଶ୍ୱାସ କଲାପରେ (ବିଦ୍ରୁପାତ୍ମକ ନାମରେ ଡ଼ାକି) ଆଜ୍ଞାପାଳନରୁ ଦୂରେଇ ଯିବା ଫଳରେ ତାହା ନିଜକୁ ଅତ୍ୟନ୍ତ ଦୁର୍ନାମଗ୍ରସ୍ତ କରାଇଥାଏ। ଏହି କାର୍ଯ୍ୟ ଭ୍ରଷ୍ଟାଚାରୀମାନଙ୍କର। ଯେଉଁ ବ୍ୟକ୍ତି କାହାକୁ ବିଦ୍ରୁପାତ୍ମକ ନାମରେ ଚିଡ଼ାଇଥାଏ, ସେ ସେତେବେଳ ପର୍ଯ୍ୟନ୍ତ ମରିବ ନାହିଁ ଯେ ପର୍ଯ୍ୟନ୍ତ ସେ ନିଜେ ସେହି ନାମରେ ନାମିତ ନ ହୋଇଛି। ନିଜ ଭାଇମାନଙ୍କୁ ଛୋଟ ଭାବ ନାହିଁ। ଯେତେବେଳେ ଗୋଟିଏ ଝରଣାରୁ ସମସ୍ତେ ପାଣି ପିଉଛ, ତେବେ କିଏ ଜାଣେ କାହା


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ଭାଗ୍ୟରେ ଅଧିକା ପାଣି ପିଇବାକୁ ଅଛି । କେହି ସାଂସାରିକ ସିଦ୍ଧାନ୍ତ ଦ୍ୱାରା ସମ୍ମାନିତ ଓ ମହାନ୍ ହୋଇପାରେନା । ଈଶ୍ୱରଙ୍କ ନିକଟରେ ବଡ଼ ହେଉଛି ସେ, ଯିଏ ମୁତତ୍‌କି (ଅର୍ଥାତ୍ ଧର୍ମପରାୟଣ) । ଇନ୍ନା ଅକ୍‌ରମ୍‌କୁମ୍ ଇନ୍‌ଦଲ୍ଲାହି ଅତ୍‌କାକୁମ୍ । ଇନ୍ନଲ୍ଲାହା ଅଲିମୁନ୍ ଖବିର୍ (ହଜୁରାତ୍ : ୧୪)

**ଜାତି ଜାତି ମଧ୍ୟରେ ପ୍ରଭେଦ**

ଏ ଯେଉଁ ବିଭିନ୍ନ ପ୍ରକାରର ଜାତିମାନ ଅଛନ୍ତି, ଏହା ଦ୍ୱାରା କୌଣସି ଶ୍ରେଷ୍ଠତା ନାହିଁ । ଈଶ୍ୱର କେବଳ ଚିହ୍ନିତ କରାଇବା ନିମନ୍ତେ ଏ ଜାତିମାନ ସୃଷ୍ଟି କରିଛନ୍ତି । ଆଜି କାଲି ତ ମାତ୍ର ଚାରି ପୁରୁଷର ସଠିକ୍ ଠିକଣା ଲଗାଇବା କଷ୍ଟକର କଥା । ଜାତିଆଣଭାବ ଝଗଡ଼ାରେ ପଡ଼ିବା ମୁତ୍‌ତକିର ମର୍ଯ୍ୟାଦା ନୁହେଁ । ଯେବେ ଅଲ୍ଲାଃ ତାଲା ଏ ନିଷ୍ପତି କରିସାରିଛନ୍ତି ଯେ ମୋ ନିକଟରେ ଜାତିର କୌଣସି ସାର୍ଟିଫିକେଟ ନାହିଁ । ପ୍ରକୃତ ସମ୍ମାନ ଓ ଶ୍ରେଷ୍ଠତ୍ୱର କାରଣ ହେଉଛି କେବଳ ତକ୍‌ୱା ।

**(ମଲ୍‌ଫୁଜାତ୍ ପ୍ରଥମ ଖଣ୍ଡ, ପୃ- ୨୯-୩୧ ମୁଦ୍ରଣ ୨୦୧୮ କାଦିୟାନ୍)**

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ର ଅବଶିଷ୍ଟାଂଶ ......*

ସାହାଯ୍ୟ ଦିଆଯାଉ, ତାହା ଦୁର କରିବା ନିମନ୍ତେ ନାସିର ହସ୍ପିଟାଲ୍ ଅତ୍ୟନ୍ତ ଲାଭଦାୟକ ହେବ । ଇନ୍‌ଶାଅଲ୍ଲାଃ

ମିସ୍ ପେଟ୍ରିସିଆ ସାହିବା ଯିଏ ନାସିର ହସ୍ପିଟାଲର ଆଡ଼ମିନିଷ୍ଟ୍ରେଟର ଅଛନ୍ତି, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ଆଜିର ପ୍ରୋଗ୍ରାମ ବହୁତ ଭଲ ଥିଲା । ବହୁତ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ବିଶେଷ ହଜୁର ଅନଓ୍ୱରଙ୍କୁ ସାକ୍ଷାତ କରିବାକୁ ଆସିଥିଲେ । ବହୁ ସଂଖ୍ୟକ ଲୋକମାନଙ୍କର ଏକ ଜନସମାବେଶ ଥିଲା । ଯେଉଁମାନେ ହଜୁରଙ୍କର ଗୋଟିଏ ଝଲକ ଦେଖିବା ପାଇଁ ଦୁରଦୁରାନ୍ତରୁ ଏଠାକୁ ଆସିଥିଲେ । ସେମାନଙ୍କ ମଧ୍ୟରେ ଏପରି ଲୋକ ମଧ୍ୟ ସାମିଲ ଥିଲେ ଯେଉଁମାନେ ଏହି ପ୍ରୋଜେକ୍ଟ ଉପରେ ଭରସା ରଖିଥିଲେ ଓ ଏହି ନାସିର ହସ୍ପିଟାଲ ନିମନ୍ତେ ଆର୍ଥିକ ସାହାଯ୍ୟ ମଧ୍ୟ କରିଥିଲେ । ହଜୁରଙ୍କର ଆଜିର ଏହି ବକ୍ତବ୍ୟ ବହୁତ ଉତମ ଥିଲା ଓ ମୋତେ ଯେଉଁ କଥା ସବୁଠାରୁ ଅଧିକ ପସନ୍ଦ ଆସିଲା ତାହା ଏହା ଥିଲା ଯେ, ସୃଷ୍ଟଜଙ୍କ ସହିତ ସହାନୁଭୁତି ଓ ଦୟା କରାଯାଉ । ଏହା ହେଉଛି ସେହି ବକ୍ତବ୍ୟର କେନ୍ଦ୍ରୀୟ କଥା ଯାହାକୁ ଖଲିଫା ବର୍ଣ୍ଣନା କରିଛନ୍ତି । ନାସିର ହସ୍ପିଟାଲର ଭବିଷ୍ୟତ ବିଷୟରେ ବର୍ଣ୍ଣନା କରିଛନ୍ତି ଯେ, ଏହା ଆମ ପାଇଁ ବହୁତ ବଡ଼ ଚ୍ୟାଲେଞ୍ଜ ହେବ କାରଣ ଏବେ ବହୁତ ଗୁଡ଼ିଏ ଯୋଜନା ରହିଛି ଯାହାକୁ କାର୍ଯ୍ୟରେ ରୁପାନ୍ତର କରିବାକୁ ହେବ କିନ୍ତୁ ଆମେ ବହୁତ ଖୁସି ଅଛୁ ଓ ଆସନ୍ତାକୁ ମଧ୍ୟ ପରିଶ୍ରମ କରି କାର୍ଯ୍ୟ କରିବୁ ।

Carlos Ranjen ଯିଏ ଏସ୍ ଏ ଆଣ୍ଡ ମିଷ୍ଟ୍ରିଜ୍ ର ପ୍ରତିନିଧି ରୂପେ ଏହି ପ୍ରୋଗ୍ରାମରେ ସାମିଲ ହୋଇଥିଲେ, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ଆଜିର ଏହି ପ୍ରୋଗ୍ରାମ ବହୁତ ସୁନ୍ଦର ଥିଲା ଓ ବହୁତ ଉତମ ଶୈଳୀରେ ଏହି ପ୍ରୋଗ୍ରାମ ଅନୁଷ୍ଠିତ କରାଯାଇଥିଲା । ଆମେ ହୃଦୟର ଅନ୍ତରରୁ ହଜୁରଙ୍କୁ ଧନ୍ୟବାଦ ଅର୍ପଣ କରୁଅଛୁ । ଈଶ୍ୱର କରନ୍ତୁ ଯେ ଆମେ ମଧ୍ୟ ନାସିର ହସ୍ପିଟାଲକୁ ସାହାଯ୍ୟ କରିପାରିବୁ । ସେ ହଜୁର ଅନଓ୍ୱରଙ୍କ ଭାଷଣ ସମ୍ବନ୍ଧରେ କହିଲେ ଯେ, ହଜୁରଙ୍କର ବକ୍ତବ୍ୟ ବହୁତ ଭଲ ଥିଲା । ହଜୁର କହିଛନ୍ତି ଯେ, ଅନ୍ୟମାନଙ୍କ ସହିତ ବିନା କୌଣସି ନିଜି ସ୍ୱାର୍ଥ ଓ ଉଦ୍ଦେଶ୍ୟ ରଖି ସହାନୁଭୁତି ଓ ପ୍ରେମ କରାଯାଉ । ଆମେ ଏହି ବାର୍ତାକୁ ସାଥିରେ ନେଇ ଯାଉଅଛୁ । ବହୁତ ବହୁତ ଧନ୍ୟବାଦ । ଆପଣମାନଙ୍କ ଏହି ଡ଼ାକ୍ତରଖାନାର ନିର୍ମାଣ କରିଥିବା ଯୋଗୁଁ ଶୁଭେଚ୍ଛା ମୁଁ ଆଶା ରଖୁଛି ଯେ, ଗୋଟେମାଲ୍‌ନ ଅଧିବାସୀଙ୍କ ତରଫରୁ ଆପଣମାନଙ୍କୁ ଭରପୂର ସାହାଯ୍ୟ ସହଯୋଗ ମିଳିବ ।

Victor Hugo Rivas ସାହେବ ଯିଏ ହେଉଛନ୍ତି ଜଣେ ବ୍ୟାଙ୍କ ଅଫିସର, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ଯମାତ୍‌ର ମୋଟୋ ବହୁତ ଭଲ ଓ ଯେଉଁ ବାର୍ତାକୁ ଆପଣଙ୍କ ଜମାତ୍ ଏଠାକୁ ନେଇ ଆସିଛନ୍ତି ଅର୍ଥାତ୍ ପ୍ରାଣୀଜଗତର ସାହାଯ୍ୟ କରିବା ଏବଂ ବିଭିନ୍ନ ଇଲାକାରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୁବିଧାମାନ ଯୋଗାଇଦେବା ଇତ୍ୟାଦି କାର୍ଯ୍ୟ ଏ ଦେଶ ପାଇଁ ଆବଶ୍ୟକ ଓ ବହୁତ ଭଲ ପଦକ୍ଷେପ । ମୁଁ ଖଲିଫା ସାହେବଙ୍କ ଅଭିଭାଷଣ ମଧ୍ୟ ଶୁଣିଛି । ଉକ୍ତ ମହାନ ଅଭିଭାଷଣର ସାରାଂଶ ଏହା ଥିଲା ଯେ, ପ୍ରାଣୀଜଗତ ସହିତ ସହାନୁଭୂତି ଦେଖାଇବା । ଏଠାରେ ଯେଉଁ ନାସିର ହସ୍ପିଟାଲ ଖୋଲାଯାଇଛି । ଏହା ତାର ସ୍ୱଷ୍ଟ ଓ ଜୀବନ୍ତ ଉଦାହରଣ ।

ଜଣେ ସ୍ଥାନୀୟ ଗୋଟେମୋଲନ ମହିଳା Luisa Giron ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ଡ଼ାକ୍ତରଖାନାର ଉଦ୍‌ଘାଟନୀ ଉତ୍ସବ ସମାରୋହ ଭାବନାତ୍ମକ ଭାବରେ ପରିପୂର୍ଣ୍ଣ ଥିଲା । ଏହା ଏକ ବହୁତ ବଡ଼ ପ୍ରୋଜେକ୍ଟର ଶୁଭାରମ୍ଭ ଥିଲା ଯଦ୍ୱାରା ହଜାର ହଜାର ଲୋକମାନଙ୍କୁ ଲାଭ ପହଂଚାଇବ । ଏହି ଡ଼ାକ୍ତରଖାନାର ଉଦ୍‌ଘାଟନୀ ଉତ୍ସବରେ ଖଲିଫାଙ୍କ ଆଗମନ ବହୁତ ମହାନ ବରକତ୍ ଅଟେ ଓ ଖଲିଫାଙ୍କ ଉପସ୍ଥିତିରେ ବସିବା ଦ୍ୱାରା ଶାନ୍ତି ଅନୁଭବ ହୋଇଛି ।

ଆଉ ଜଣେ ଗୋଟେମାଲ୍‌ନ ଡ଼ାକ୍ତର Diana Campos ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ହଜୁରଙ୍କ ଅଭିଭାଷଣରେ ଗରୀବ ଲୋକମାନଙ୍କୁ ସାହାଯ୍ୟ କରିବାପାଇଁ ଯେଉଁ ବାର୍ତା ଥିଲା ମୁଁ ନିଜେ ମଧ୍ୟ ସେହି ବାର୍ତା ଉପରେ ପରିଚାଳିତ ହେବି । ଧର୍ମ ମଧ୍ୟ ଏ କଥା ଶିଖାଇଥାଏ ଯେ, ଈଶ୍ୱରଙ୍କୁ ଧନ୍ୟବାଦ ଏପରି ଅର୍ପଣ କରାଯାଉ ଯେ, ତା ଦ୍ୱାରା ଗରୀବ ଲୋକମାନଙ୍କୁ ସାହାଯ୍ୟ ହେବ । ଖଲିଫାଙ୍କ ଅଭିଭାଷଣ ଏ ପ୍ରସଙ୍ଗରେ ବହୁତ ପ୍ରଭାବଶାଳୀ ଥିଲା ଯେ ପ୍ରତ୍ୟେକ ଅଭାବୀ ଲୋକଙ୍କୁ ସାହାଯ୍ୟ କରାଯାଉ । ଏହି ବାର୍ତା ମୋତେ ସବୁଠାରୁ ଅଧିକ ଭଲ ଲାଗିଲା ଯେ, ଯେଉଁଠି ପ୍ରକୃତ ଇସ୍‌ଲାମ ଥିବ ସେଠାରେ ପ୍ରେମ ଥିବ ଓ ଏ କଥା ମଧ୍ୟ ପସନ୍ଦ ଆସିଲା ଯେ, ଈଶ୍ୱରଙ୍କ ଖାତିର ଆପଣ ପ୍ରତ୍ୟେକ ଗରୀବଙ୍କୁ ସାହାଯ୍ୟ କରିବେ । ଆପଣ ଏହି କାର୍ଯ୍ୟ ପାଇଁ ଗୋଟେମାଲାକୁ ଚୟନ କରିଥିବାରୁ ମୁଁ ଆପଣଙ୍କର କୃତଜ୍ଞତା ଜ୍ଞାପନ କରୁଅଛି । ଆମେ ଏକ ଜାତି ରୂପେ ଆଶା କରୁଛୁ ଯେ, ଆସନ୍ତାକୁ ମଧ୍ୟ ଖଲିଫା ଆମ ନିକଟକୁ ଆସିବେ ।

ଜଣେ ସ୍ଥାନୀୟ ଗୋଟେମୋଲ୍‌ନ ବିଜିନେସ୍ ଓମ୍ୟାନ ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ମୋତେ ଆପଣଙ୍କ ଖଲିଫାଙ୍କ ତରଫରୁ ପ୍ରଦାନ କରାଯାଇଥିବା ପ୍ରେମ ଓ ଶାନ୍ତିର ବାର୍ତା ବହୁତ ଭଲ ଲାଗିଲା ଓ ଏହି କଥା ମଧ୍ୟ ଭଲ ଲାଗିଲା ଯେ, ବିନା କୌଣସି ପ୍ରତିବଦଳର ଆଶା ରଖି ଅଭାବି ଲୋକମାନଙ୍କୁ ସାହାଯ୍ୟ କରିବା ହେଉଛ ବାସ୍ତବିକ ଇସଲାମର ଆତ୍ମା । ଏହା ମଧ୍ୟ ଶୁଣି ବହୁତ ଭଲ ଲାଗିଲା ଯେ, ଅଭାବୀ ଲୋକମାନେ ସାହାଯ୍ୟ ପାଇଁ ମାଗିବା ପୂର୍ବରୁ ହିଁ ସେମାନଙ୍କୁ ସାହାଯ୍ୟ କର ।

Jorge Navas ଯିଏ କର୍ମସିଆଲ୍ ଇଣ୍ଡଷ୍ଟ୍ରିର ପ୍ରତିନିଧିରୂପେ ଏହି ପ୍ରୋଗ୍ରାମରେ ସାମିଲ ହୋଇଥିଲେ ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ଏହି ପ୍ରୋଗ୍ରାମ ଗୋଟେମୋଲା ଦେଶ ପାଇଁ ବହୁତ ଉତମ ପ୍ରୋଗ୍ରାମ ଥିଲା । ମୁଁ ଧନ୍ୟବାଦ ମଧ୍ୟ ଜଣାଇବାକୁ ଚାହୁଁଛି ଯେ, ଏତେ ଭଲ ନିୟତ ସହିତ ଆପଣମାନେ ଏହି ଡ଼ାକ୍ତରଖାନାର ନିର୍ମାଣ କରିଛନ୍ତି ଯାହା ଗୋଟେମାଲାର ଲୋକମାନଙ୍କୁ ସାହାଯ୍ୟ କରିବ ।

Evelyn Vazquez ସାହେବ ଯିଏ ହେଉଛନ୍ତି ଗୋଟେମୋଲନ୍ ପତ୍ରକାର ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ମୋତେ ଯେଉଁ ଜିନିଷ ସବୁଠାରୁ ଅଧିକ ପ୍ରଭାବିତ କରିଛି, ତାହା ହେଉଛି ଏହା କି, ଧର୍ମ ସମ୍ବନ୍ଧରେ କୌଣସି ବାଧ ବାଧକତା ନାହିଁ ବରଂ ଏହା ଏଥିରେ ମଧ୍ୟ ଜଣେ ଅନ୍ୟ ଜଣକର ଧ୍ୟାନ ରଖିବା ଉଚିତ୍ । ଖଲିଫା ଆମକୁ ଏହି ବାର୍ତା ଦେଇଛନ୍ତି । ତତ୍‌ସହିତ ଏହା ମଧ୍ୟ କହିଛନ୍ତି ଯେ, ଆମେ ସମସ୍ତେ ସମାନ ଅଧିକାର ପାଇବାର ହକ୍ ରହିଛି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକ ସୁନ୍ଦର ଜୀବନର ସ୍ତର ମିଳିବା ଉଚିତ ଯାହା ବର୍ତମାନ ଆମଦେଶରେ ନାମକୁ ମାତ୍ର । ମୋତେ ଏ କଥାରେ ମଧ୍ୟ ଖୁସି ଲାଗୁଛି ଯେ, ଏହି ଡ଼ାକ୍ତରଖାନା ଖୋଲାଯାଇଥିବାରୁ ବହୁତ ଲୋକେ ଡ଼ାକ୍ତରୀ ସୁବିଧା ଲାଭ କରିବେ ଏବଂ ସେହି ଗରୀବ ଶ୍ରେଣୀର ଲୋକମାନେ ଯେଉଁମାନେ ଅର୍ଥ ଅଭାବରୁ ଡ଼ାକ୍ତରଙ୍କ ନିକଟକୁ ଯିବା ପାଇଁ ଭୟ କରୁଛନ୍ତି, ସେହି ଲୋକମାନଙ୍କୁ ଏହି ହସ୍ପିଟାଲ ସାହାଯ୍ୟ କରିବ ।

**(ବହଓ୍ୱାଲା ଅଖ୍‌ବାର ବଦର ଉର୍ଦ୍ଦୁ ୨୧,୨୮ ଫେବୃୟାରୀ ୨୦୧୯)**

⌘⌘⌘ ⌘⌘⌘ ⌘⌘⌘

**ଖୁଲାସା ଖୁତ୍‌ବା ଜୁମା- ୨୨ ମାର୍ଚ୍ଚ ୨୦୧୯**

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- କାଲି ୨୩ମାର୍ଚ୍ଚ ଏବଂ ଉକ୍ତ ଦିବସ ଜମାଅତରେ ମସିହ ମଉଦ ଅ.ସ ରୂପେ ପାଳିତ କରାଯାଇଥାଏ । ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନୀ ଏହି ଦିବସରେ ଘୋଷଣା କରିଥିଲେ କି ମୁଁ ହିଁ ମସିହ ମଉଦ ଅର୍ଥାତ ପ୍ରତିଶୃତ ମସିହ ଯାହାର ଆଗମନ ସମ୍ପର୍କରେ ହଜରତ ମହମ୍ମଦ ସ.ଅ ଭବିଷ୍ୟବାଣୀ କରି (ପାରମ୍ପାରିକ ରୂପେ ନିଜ ଅନୁଗାମୀମାନଙ୍କ ଠାରୁ) ବୈଅତ ନେବାର ଶୁଭାରମ୍ଭ କରିଥିଲେ । ବର୍ତମାନ ମୁଁ ହଜରତ ମସିହ ମଉଦ ଅ.ସଙ୍କ କେତେକ ଆଦେଶ ଏବଂ କଥନ ଆପଣଙ୍କ ସମ୍ମୁଖରେ ଉପସ୍ଥାପନ କରିବି । ଯହିଁର ହଜରତ ମସିହ ମଉଦ ଅ.ସଙ୍କ ଆଗମନର ଆବଶ୍ୟକତା, ଯୁଗର ପରିସ୍ଥିତି ଓ ତାଙ୍କର ଘୋଷଣା ସମ୍ପର୍କିତ ଭବିଷ୍ୟବାଣୀ ଉପରେ ଆଲୋକପାତ କରିବି ।

ଏହି ଯୁଗ ଜଣେ ସୁଧାରକ ଓ ସଂସ୍କାରକର ପ୍ରବଳ ଆବଶ୍ୟକ କରୁଥିଲା କି ତାଙ୍କର ଆଗମନ ହେଉ । ଯେ ଜଳଚ୍ୟୁତ ନୌକାର ଉଦ୍ଧାର କରି ତାହାର ନିୟନ୍ତ୍ରିତ ରକ୍ଷା କରି ଆଗକୁ ନେଇଚାଲିବ । କିନ୍ତୁ ଦୁର୍ଭାଗ୍ୟବଶତଃ ଯେଉଁମାନେ ପୂର୍ବେ ଉକ୍ତ ମସିହ ମଉଦଙ୍କ ଅପେକ୍ଷା କରି ବସିଥିଲେ ସେହି ମୁସଲମାନମାନଙ୍କ ମଧ୍ୟରୁ ଅନେକ ହଜରତ ମସିହ ମଉଦ ଅ.ସଙ୍କ ଘୋଷଣା କରିବା ଶୁଣି ତାଙ୍କ ବିରୋଧ କରିବା ଆରମ୍ଭ କରିଦେଲେ ଏବଂ ସାଧାରଣ ମୁସଲମାନମାନଙ୍କୁ ମିଥ୍ୟା କାହାଣୀ ଶୁଣାଇ ହଜରତ ମସିହ ମଉଦ ଅ.ସ ଏବଂ ତାଙ୍କ ଜମାଅତ ବିରୁଦ୍ଧରେ ଏଭଳି ଅପପ୍ରଚାର କଲେ ଯେ, ନାମକୁ ମାତ୍ର ମୌଲବି ବୋଲାଉଥିବା ଧର୍ମଗୁରୁଗଣ ଅହମଦିଙ୍କ ବିରୁଦ୍ଧରେ ଧର୍ମଜ୍ଞାନ ମୂଳକ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଲେ । ଆଜି ପର୍ଯ୍ୟନ୍ତ ଅହମଦିମାନଙ୍କ ଉପରେ କେତେକ ସ୍ଥାନରେ ଇସଲାମ ନାମରେ ଅତ୍ୟାଚାର, ବର୍ବରତା ଓ ସେମାନଙ୍କ ପ୍ରାଣ ନାଶ କରିବା ଭଳୁ ଭୟାବହ ଓ ଆମାନୁଷିକ ହରକତ ଦେଖିବାକୁ ମିଳୁଅଛି । ଇସଲାମ ଧର୍ମର ବାସ୍ତବିକତା ସମ୍ପର୍କରେ ଅବଗତ ଥିବା ଲୋକମାନେ ଏପରି କଦାଚିତ ଚିନ୍ତା କରିପାରିବେ ନାହିଁ ତଥା ସେମାନେ ଏପରି ଦୁଷ୍କୃତ୍ୟମୂଳକ ଆଚରଣ ପ୍ରଦର୍ଶନ କରିବେ ନାହିଁ । ଏହାର ଚର୍ଚ୍ଚା କରି ହଜୁର ଅନଓ୍ୱର ଅ.ବ କୁହନ୍ତି କି ହଜରତ ମସିହ ମଉଦ ଅ.ସଙ୍କ ଆଗମନର ଉଦ୍ଦେ୍ୟ ଓ ଆବଶ୍ୟକତା କଣ ? ଅଲ୍ଲାଃତାଲା କୁରଆନ୍ କରିମ୍‌ରେ ବର୍ଣ୍ଣନା କରିଛନ୍ତି ଇସ୍ରାଇଲି ଓ ଇସମାଇଲି ନାମକ ଦୁଇଟି ଗୋଷ୍ଠୀରେ ଖିଲାଫତ୍‌ର ସାଦୃଶ୍ୟତା ସମ୍ପର୍କରେ ସ୍ପଷ୍ଟ କରି ଇଙ୍ଗିତ କରିଛନ୍ତି କି **ଓ୍ୱାଦଲ୍ଲାହୁଲ୍ ଲଜିନା ଆମନୁ ମିନ୍‌କୁମ୍ ଓ୍ୱ ଆମିଲୁସ୍ ସାଲିହାତି ଲୟସ୍ ତଖଲିଫନ୍ନହୁମ୍ ଫିଲ୍ ଅରଜେ କମସ ତଖଲଫ୍ ଲଜିନା ମିନ୍ କବ୍ ଲିହିମ୍** (ସୁରେ ନୁର-୫୬) ଅର୍ଥାତ ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ ଆଣିବା ସହ ସମୁଚିତ କର୍ମ ସମ୍ପାଦନ କରିଥାନ୍ତି ସେମାନଙ୍କ ସହ ଅଲ୍ଲାଃ ଅଙ୍ଗୀକାର କରିଛନ୍ତି ଯେ, ସେମାନଙ୍କୁ ଭୂପୃଷ୍ଟରେ ଖଲିଫା କରିବେ । ଯେପରି ସେମାନଙ୍କ ପୂର୍ବଜମାନଙ୍କ ମଧ୍ୟରେ ଖଲିଫା କରିଥିଲେ । ହଜୁର ଅନଓ୍ୱର ଅ.ବ କହିଲେ- ଇସ୍ରାଇଲି ଗୋଷ୍ଠୀ ଶେଷ ଖଲିଫା ଯିଏକି ଇର୍ତୁଦଶ ଶତାବ୍ଦୀ ପରେ ହଜରତ ମୁସା ଅ.ସଙ୍କ ପରେ ଆସିଥିଲା ସେ ହଜରତ ମସିହ ନାସରୀ ଥିଲେ । ସୁତରାଂ ତୁଳନାତ୍ମକ ରୂପେ ଏହା ସୁନିଶ୍ଚିତ ଯେ, ଏହି ଇସାଇଲି ଗୋଷ୍ଠୀ ମସିହ ମଉଦଙ୍କ ଚତୁର୍ଦଶ ଶତାବ୍ଦୀର ଶୀର୍ଷରେ ଆବିର୍ଭାବ ହେବ । ଏହା ବ୍ୟତୀତ କଶ୍‌ଫ (ଦିବ୍ୟ ସ୍ୱପ୍ନ)ମାନ ଏହି ଶତାବ୍ଦୀକୁ ମସିହ ମଉଦ ଅ.ସଙ୍କ ଆର୍ବିଭାବ ଅଭିହିତ କରୁଅଛି । ଯେପରି ହଜରତ ଶାହ୍ ଓ୍ୱଲିଉଲ୍ଲାଃ ସାହେବ ଆସିଙ୍କ ପରି ମୁସଲେହ୍ (ସୁଧାରକ) ହଜରତ ମସିହ ମଉଦ ଅ.ସଙ୍କ ଆବିର୍ଭାବ ସମ୍ପର୍କରେ ସହମତ ପ୍ରକାଶ କରିଛନ୍ତି । ଅଲାମାତେ ସୁଗରା (କ୍ଷୁଦ୍ର ନିଦର୍ଶନ)ର

ସମଷ୍ଟି ଏବଂ ଅଲାମାତେ କୁବରା (ବଡ଼ ନିଦର୍ଶନ) ଗୋଟିଏ ଦୃଷ୍ଟି କୋଣରୁ ପୂରଣ ହୋଇଯାଇଛି । ସେ ଯାହା ହେଉ ନା କାହିଁକି ହଜରତ ମସିହ ମଉଦ ଅ.ସ ବର୍ଣ୍ଣନା କରନ୍ତି ଯେ, ମସିହ ମଉଦଙ୍କ ଆଗମନ ସମ୍ପର୍କିତ ନିଦର୍ଶନ ପୂରଣ ହୋଇଯାଇଛି । ଆଗମନକାରୀ ମସିହ ମଉଦଙ୍କ ନିଦର୍ଶନ ଏହି କି ଯେ, ଏହି ଯୁଗରେ ରମଜାନ ମାସରେ କୁସୁଫ୍ ଖୁସୁଫ୍ ଅର୍ଥାତ ସୂର୍ଯ୍ୟ ଗ୍ରହଣ ଓ ଚନ୍ଦ୍ର ପରାଗ ଭବିଷ୍ୟବାଣୀର ଧାର୍ଯ୍ୟ ସମୟରେ ଘଟିବ । ହଜୁର ଅ.ସ ବର୍ଣ୍ଣନା କରନ୍ତି ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ ସେହି ପ୍ରତିଶ୍ରୁତ ମସିହଙ୍କ ଘୋଷଣା କରିବା ଅନ୍ତେ ଘଟିବ । ଏଭଳି ଘଟିବା କୌଣସି ସାଧାରଣ କଥା ନୁହେଁ, ନା ପୂର୍ବରୁ ଏପରି କୌଣସି ଘଟଣା ଘଟିଛି । ଏହା ଏକ ଏପରି ନିଦର୍ଶନ ଯଦ୍ୱାରା ଅଲ୍ଲାଃତାଲାଙ୍କୁ ସମଗ୍ର ପୃଥିବୀରେ ଆଗମନକାରୀର ଉଦଘୋଷଣା କରିବାର ଥିଲା । ସୁତରାଂ ଆରବବାସୀ ମଧ ଏହି ନିଦର୍ଶନକୁ ଦେଖି ନିଜର ପରିହାସ ଅନୁଯାୟୀ ସଠିକ୍ ବୋଲି କହିଲେ । ହଜରତ ମସିହ ମଉଦ ଅ.ସ କୁହନ୍ତି- ଆମର ବିଜ୍ଞପ୍ତି ଉଦାହରଣକାରୀ ରୂପେ ଯେଉଁଠି ପହଂଚିପାରୁ ନଥିଲେ ସେଠାରେ ସେତେବେଳେ ଏହି ସୂର୍ଯ୍ୟ ଓ ଚନ୍ଦ୍ର ହିଁ ଆଗମନକାରୀ ସମ୍ପର୍କରେ ଉଦଘୋଷଣା କଲେ । ଅତଃ ଏହା ସେହି ଈଶ୍ୱରଙ୍କର ନିଦର୍ଶନ ଯାହାକି ମନୁଷ୍ୟର ଯୋଜନାରୁ ସମ୍ପୂର୍ଣ୍ଣ ପବିତ୍ର ଓ ସ୍ୱତନ୍ତ୍ର । ହଜରତ ମହମ୍ମଦ ସ.ଅ ଏହା ମଧ କହିଲେ ଆଦମ ଅ.ସଙ୍କ ଆରମ୍ଭ କରି ମସିହଙ୍କ ଆଗମନ ପର୍ଯ୍ୟନ୍ତ ଏମିତି କୌଣସି ଘଟଣା ଘଟି ନାହିଁ । ଯଦି କୌଣସି ବ୍ୟକ୍ତି ଏହା ପ୍ରମାଣିତ କରି ଦେଖାଇ ଦିଏ ତେବେ ଆମ୍ଭେ ସ୍ୱୀକାର କରିନେବୁ ।

ପୁନଶ୍ଚ ହଜୁର ଅ.ସ କୁହନ୍ତି- ଅନ୍ୟ ଏକ ନିଦର୍ଶନ ହେଉଛି ମସହ ମଉଦଙ୍କ ସମୟ କାଳରେ ହୁସ୍ ସିନ୍ନୈନ ନାମକ ତାରକାର ଉଦୟ ହେବ । ଅର୍ଥାତ ସେହି ତାରକା ଯାହାକି ହଜରତ ଯୀଶୁ ଖ୍ରୀଷ୍ଟଙ୍କ ସମୟରେ ଉଦିତ ହୋଇଥିଲା । ବର୍ତମାନ ସେହି ତାରକା ମଧ ଉଦୟ ହୋଇଗଲା । ପବିତ୍ର କୁରଆନ୍‌ରେ ମଧ ଉଲ୍ଲେଖ ରହିଛି **ୱଇଜାଲ୍ ଇଶାରୁ ଉତିଲତ୍ ୱଇଜଲ୍ ଉହୁଶୁ ହୁଶିରତ୍ ୱଇଜଲ୍ ବିହାରୁ ସୁଜିରତ୍ ୱଇଜଲ୍ ନୁଫୁସୁ ଜୁୱିଜତ୍ ୱଇଜଲ୍ ମଉଦତୁ ସୁଇଲତ୍ ବି ଅୟୌଜନବିନ୍ କୁତିଲତ୍ ୱଇଜ୍ ସହୁଫୁ ନୁଶିରତ୍** (ସୁରେ ତକ୍‌ୱିର୍-୫ରୁ୧୧) ଅର୍ଥାତ ଯେତେବେଳେ ଦଶ ମାସର ଗର୍ଭବତୀ ଓଟମାନଙ୍କୁ ପରିତ୍ୟାଗ କରାହେବ । ଯେତେବେଳେ ବନ୍ୟପ୍ରାଣୀ ଏକତ୍ରିତ କରାହେବେ । ଯେତେବେଳେ ନଦୀଗୁଡ଼ିକୁ ଅନ୍ୟ ନଦୀ ସହିତ ମିଶାଇ ଦିଆଯିବ । ଯେତେବେଳେ ବିଭିନ୍ନ ଲୋକମାନଙ୍କୁ ଏକତ୍ରିତ କରା ହେବ । ଯେତେବେଳେ ଜୀବନ୍ତ ପୋତି ଦିଆଯାଇଥରବା (କନ୍ୟା) ବିଷୟରେ ପ୍ରଶ୍ନ ହେବ । ଯେ କେଉଁ ଅପରାଧରେ ତାହାକୁ ବଧ କରାଯାଇଥିଲା ? ଯେତେବେଳେ ପୁସ୍ତକଗୁଡ଼ିକର ପ୍ରସାରଣ ହେବ ।

ଉପରୋକ୍ତ ବର୍ଣ୍ଣିତ ସମସ୍ତ ପଂକ୍ତି କୁରଆନ କରିମ୍‌ର ଗୋଟିଏ ଗୋଟିଏ ଭବିଷ୍ୟବାଣୀ । କାରଣ ବନ୍ୟ ପ୍ରାଣୀମାନଙ୍କୁ ଏକତ୍ରିତ କରାଯିବାର ବ୍ୟାଖ୍ୟା ହେଲା, ଚିଡ଼ିଆ ଖାନାର ପ୍ରତିଷ୍ଠା କରିବା । ଶିକ୍ଷା ସର୍ବସାଧାରଣରେ ଗୃହୀତ ହୋଇ ସଂସାରରେ ବିସ୍ତାରିତ ହୋଇଗଲାଣି । କେତେକ ସ୍ଥାନୀୟ ଲୋକମାନଙ୍କୁ କେତେକ ସମ୍ପ୍ରଦାୟମାନେ ଆକ୍ରମଣ କରି ସେମାନଙ୍କର ମୂଳୋତ୍ପାଟନ କଲେ । ପୁନଶ୍ଚ ନଦୀ ଓ ସମୁଦ୍ରକୁ ପ୍ରବାହିତ କରି ସେମାନଙ୍କୁ ନଦୀ ଓ ସମୁଦ୍ର ସହିତ ଏକତ୍ରିତ କରିବାର ଭବିଷ୍ୟବାଣୀ କୁରଆନ୍‌ରେ ଉଲ୍ଲେଖ ରହିଛି । ସେତେବେଳେ ନାରୀ ଉପରେ ଯେଉଁ ଅତ୍ୟାଚାର ହେଉଥିଲା ତାହାର ପ୍ରତିବାଦରେ ସେ ପ୍ରଶ୍ନ କରିବ କି କେଉଁ କାରଣ ହେତୁ ମୋତେ ବଧ କରାଯାଉଛି । ପୁସ୍ତକଗୁଡ଼ିକର ସଂପ୍ରସାରଣ କରାହେବ । ଅର୍ଥାତ ସମ୍ବାଦ ଗଣମାଧ୍ୟମର ବହୁଳ ଭାବରେ ପ୍ରସାର ଘଟିବ । ସୁତରାଂ ଉପରୋକ୍ତ ସମସ୍ତ ଭବିଷ୍ୟବାଣୀ ପ୍ରମାଣିତ କରୁଅଛି ଯେ, ଏହି ଯୁଗ ମସିହ ମଉଦ ଅ.ସଙ୍କ ଯୁଗ ଅଟେ ଏବଂ ପବିତ୍ର କୁରଆନ ତତସମ୍ପର୍କିତ ଭବିଷ୍ୟବାଣୀର ଉଲ୍ଲେଖ ରହିଛି ।

ପୁନଶ୍ଚ ଅତିରିକ୍ତ ନିଦର୍ଶନ ନିଦର୍ଶନ ସମ୍ପର୍କରେ ହଜରତ ମସିହ ମଉଦ ଅ.ସ ବର୍ଣ୍ଣନା କରନ୍ତି- ବିଭିନ୍ନ ପ୍ରକାରର ବିପଦର ଆଗମନ ହେବେ ଏବଂ ଅତ୍ୟଧିକ ଦୁର୍ଘଟଣା ଘଟିବ । ଆକାଶୀୟ ବିପତି ଦୁର୍ଭିକ୍ଷ, ପ୍ଲେଗ୍ ଓ ହଇଜାର ରୂପ ଧାରଣ କଲା । ପ୍ଲେଗ୍ ଏକ ଏପରି ମାରାତ୍ମକ ରୋଗ ଯିଏକି ଇଂରେଜ ସରକାରଙ୍କୁ ପ୍ରକମ୍ପିତ ଓ ଆନ୍ଦୋଳିତ କରିଦେଇଥିଲା । ତେଣୁ ମାମୁର ମିନଲ୍ଲାଃଙ୍କ ନିମନ୍ତେ ଏହା ଉଦ୍ଦିଷ୍ଟ ଯେ, ସେ ନିଜର ସତ୍ୟତା ପ୍ରତିପାଦନ କରିବା ନିମନ୍ତେ ଆକାଶୀୟ ପ୍ରମାଣ ଲୋକମାନଙ୍କ ନିକଟରେ ଉପସ୍ଥାପନ କରୁ । ହଜୁର ଅ.ସ କହିଲେ ଲେଖରାମର ନିଦର୍ଶନ କଣ କମ୍ ଥିଲା ଯେ, ସେଥି ସହ ତାହାର ସଂହାର ସ୍ୱରୂପ ଗୋଟିଏ ସର୍ତ ଯୋଡ଼ି ହୋଇରହିଥିଲା । ପୁଣି ଏକ ଘଟଣା ଘଟିଲା ଯେପରି କୁହାଯାଏ, ଏହାର ଉପରି ଅନ୍ୟ କୌଣସି ଦୃଷ୍ଟାନ୍ତ ରହିଛି କି ? ପିନଶ୍ଚ ଧର୍ମ ମହୋତ୍ସବ ସମ୍ପର୍କରେ ମଧ ଅଲ୍ଲାଃତାଲା ଅନେକ ଦିନ ପୂର୍ବରୁ ଆମକୁ ସୂଚିତ କରିଦେଇଥିଲେ କି ଆମ୍ଭର ଲେଖା ସମସ୍ତଙ୍କ (ଲେଖା) ଉପରେ ପ୍ରଧାନ୍ୟ ଲାଭ କରିବ । ତେଣୁ ଯେଉଁ ଲୋକମାନେ ଏହି ମହାନ ଓ ଭବ୍ୟ ନିଦର୍ଶନକୁ ଦେଖିଛନ୍ତି ସେମାନେ ସ୍ୱୟଂ ଚିନ୍ତା କରିପାରିବେ ଯେ, ଏପରି ଜଲସାରେ ଜୟଯୁକ୍ତ ହେବାର ଭବିଷ୍ୟତବାଣୀ ସମୟ ପୂର୍ବରୁ ଘୋଷଣା କରିବା କୌଣସି ଅନୁମାନ ଅବା କଳ୍ପନା ନୁହେଁ । ବରଂ ସମ୍ପୂର୍ଣ୍ଣ ଐଶ୍ୱୀବାଣୀ ଉପରେ ଆଧାରିତ । ଏବଂ ସେହିପରି ହିଁ ପ୍ରକାଶ ପାଇଲା ଯେପରିକି ପୂର୍ବରୁ କୁହାଯାଇଥିଲା ଯେ, ଅଲ୍ଲାଃତାଲା ଆମ୍ଭକୁ ଅନ୍ୟ ବ୍ୟକ୍ତିଙ୍କ ଲେଖନୀ ତୁଳନାରେ ଜୟଯୁକ୍ତ କରାଇବେ । ଏହି ଲେଖନୀ ସମ୍ପର୍କରେ ଲୋକମାନେ ନିଜ ପ୍ରତିକ୍ରିୟା ମଧ ପ୍ରକାଶ କଲେ କି ବାସ୍ତବରେ ମିର୍ଜା ସାହେବଙ୍କ ଲେଖନୀ ସର୍ବଶ୍ରେଷ୍ଠ ଅଟେ ।

ପୁନଶ୍ଚ ହଜରତ ମସିହ ମଉଦ ଅ.ସ ଈଶ୍ୱରଙ୍କ ନିକଟରୁ ଆଦେଶିତ ହେବାର ପ୍ରମାଣ ଦର୍ଶାଇ କୁନ୍ତି ବର୍ତମାନ ମୋର ମାମୁର୍ ହେବାର ଅନେକ ପ୍ରମାଣମାନ ରହିଛି । ସର୍ବପ୍ରଥମ ହେଲା ଅନ୍ତଃ ପ୍ରମାଣ (୨) ବାହ୍ୟ ପ୍ରମାଣ (୩) ଶତାବ୍ଦୀ ଶୀର୍ଷରେ ଆଗମନକାରୀ ସଂସ୍କାରକ ସମ୍ପର୍କରେ ହଦିସ ସହୀରେ ପ୍ରମାଣ ଦେଖିବାକୁ ମିଳେ (୪) **ଇନ୍ନା ନହ୍‌ନୁ ନଜ୍ଜଲ୍‌ନଜ୍ ଜିକ୍ରା ୱଇନ୍ନା ଲହୁ ଲହାଫିଜୁନ୍** ସୁରକ୍ଷାର ପ୍ରତିଶ୍ରୁତି (୫) ସବୁଠାରୁ ବଳିଷ୍ଠ ପ୍ରମାଣ ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନରେ ଦର୍ଶାଇଛନ୍ତି **ୱାଦଲ୍ଲାହୁଲ୍ ଲଜିନା ଆମନୁ ମିନ୍‌କୁମ୍ ୱ ଆମିଲୁସ୍ ସାଲି ହାତି ଲୟସ୍ ତଖଲିଫନ୍ନହୁମ୍ ଫିଲ୍ ଅରଜେ କମସ ତଖଲଫ୍ ଲଜିନା ମିନ୍ କବ୍ ଲିହିମ୍** (ସୁରେ ନୁର-୫୬) ।

ଉପରୋକ୍ତ ଆୟତରେ ଖିଲାଫତ୍‌ର ପ୍ରତିଶ୍ରୁତି ଅନୁଯାୟୀ ହଜୁର ସ.ଅଙ୍କ ସମ୍ପ୍ରଦାୟରେ ଯେ ଖଲିଫା ହେବେ ସେମାନେ ପୂର୍ବ ଖଲିଫାଙ୍କ ପରି ହେବେ । ସେହିପରି କୁରଆନ୍ କରିମ୍‌ରେ ହଜୁର ସ.ଅଙ୍କୁ ହଜରତ ମୁସା ଅ.ସଙ୍କ ପରି ସାଦୃଶ୍ୟତା ରଖୁଥିବେ ବୋଲି କୁହାଯାଇଛି । ଯେପରି ଅଲ୍ଲାଃତାଲା କୁରଆନ୍ କରିମ୍‌ରେ ବର୍ଣ୍ଣନା କରନ୍ତି ଯେ, **ଇନ୍ନ ଅର୍‌ସଲ୍‌ନା ଇଲୈକୁମ୍ ରସୁଲନ୍ ଶାହିଦନ୍ କମା ଅର୍‌ସଲ୍‌ନା ଇଲା ଫିର୍ ଅଓ୍‌ନା ରସୁଲା** (ସୁରେ ମୁଜମିଲ୍-୧୭) ଅର୍ଥାତ ହେ ଲୋକମାନେ ତୁମମାନଙ୍କ ନିକଟକୁ ଏପରି ଜଣେ ରସୁଲଙ୍କୁ ପ୍ରେରଣ କରିଅଛୁ ଯେ ତୁମମାନଙ୍କର ତତ୍ୱାବଧାରକ ଅଟନ୍ତି । ଯେପରି ଆମେ ଫିରଓନ ନିକଟକୁ ରସୁଲ ପ୍ରେରଣ କରିଥିଲୁ । ଏହି ସାଦୃଶ୍ୟତାରେ ଯେପରି କମା ଶବ୍ଦ ବ୍ୟବହାର ହୋଇଛି ଠିକ୍ ସେହିପରି ଦୁରା ନୁର୍‌ରେ କମା ଶବ୍ଦ ବ୍ୟବହାର ହୋଇଛି ଯାହାକି ସ୍ପଷ୍ଟ ରୂପେ ଏହା ପ୍ରମାଣ କରୁଅଛି କି ମୁସାଙ୍କ ସମ୍ପ୍ରଦାୟରେ ଖଲିଫାଙ୍କ ଆଗମନର ପରିସମାପ୍ତି ହଜରତ ଇସା ଅ.ସଙ୍କ ଆଗମନ ଦ୍ୱାରା ଘଟିଥିଲା ଏବଂ ହଜରତ ମୁସା ଅ.ସଙ୍କ ପରେ ଚତୁର୍ଦଶ ଶତାବ୍ଦୀରେ ତାଙ୍କର ଆର୍ବିଭାବ ହୋଇଥିଲା । ଏହି ଅନୁନ୍ୟ ସାଦୃଶ୍ୟ ଅନୁଯାୟୀ ଏହା ଆବଶ୍ୟକ ଯେ, ଚର୍ତୁଦଶ ଶତାବ୍ଦୀରେ ହଜରତ ମହମ୍ମଦ ସ.ଅଙ୍କ ଅନ୍ତେ ଠିକ୍ ଚର୍ତୁଦଶ ଶତାବ୍ଦୀରେ ଏହି ସମ୍ପ୍ରଦାୟରେ ମଧ ଜଣେ ଇସା ମସିହଙ୍କର ଆର୍ବିଭାବ ହେବା ଉଚିତ୍ ଯେ କି ମୁସଓି ସିଲସିଲାର ମସିହ ଓ ମେହଦିଙ୍କ ସହ ସାଦୃଶ୍ୟତା ରଖୁଥିବେ ଏବଂ ତାଙ୍କର ପଦାଙ୍କ ଅନୁସରଣ କରୁଥିବେ ।

ହଜୁର ଅନୱର ଅ.ବ କହିଲେ- ବର୍ତମାନ ମୁଁ ନିୟୁଜିଲ୍ୟାଣ୍ଡରେ ଘଟିଥିବା ବର୍ବର ହତ୍ୟା କାଣ୍ଡର ଚର୍ଚ୍ଚା କରିବି । ଯାହାକି ଗତ ଶୁକ୍ରବାର ଦିନ କହିଥାନ୍ତି କିନ୍ତୁ ଭାଗ୍ୟବଶତଃ ତାହା ମୋ ମସ୍ତିଷ୍କରୁ ଲିଭି ଯାଇଥିଲା । ସେ ଜାହା ହେଉ ନା କାହିଁକି ଏହି ଘଟଣା ପରେ ମୁଁ ଏକ ସାମ୍ପଦିକ ସମ୍ମିଳନୀର ଆୟୋଜନ ପାଇଁ ।ଦେଶ ଦେଇଥିଲି ଏବଂ ଜମାଅତ୍ ତରଫରୁ ଏହି ଘଟଣାର ନିନ୍ଦା ଏବଂ ଶୋକ୍ତ ବ୍ୟକ୍ତ କରାଯାଇଥିଲା । ଏହି ଘଟଣାରେ ଅନେକ ନିରିହ ଲୋକମାନେ ଛୋଟ ପିଲାମାନେ ଧାର୍ମିକ ସମ୍ପ୍ରଦାୟିକତା କାରଣ ଯୋଗୁଁ ବଳୀ ପିଡ଼ିଥିଲେ ଏବଂ ପ୍ରାଣ ହରାଇ ଥିଲେ ତଥା ବୀର ଗତି ପ୍ରପ୍ତ କରିଥିଲେ ଅଲ୍ଲାଃତାଲା ସେହି ସମସ୍ତ ବୀରଗତି ପ୍ରାପ୍ତ କରିଥିବା ଲୋକମାନଙ୍କ ଉପରେ ଦୟା ଅବତୀର୍ଣ୍ଣ କରନ୍ତୁ ଏବଂ ତାଙ୍କର ବନ୍ଧୁ ଓ ପରିବାରଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ (ଆମିନ୍) । ଇତ୍ୟବସରରେ କେତେକ କଥା ମଧ ସାମନାକୁ ଆସିଥିଲା ଯେ, ନ୍ୟୁୟୁଜିଲ୍ୟାଣ୍ଡ ସରକାର ବିଶେଷ କରି ପ୍ରଧାନ ମନ୍ତ୍ରୀ ଯେଉଁ ସର୍ବୋଚ୍ଚ ଆଚରଣ ପ୍ରଦର୍ଶନ କରିଛନ୍ତି ଏବଂ ସରକାରର ନିଜର କର୍ମ ସମ୍ପାଦନ କରିଛନ୍ତି ତାହା ନିଜ ଭିତରେ ଏକ ଆଦର୍ଶ ସୃଷ୍ଟି କରିଛି । ତେଣୁ ମୁସଲମାନମାନେ ମଧ ଉକ୍ତ ସରକାରଙ୍କ ଠାରୁ ଶିକ୍ଷା ନିଅନ୍ତୁ ଓ ଧାର୍ମିକ ସାମ୍ପ୍ରଦାୟିକତାକୁ ମୂଳୋତ୍ପାଟନ କରି ନିଜର ଭୂମିକାକୁ ପ୍ରତିପାଦିତ କରନ୍ତୁ । ସେଠିକାର ଜନତାମାନେ ମଧ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି, ଅଲ୍ଲାଃତାଲା ସେମାନଙ୍କର ପୁଣ୍ୟକୁ ଗ୍ରହଣ କରି ସେମାନଙ୍କୁ ସତ୍ୟ ଓ ସଠିକ୍ ମାର୍ଗରେ ପରିଚାଳିତ ହେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

ସେହି ମସଜିଦ୍‌ରେ ଯେଉଁ ଲୋକମାନେ ଉପସ୍ଥିତ ଥିଲେ ତନ୍ମଧ୍ୟରୁ ଜଣେ ମହିଳାଙ୍କର ଦୂର ଦର୍ଶନରେ ଇଣ୍ଟରଭ୍ୟୁ ଆସିଥିଲା । ଉକ୍ତ ମହିଳା ଜଣକ ଅସାଧାରଣ ଧୈଯ୍ୟ ପ୍ରଦର୍ଶନ କରିଛନ୍ତି । ତାଙ୍କର ସ୍ୱାମୀ ଓ ୨୧ବର୍ଷିୟ ପୁତ୍ର ଉକ୍ତ ଦୁଖଃଦ ଘଟଣାରେ ଲୋକଙ୍କୁ ସାହାଯ୍ୟ କରୁଥିବା ଅବସ୍ଥାରେ ନିଜ ପ୍ରାଣ ହରାଇଥିଲେ । ସେ ଜାହା ହେଉ ନା କହିଁକି ସେମାନେ ପୁଣ୍ୟ ପ୍ରାପ୍ତି ଉଦ୍ଦେଶ୍ୟରେ ନିଜ ପ୍ରାଣର ଆହୁତୀ ଦେଥିଲେ । ଅଲ୍ଲାତାଲା ସେମାନଙ୍କ ସହିତ ଦୟା ପରିବେଶ ହୁଅନ୍ତୁ । ନିଶ୍ଚିତ ରୂପେ ଏହି ଘଟଣା ଅତ୍ୟନ୍ତ ଦୁଃଖଦାୟକ । ସେଠାକାର ମୁସଲମାନମାନେ ଧୈର୍ଯ୍ୟ ଏବଂ ସାହସର ନମୁନା ପ୍ରଦର୍ଶନ କରିଛନ୍ତି ଏବଂ ଏହି ଆଚରଣ ଜଣେ ନିଷ୍ଠାପର ମୁସଲମାନ ଠାରୁ ଆଶା କରାଯାଇଥାଏ । କିନ୍ତୁ କେତେକ ଚରନ ପନ୍ଥୀ ଗୋଷ୍ଠୀମାନେ ଏହି ଘୋଷଣା କରିଛନ୍ତି କି ଆମେ ଏହାର ନିଶ୍ଚିତ ପ୍ରତିଶୋଧ ନେବୁ । ଏପରି କହିବାଟା ଅତ୍ୟନ୍ତ ତ୍ରୁଟୀପୂର୍ଣ୍ଣ ହେବ । କାରଣ ଏଭଳି କଲେ ବର୍ଷ ବର୍ଷ ଧରି ଶତ୍ରୁତା ଓ ଗୃହଯୁଦ୍ଧ ଲାଗି ରହିବ । ଅଲ୍ଲାଃତାଲା କରନ୍ତୁ କି ଇସଲାମ ଧର୍ମରେ ଯେଉଁ କଠୋରବାଦୀ ଗୋଷ୍ଠୀ ରହିଛନ୍ତି ସେମାନଙ୍କର ମୂଳୋତ୍ପାଟନ ହୋଇଯାଉ ଏବଂ ଇସଲାମର ବାସ୍ତବିକ ଓ ସୌନ୍ଦର୍ଯ୍ୟମୟ ଶିକ୍ଷା ବିଶ୍ୱରେ ପ୍ରସାର ଲାଭ କରୁ । ଅଲ୍ଲାଃତାଲା ମୁସଲମାନମାନଙ୍କୁ ଏଥିନିମନ୍ତେ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେମାନଙ୍କ ମଧ୍ୟରୁ ଅନେକାଂଶ ନୁହେଁ ବରଂ ସମଗ୍ର ମୁସଲମାନମାନେ ଯୁଗର ପ୍ରବର୍ତକ ଇମାମଙ୍କୁ ସ୍ୱୀକାର କରିନିଅନ୍ତୁ । କାରଣ ଏହି ଶାନ୍ତି ଏକତା ଦ୍ୱାରା ହିଁ ପୃଥିବୀରେ ପୁର୍ନବାର ଇସଲାମର ସୌନ୍ଦର୍ଯ୍ୟ ପ୍ରତିପାଦିତ ହୋଇପାରିବ ।

ହଜୁର ଅନୱର ଅ.ବ କୁହନ୍ତି- ଏହା ବ୍ୟତୀତ ମୁଁ କେତେକ ନମାଜ ଜନାଯାଃ ଗାଏବ ମଧ ପାଠ କରାଇବି । ସର୍ବପ୍ରଥନ ଜନାଯାଃ ହେଉଛି ମୌଲାନା ଖୁରସିଦ୍ ଅହମଦ୍ ସାହେବଙ୍କର ଯିଏକି କାଦିୟାନ୍ ନିବାସୀ ତଥା ତହରିକେ ଜଦିଦ୍‌ର ଓକିଲୁଲ୍ ମାଲ ଥିଲେ । ଗତ କିଛି ଦିନ ପୂର୍ବେ ଅର୍ଥାତ ଚଳିତ ମାର୍ଚ୍ଚ ମାସ ୧୯ତାରିଖରେ ୭୩ବର୍ଷ ବୟସରେ ତାଙ୍କର କାଳ ହୋଇଗଲା । **ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍** । ଅଲ୍ଲାଃତାଲାଙ୍କ କୃପାରୁ ସେ ମୁସି ଥିଲେ । ସେ ଦୀର୍ଘକାଳ ଧରି କର୍କଟ ରୋଗରେ ଆକ୍ରାନ୍ତ ଥିଲେ, ଏଭଳି ମାରାତ୍ମକ ରୋଗ ଓ ଦୁର୍ବଳତା ସତ୍ୱେ ସେ ନିଜ କର୍ମରେ କଦାପି ଅବହେଳା କରି ନାହାନ୍ତି । ସେ ସାମନ୍ୟ ଅବସ୍ଥା ପରି ନିତିଦିନ କାର୍ଯ୍ୟାଳୟ ଆସୁଥିଲେ ଏବଂ ନିଜ ଓକଫ୍‌ର ପ୍ରତିଜ୍ଞାକୁ ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସୁଚାରୁ ରୂପେ ସମ୍ପାଦନ କରିବା ଚେଷ୍ଟା କରିଥିଲେ । ଯେପରି ଓକଫ୍‌ର ପ୍ରତିଜ୍ଞା ରହିଛି ତାହାର ଅଧିକାରକୁ ସେହିପରି ଅକ୍ଷୁର୍ଣ୍ଣ ରଖିଥିଲେ ।

ତାଙ୍କର ଜ୍ୱାଇଁ ଶ୍ରୀମାନ ଖାଲିଦ୍ ଆଲାଦିନ୍ ସାହେବ ଉଲ୍ଲେଖ କରିଛନ୍ତି, ଯେତେବେଳେ ମୁଁ ତାଙ୍କୁ ବିଶ୍ରାମ ନେବାକୁ କହୁଥିଲି ସେତେବେଳେ ସେ ଉତର ଦେଉଥିଲେ ଧର୍ମ ସେବା କରୁ କରୁ ମୋର ପ୍ରାଣ ବାୟୁ ଉଡ଼ିଯାଉ ଏବଂ ମୁଁ ଅଲ୍ଲାଃଙ୍କ ନିକଟରେ ଉପସ୍ଥିତ ହୋଇଯାଏ । ଅତଏବ ସେହି ପ୍ରତିଜ୍ଞାକୁ ସେ ନିଜ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସମ୍ପାଦନ କରିଥିଲେ । ସେ ଅତ୍ୟନ୍ତ ଆଜ୍ଞାନୁବର୍ତୀ,

*ଅବଶିଷ୍ଟାଂଶ ପୃଷ୍ଠା- ୬ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

''କୟାମତ ଦିନ ଏପରି ଏକ କୌମ୍‌କୁ ଅଣାଯିବ ଯାହା ନିକଟରେ ପୂର୍ଣ୍ଣ ତାହାମା ପାହାଡ଼ ସଦୃଶ ଥିବ କିନ୍ତୁ ଯେବେ ତାଙ୍କୁ ଉପସ୍ଥାପନ କରାଯିବ ସେତେବେଳେ ଅଲ୍ଲାଃ ତାଲା ସେମାନଙ୍କର ସମସ୍ତ ଆମାଲ ଅର୍ଥାତ୍ ସମସ୍ତ କର୍ମକୁ ନଷ୍ଟ କରିଦେବେ ତା'ପରେ ସେମାନଙ୍କୁ ନିଆରେ ପକାଇଦେବେ....... ସେମାନେ ଏପରି ଲୋକେ ଥିବେ ଯେଉଁମାନେ ରୋଜ ତ ରଖୁଥିବେ, ନମାଜ ପଢୁଥିବେ ଓ ରାତିରେ ବହୁତ କମ୍ ସମୟ ଶୋଉଥିବେ ମଧ୍, ନଫିଲ୍ (ନମାଜ) ମଧ୍ ପଢୁଥିବେ କିନ୍ତୁ ଯେତେବେଳେ ସେମାନଙ୍କ ସମ୍ମୁଖରେ ହରାମ୍ (ଅର୍ଥାତ୍ ଅବୈଧ) ବସ୍ତୁ ରଖାଯିବ ସେମାନେ ତା' ଉପରେ ମାଡ଼ି ବସିବେ''

---

ଯେତେବେଳେ ନିଜ ଲୋକମାନେ କୌଣସି ଜୁଲ୍‌ମ କରିଛନ୍ତି ବା ଭୁଲ୍ କରିଛନ୍ତି ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ନା କେବଳ ସେମାନଙ୍କ କାର୍ଯ୍ୟକୁ ଘୃଣା ପ୍ରକାଶ କରିଛନ୍ତି ଓ ରୋକିଛନ୍ତି ବରଂ ତା'ର ସମାଧାନ ମଧ୍ କରିଛନ୍ତି ।

ଯଦି ଦୂରତା ବହୁତ ଅଛି, ସବାରୀ ନାହିଁ, ସମୟ ମିଳୁନାହିଁ ତେବେ....... ଅହେମଦୀମାନଙ୍କୁ ମଧ୍ ନିଜ ଘରେ ନମାଜ ସେଂଟର ବନାଇବା ଉଚିତ ଓ ପଡ଼ୋଶୀମାନଙ୍କୁ ଏକାଠି ହୋଇ ସେଠାରେ ବାଜମାତ ନମାଜ ପାଠ କରନ୍ତୁ । ଅଲ୍ଲାଃ ତାଲା ସମସ୍ତଙ୍କୁ ଉକ୍ତ ନିର୍ଦ୍ଦେଶାବଳୀ ଉପରେ ପରଚାଳିତ ହେବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ନିଷ୍ଠା ଓ ପ୍ରେମ ଭକ୍ତି ଭାବରେ ପରିପୂର୍ଣ୍ଣ ରସୁଲୁଲ୍ଲା ସ:ଆ:ସଙ୍କ ବଦ୍‌ରି ସାହାବାଗଣ । ହଜରତ୍ ତୁଲେବ ବିନ୍ ଉମୈର୍, ହଜରତ ସାଲିମ ମୌଲା ଅବି ହୁଜୈଫାଃ ଏବ ହଜ୍‌ରତ୍ ଇତ୍‌ବାନ ବିନ୍ ମାଲିକ୍ ର:ଅଙ୍କ ପବିତ୍ର ଜୀବନ ଚରିତର ଚର୍ଚ୍ଚା

ମୁକରମ୍ ଗୁଲାମ ମୁସ୍ତଫା ଅଏୱାନ୍ ସାହେବ ଏବଂ ମୁକରମା ଅମତୁଲ୍ ହଇ ସାହିବା ପତ୍ନୀ ମୁକରମ୍ ମୁହମ୍ମଦ ନୱାଜ ସାହେବ କାଠଗଡ଼ିଙ୍କ ଦେହାନ୍ତରେ ସେମାନଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ପାଠ ।

## ଖୁଲାସା ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୨୯ ମାର୍ଚ୍ଚ ୨୦୧୯ ଅନୁଯାୟୀ ୨୯ ତବ୍‌ଲିଗ୍ ୧୩୯୮ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତି ପରେ ହଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ: ଆଜି ମୁଁ ଯେଉଁ ବଦରୀ ସାହାବାମାନଙ୍କର ଚର୍ଚ୍ଚା କରିବି ତନ୍ମଧ୍ୟରୁ ସର୍ବପ୍ରଥମେ ସାହାବି ହେଲେ ହଜରତ ତଲିବ୍ ବିନ୍ ଉମୈର୍ ର:ଅ । ତାଙ୍କର ଗୋତ୍ର ଅବ ଅଦି ଥିଲା । ତାଙ୍କ ମାତାଙ୍କ ନାମ ଉ୍ ୱାହ୍ ଥିଲା । ଯିଏକି ଅବ୍ଦୁଲ୍ ମୁତଲିବଙ୍କର ସୁପୁତ୍ରୀ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କର ପିଉସୀ ଥିଲେ । ସେ ପ୍ରାରମ୍ଭିକ ଇସଲାମ୍ ଗ୍ରହଣକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ଇସଲାମ୍ ଧର୍ମରେ ଦୀକ୍ଷିତ ହେବା ପରେ ସେ ନିଜର ମାତାଙ୍କ ନିକଟକୁ ଗଲେ ଏବଂ କହିଲେ ଯେ, ମୁଁ ଆଁ ହଜରତ ସ.ଅଙ୍କର ଅନୁଗାମୀଙ୍କ ମଧ୍ୟରେ ଶାମିଲ୍ ହୋଇଯାଇଛି ଏବଂ ଅଲ୍ଲାଃତାଲା ଯେ କି ସମଗ୍ର ବିଶ୍ୱର ପାଳନକର୍ତା ଅଟନ୍ତି ତାଙ୍କ ଉପରେ ମୁଁ ଇମାନ୍ ଅର୍ଥାତ୍ ବିଶ୍ୱାସ ଆଣିଛି । ପ୍ରତ୍ୟୁତରରେ ତାଙ୍କର ମାତା କହିଲେ ଯେ, ତୁମ ମାମୁଁଙ୍କର ପୁତ୍ରଙ୍କୁ ତୁମ ସାହାଯ୍ୟ ଓ ସହାୟତାର ପାତ୍ର ଅଟନ୍ତି । ଅର୍ଥାତ୍ ଆଁ ହଜରତ ସ:ଅ । ସେ ଆହୁରି କହିଲେ କି ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ଯେ, ଯଦି ଆମ ସ୍ତ୍ରୀମାନଙ୍କ ମଧ୍ୟରେ ପୁରୁଷଙ୍କ ପରି ଶକ୍ତି ଥାଆନ୍ତା ତେବେ ଆମେମାନେ ମଧ୍ ତାଙ୍କୁ ଅର୍ଥାତ୍ ହଜରତତ ମହମ୍ମଦ୍ ସ:ଅଙ୍କୁ ନିଶ୍ଚିତ ରୂପେ ଅନୁକରଣ କରିଥାଆନ୍ତେ ଏବଂ ତାଙ୍କର ପ୍ରତିରକ୍ଷା ଓ ସମର୍ଥନ ଜଣାଇଥାଆନ୍ତୁ । ହଜରତ୍ ତଲିବ୍ ର:ଅ କହିଲେ ଯେ, ତେବେ ତୁମେମାନେ ହଜରତ୍ ମହମ୍ମଦ ସ:ଅଙ୍କୁ କାହିଁକି ଅନୁକରଣ କରୁ ନାହଁ ? ଆପଣଙ୍କର ଭାଇ ହଜରତ୍ ହମଜାହ୍ ମଧ୍ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଯାଇଛନ୍ତି । ସେ ଉତର ଦେଲେ ଯେ, ମୁଁ ପ୍ରଥମେ ନିଜର ଭଉଣୀମାନଙ୍କର ଆଚରଣ ଦେଖି ନିଏ ତା'ପରେ ସେମାନଙ୍କ ସହିତ ଶାମିଲ୍ ହୋଇଯିବି । ପ୍ରତ୍ୟୁତରରେ ହଜରତ୍ ତଲିବ୍ କହିଲେ ଯେ, ମୁଁ ଅଲ୍ଲାଃତାଲାଙ୍କର ଦ୍ୱାହି ଦେଇ କହୁଛି ଯେ. ଆପଣ ଆଁ ହଜରତ୍ ସ:ଅଙ୍କ ନିକଟକୁ ଯାଆନ୍ତୁ ଏବଂ ମୋର ସଲାମ୍ ଜଣାନ୍ତୁ ଏବଂ ତାଙ୍କର ପୁଷ୍ଟି କରି କୁହନ୍ତୁ ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହ ଉପାସ୍ୟ ଯୋଗ୍ୟ ନୁହେଁ ଏବଂ ହଜରତ୍ ମହମ୍ମଦ୍ ସ:ଅ ଅଲ୍ଲାଃତାଲାଙ୍କର ଅବତାର ବା ବାର୍ତାବାହକ ଅଟନ୍ତି । ପ୍ରତ୍ୟୁତରରେ ତାଙ୍କର ମାତା କହିବାକୁ ଲାଗିଲେ ଯେ, ମୁଁ ମଧ୍ ସାକ୍ଷ୍ୟ ଦେଉଅଛି ଯେ, ଅଲ୍ଲାଃତାଲାଭ୍‌କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ଯୋଗ୍ୟ ନୁହେଁ ଏବଂ ହଜରତ୍ ମହମ୍ମଦ ସ:ଅ ଅଲ୍ଲାଃତାଲାଙ୍କର ଅବତାର ବା ବାର୍ତାବାହକ ଅଟନ୍ତି । ଏହାପରେ ସେ ନିଜର ତୁଣ୍ଡ ସାହାଯ୍ୟ ମଧ୍ ଆଁ ହଜରତ୍ ସ:ଅଙ୍କର ପ୍ରତିରକ୍ଷା କରୁଥିଲେ ଏବଂ ନିଜର ପୁତ୍ରକୁ ବି ଆଁ ହଜରତ୍ ସ:ଅଙ୍କୁ ସାହାଯ୍ୟ ଏବଂ ପ୍ରତିରକ୍ଷା କରିବା ପାଇଁ କହୁଥିଲେ ।

ତାଙ୍କ ସମ୍ବନ୍ଧରେ ଏହା କୁହଯାଏ ଯେ, ସେ ହିଁ ପ୍ରଥମ ବ୍ୟକ୍ତି ଅଟନ୍ତି । ଯିଏ ଇସଲାମ୍ ଧର୍ମରେ ସର୍ବପ୍ରଥମେ ଜଣେ ମୁଶ୍ରିକ୍ ଅର୍ଥାତ୍ ଅଲ୍ଲାଃତାଲାଙ୍କ ସହ ସମକକ୍ଷକାରୀକୁ ଆଁ ହଜରତ୍ ସ:ଅଙ୍କ ପ୍ରତି ଧୃଷ୍ଟତା ତଥା ଅଶିଷ୍ଟ ଆଚରଣ ପ୍ରଦର୍ଶନ କରିବା ହେତୁ ଆହତ କରିଥିଲେ । ଏହା ବିସ୍ତୃତ ବିବରଣୀ ଏପରି ଅଟେ ଯେ, ଏକଦା ଔଫ୍ ବିନ୍ ସବରାହ୍ ସହମୀ ନାମକ ଜଣେ ବ୍ୟକ୍ତି ଆଁ ହଜ୍‌ରତ୍ ସ:ଅଙ୍କୁ ଗାଳି ଗୁଲଚ କରୁଥିଲା । ହଜରତ୍ ତଲିବ୍ ଓଟର ଜବଡ଼ା ବା ଥୋବଡ଼ାର ହାଡ଼ ଉଠାଇ ଏବଂ ତାହାକୁ ସେହି ଔଫ ସବରାହ୍ ସହମୀକୁ ମାରି କ୍ଷତବିକ୍ଷତ କରିଦେଇଥିଲେ । କେହି ଜଣେ ବ୍ୟକ୍ତି ତାଙ୍କ ମାତତା ଉରୱାଙ୍କୁ ଅଭିଯୋଗ କଲେ ଯେ, ଆପଣଙ୍କୁ ଦିଶୁ (ଦେଖାଯଉ) ନାହିଁ ନା କ'ଣ ! ଆପଣଙ୍କୁ ପୁତ୍ର କ'ଣ କରିଛି ? ସେତେବେଳେ ପ୍ରତ୍ୟୁତରରେ ସେ କହିଲେ ଯେ, ***ଇନ୍ନା ତଲିବନ୍ ନସରା ଇବ୍ନେ ଖାଲହୁ ୱ ସଆହୁ ଫି ଦମିହି ୱ ମାଲିହି*** । ତଲିବ୍ ନିଜ ମାମୁଁଙ୍କ ପୁତ୍ରର ସାହାଯ୍ୟ କଲେ । ସେ ନିଜର ରକ୍ତ ଏବଂ ନିଜର ଅର୍ଥ ମାଧ୍ୟମରେ ତାଙ୍କ ପ୍ରତି ଦୟା ପ୍ରଦର୍ଶନ କଲେ । କେତେକ ରିୱାୟତ୍ ଅନୁଯାୟୀ ସେହି ବ୍ୟକ୍ତି ଯାହାକୁ ହଜରତ୍ ତଲିବ୍ ଆହତ କରିଥିଲେ ସେ ଅବୁ ଲହବ୍ ଥିଲା ଅଥବା ଅବୁ ଜହଲ୍ । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଯେତେବେଳେ ତାଙ୍କର ଆକ୍ରମଣ ସଂପର୍କରେ ତାଙ୍କ ମାତାଙ୍କୁ ଅଭିଯୋଗ କରାଗଲା ସେତେବେଳେ ସେ କହିଲେ ଯେ, ତଲିବ୍ ଜୀବନର ସବୁଠାରୁ ଶୁଭ ଦିନଟି ସେହି ଦିନ ଅଟେ ଯେଉଁ ଦିନ ସେ ନିଜ ମାମୁଁଙ୍କର ପୁତ୍ରଙ୍କୁ ଅର୍ଥାତ୍ ଆଁ ହଜରତ୍ ସ:ଅଙ୍କର ପ୍ରତିରକ୍ଷକ ହୋଇଥିଲେ । କରୁ ଯେଉଁ ନବୀ ବା ବାର୍ତାବହ ଈଶ୍ୱରଭ୍‌କ ନିକଟରୁ ସତ୍ୟାନୁଯାୟୀ ଆବିର୍ଭାବ ହୋଇଛନ୍ତି ।

ହଜରତ୍ ତଲିବ୍ ହବଶା ଅଭିମୁଖେ ପ୍ରବାସକାରୀ ମୁସଲମାନମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । କିନ୍ତୁ ଯେତେବେଳେ ହବଶାରେ ଏହି ସମ୍ବାଦଟି ପହଂଚିଥିଲା ଯେ, ମକ୍କାର ସମସ୍ତ କୁରୈଶମାନେ ଇସଲାମ ଧର୍ମରେ ଦିକ୍ଷୀତ ହୋଇଯାଇଛନ୍ତି ସେତେବେଳେ ସେ ହବଶାରୁ ମକ୍କା ଫେରି ଆସିଥିଲେ । ମଦିନାକୁ ପ୍ରବାସ କଲା ପରେ ସେ ହଜରତ୍ ଅବ୍ଦୁଲ୍ଲାଃ ବିନ୍ ସଲମା ଉଜଲାନୀଙ୍କ ଘରେ ଅଧିବାସ କରିଥିଲେ । ରସୁଲ୍ କରୀମ୍ ସ:ଅ ହଜରତ୍ ଅବୁ ତଲିବ ଏବଂ ମୁନଜର ବିନ୍ ଅମ୍ରଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ସେ ବଦର୍ ଯୁଦ୍ଧରେ ଶାମିଲ୍ ଥିଲେ । ସେ କିବାର୍ ଅର୍ଥାତ୍ ପ୍ରମୁଖ ପ୍ରସିଦ୍ଧ ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ଅଜନାଦୈନ୍ ଯୁଦ୍ଧରେ ୩୫ ବର୍ଷ ବୟସରେ ସେ ବୀରଗତିର ଅମୃତ ପାନ କରିଥିଲେ ।

ପରବର୍ତୀ ଯେଉଁ ସାହାବୀଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜରତ୍ ସାଲିମ୍ ମୌଲା ବିନ୍ ଅବି ହୁଜୈଫା ର:ଅ । ତାଙ୍କର ଗୋତ୍ର ଅବୁ ଅବ୍ଦୁଲ୍ଲାଃ ଥିଲଶ ଏବଂ ବାପାଙ୍କ ନାମ ମୁଅକଲ୍ ଥିଲା । ସେ କିବାର ଅର୍ଥାତ୍ ପ୍ରତିଷ୍ଠି ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ।
ସେ ଆଁ ହଜରତ୍ ସ:ଅଙ୍କ ପୂର୍ବରୁ ମଦିନାକୁ ପ୍ରବାସ କରିଥିଲେ । ରସୁଲ୍ କରୀମ୍ ସ:ଅ ହଜରତ୍ ସାଲିମ୍ ଓ ମୁଆଜ ବିନ୍ ମାଆସଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ମଦିନାକୁ ପ୍ରବାସ କଲାପରେ ସେ ହଜରତ୍ ଅବ୍ବାଦ୍ ବିନ୍ ବଶରଙ୍କ ଘରେ ଅଧିବାସ ହୋଇଥିଲେ । ହଜରତ୍ ଉମର ର:ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ପ୍ରାରମ୍ଭିକ ପ୍ରବାସକାରୀମାନେ ମକ୍କାରୁ ମଦିନାକୁ ଆସିଲେ ସେତେବେଳେ ସେମାନେ କୁବାର ନିକଟବର୍ତୀ ଅସ୍-ବା ନାମକ ଏକ ସ୍ଥାନରେ ଅଧିବାସ କରିଥିଲେ । ହଜରତ୍ ସାଲିମ୍ ତାଙ୍କର ଇମାମତ୍ୱ (ନମାଜର ନେତୃତ୍ୱ) କରୁଥିଲେ । କାରଣ ସେ ସେହି ପ୍ରବାସକାରୀଙ୍କ ମଧ୍ୟରୁ ସର୍ବାଧିକ କୁରଆନ୍ କରୀମ୍ ଜାଣୁଥିଲେ । ହଜରତ୍ ମିର୍ଜା ବଶୀର୍ ଅହଦମଦ୍ ସାହେବ ଉଲ୍ଲେଖ କରନ୍ତି ଯେ, ନୈତିକ ଜ୍ଞାନ ଏବଂ କୃପାରେ ମଧ୍ କେତେକ ସ୍ୱାଧୀନ ପ୍ରାପ୍ତ ଦାସମାନେ ବେଶ୍ ବଡ଼ ପଦବୀ ପ୍ରାପ୍ତ କରିଥିଲେ । ସୁତରାଂ ସାଲିମ୍ ବିନ୍ ମୁଅକଲ୍ ମୌଲା ଅବି ହୁଜୈଫା ପ୍ରମୁଖ ତଥା ପ୍ରଧାନ ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ଆଁ ହଜରତ୍ ସ:ଅ ଯେଉଁ ୪ ଜଣ ସାହାବମାନଙ୍କୁ କୁରଆନ୍ କରୀମ୍ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ନିଯୁକ୍ତ କରିଥିଲେ ତନ୍ମଧ୍ୟରୁ ଜଣେ ହଜରତ୍ ସାଲିମ୍ ବିନ୍ ମୌଲା ଅନ୍ୟତମ ଅଟନ୍ତି । ଏକ ବର୍ଣ୍ଣନାନୁଯାୟୀ ରସୁଲ୍ କରୀମ୍ ସ:ଅ କହିଲେ ଯେ,

କୁରଆନ୍ କରୀମ୍ ଏହି ୪ ଜ ସାହବାମାନଙ୍କ ଠାରୁ ହିଁ ଶିକ୍ଷା କର (୧) ହଜରତ୍ ଅବ୍ଦୁଲ୍ଲାଃ ଇବ୍ନେ ମଉଦ୍ ର:ଅ (୨) ହଜରତ୍ ସାଲିମ୍ ବିନ୍ ମୌଲ ଅବୁ ହୁଜୈଫା ର:ଅ (୩) ହଜରତ୍ ଉବୈ ବିନ୍ କାଆବ୍ ର:ଅ ଏବଂ (୪) ହଜରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ।

ଏକ ରିଆୟତରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଏକଦା ହଜରତ୍ ଆଏଶ ର:ଅଙ୍କୁ ଆଁ ହଜରତ୍ ସ:ଅଙ୍କ ନିକଟକୁ ଆସିବା ପାଇଁ ବିଳମ୍ବ ହୋଇଗଲଶ । ତେଣୁ ଆଁ ହଜରତ୍ ସ:ଅ ହଜରତ୍ ଆଏଶା ର:ଅଙ୍କୁ ବିଳମ୍ବ କାରଣ ପଚାରିଲେ । ପ୍ରତ୍ୟୁତରରେ ହଜରତ୍ ଆଏଶା ର:ଅ କହିଲେ ଯେ, ଜଣେ କାରି (ଅର୍ଥାତ୍ କୁରଆନ୍ କରୀମକୁ ସଠିକ୍ ଉଚ୍ଚାରଣର ସହିତ ପଠନକାରୀ) କୁରଆନ୍ କରୀମକୁ ଆବୃତି କରୁଥିଲା ମୁଁ ତାହାର ସେହି ଆବୃତିକୁ ଶୁଣିବାରେ ଅଭ୍ୟନ୍ତ ହୋଇଯାଇଥିଲି । ଏହି କାରଣରୁ ମୁଁ ବିଳମ୍ବିତ ହୋଇଯାଇଥିଲି । ଆଁ ହଜରତ୍ ସ:ଅ ଚାଦର ଘୋଡ଼େଇଲେ ଏବଂ ବାହାରକୁ ବାହରି ଦେଖିଲେ ଯେ, ପ୍ରକୃତରେ ହଜରତ୍ ସାଲିମ୍ ର:ଅ ତିଲାୱତ୍ କରୁଛନ୍ତି । ଏହା ଦେଖି ଆଁ ହଜ୍ରତ୍ ସ:ଅ କହିଲେ ଯେ, ମୁଁ ଅଲ୍ଲାଃତାଲାଙ୍କୁ ଅଶେଷ କୃତଜ୍ଞ ଜଣାଉଛି ଯେ, ଯିଏ ତୁମ ପରି କାରିଙ୍କ ମୋ ଉମ୍ମତ ଅର୍ଥାତ୍ ମୁସଲମାନ ସଂପ୍ରଦାୟରେ ସୃଷ୍ଟି କରିଛନ୍ତି ।

ହଜ୍ରତ୍ କତାଦା ର:ଅ ବର୍ଣ୍ଣନା କରନ୍ତି ଯେ, ଓହୋଦ୍ ଯୁଦ୍ଧ ଦିନ ଆଁ ହଜରତ୍ ସ:ଅ ଆହତ ହୋଇଯାଇଥିଲେ । ହଜରତ ସାଲିମ୍ ର:ଅ ଆଁ ହଜରତ୍ ସ:ଅଙ୍କର କ୍ଷତକୁ ଧୋଉ ଥିଲେ ଏବଂ ହଜୁର ସ:ଅ କହୁଥିଲେ ଯେ, ସେହି ଜାତି କିପରି ବିଜୟୀ ହୋଇପାରବ ଯେଉଁ ଜାତି ନିଜର ନବୀ ସହିତ ଏପରି ବ୍ୟବହାର ପ୍ରଦର୍ଶନ ରକିଛଇ । ହଜ୍ରତ୍ ସାଲିମ୍ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରିମ୍ ସ:ଅ କହିଲେ ଯେ, ପ୍ରଳୟକାରୀ ଦିବସ ଦିନ ଏପରି ଏକ ଜାତି ଅଣାଯିବେ ଯାହାଙ୍କର ପୁଣ୍ୟାବଳୀଗୁଡ଼ିକ ତାହାମ ପର୍ବତ ପରି ଥିବ । କିନ୍ତୁ ଯେତେବେଳେ ସେହି ଜାତିର ପୁଣ୍ୟ କର୍ମଗୁଡ଼ିକୁ ଅଲ୍ଲାଃତାଲାଙ୍କର ସମ୍ମୁଖରେ ଉପସ୍ଥାପିତଜ କରାଯିବ ସେତେବେଳେ ଅଲ୍ଲାଃତାଲା ସେମାନଙ୍କର ସମସ୍ତ ସତ କର୍ମକୁ ବିନଷ୍ଟ କରି ସେମାନଙ୍କୁ ଅଗ୍ନୀରେ ନିକ୍ଷେପ କରିଦେବେ । ପ୍ରତ୍ୟୁତରରେ ହଜରତ୍ ସାଲିମ୍ ବିନ୍ ମୌଲା କହିଲେ ଯେ, ହେ ରସୁଲୁଲ୍ଲାଃ ! ମୋର ପିତା ମାତା ଅପାଣଙ୍କ ପାଇଁ ଉତ୍ସର୍ଗ ହୋଇଯାଆନ୍ତୁ । ଆପଣ ସ:ଅ ଏପରି ଲୋକଙ୍କ ଲକ୍ଷଣ ସଂପର୍କରେ ଚିହ୍ନଟ କରିଦିଅନ୍ତୁ, ଯଦ୍ୱାରା ଆମେମାନେ ଏପରି ଲୋକଙ୍କୁ ସହଜରେ ଚିହ୍ନିପାରିବୁ । ସେହି ସର୍ବ ଶକ୍ତିମାନ ହସ୍ତିର ଶପଥ କରି କହୁଛି ଯିଏ ଆପଣ ସ:ଅଙ୍କୁ ଧର୍ମର ଅଭ୍ୟୁଥ୍ୟାନ ନିମନ୍ତେ ପ୍ରେରିତ କରିଛନ୍ତି । ମୁଁ ନିଜ ସମ୍ବନ୍ଧର ଆଶଙ୍କାରେ ଗତି କରୁଛି ବା ଭୟଭୀତ ଯେ, ଏପରି ନ ହେଉ ଯେ, ମୁଁ ମଧ୍ୟ ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯିବି । ପ୍ରତ୍ୟୁତରରେ ରସୁଲ୍ କରୀମ୍ ସ:ଅ କହିଲେ ଯେ, ସେହି ଲୋକମାନଙ୍କ ଏପରି ହୋଇଥିବେ ଯେଉଁମାନେ ଓସା ରଖିଥିବେ ନମାଜ ପଢୁଥିବେ ଏବଂ ରାତ୍ରରେ କମ ସମୟ  ନିଦ୍ରା ଆହରଣ କରୁଥିବେ, ନଫିଲ୍ ନମାଜ୍ ମଧ୍ୟ ପଢୁଥିବେ କିନ୍ତୁ ଯେତେବେଳେ ବି ସେମାନଙ୍କ ଆଗର ହରାମ୍ ଅର୍ଥାତ୍ ନିଷିଦ୍ଧ ଅର୍ଥ ବା ବସ୍ତୁ ଉପସ୍ଥାପିତ ବା ପ୍ରସ୍ତୁତ କରାଯିବ ସେତେବେଳେ ସେମାନେ ତାହାକୁ ହାସଲ କରିବା ପାଇଁ ଚେଷ୍ଟା କରିବେ । ଅର୍ଥାତ୍ ସାଂସାରିକ କାମନା ଓ ମୋହମାୟାରେ ପଡ଼ିଯିବେ ଏବଂ ସେମାନେ ଏହା ଦେଖିବେ ନାହିଁ ଯେ, କେଉଁଟା ହଲାଲ ଏବଂ କେଉଁଟି ହରାମ୍ (ଅର୍ଥାତ୍ ବୈଧ ଓ ଅବୈଧ) ଅଟେ । ଏହି କାରଣରୁ ଅଲ୍ଲାଃତାଲା ସେମାନଙ୍କର ସତ୍ କର୍ମକୁ ନଷ୍ଟ ବା ନିରର୍ଥକ କରିଦେବେ ।  ହଜୁର ଅନୱର ଅ:ଅ କହିଲେ ଯେ, ଏହା ଏ ସର୍ବକାଳୀୟ ଚିନ୍ତାଜନକ ବିଷୟ ଅଟେ । ଅଲ୍ଲାଃତାଲା ସର୍ବଦା ପ୍ରତ୍ୟେକଙ୍କୁ ନିଜର ଆତ୍ମସମୀକ୍ଷା କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

ହଜୁର ଅନୱର ଅ:ବ କହିଲେ ଯେ, ହଜରତ୍ ଅବ୍ଦୁଲ୍ଲାଃ ବିନ୍ ଉମର୍ ର:ଅଙ୍କ ପୁତ୍ରଙ୍କ ନାମ ଏହି ପର୍ଯ୍ୟାୟକ୍ରମରେ ଥିଲା ଯଥା- ସାଲିମ୍, ୱାକିଦ୍ ଏବଂ ଅବ୍ଦୁଲ୍ଲାଃ । ଅବ୍ଦୁଲ୍ଲାଃ ବିନ୍ ଉମର୍ ର:ଅ ନିଜ ପୁତ୍ରକଙ୍କର ନାମକରଣ ପ୍ରତିଷ୍ଠିତ ସାହାବାଙ୍କ ନାମାନୁସାରେ କରିଥିଲେ । ହଜରତ୍ ସଇଦ୍ ବିନ୍ ଅଲ୍ ମୁସୈବ୍ ବିନ୍ ଅଲ୍ ମୁସୈବ୍ ବର୍ଣ୍ଣନା କରନ୍ତି ଯେ, ମୋତେ ହଜରତ୍ ଅବ୍ଦୁଲ୍ଲାଃ ବିନ୍ ଉମର୍ ର:ଅ କହିଲେ ଯ, କଣ ତୁମେ ଜାଣିଛ କି ମୁଁ ନିଜ ପୁତ୍ରର ନାମ ସାଲିମ୍ କାହିଁକି ନାମକରଣ କରିଛି ? ହଜରତ୍ ସଇଦ୍ ର:ଅ କହିଲେ ଯେ, ନା ମୁଁ ଜାଣି ନାହଁ । ପ୍ରତ୍ୟୁତରରେ ହଜରତ୍ ଅବ୍ଦୁଲ୍ଲାଃ ବିନ୍ ଉମର ର:ଅ କହିଲେ ଯେ, କ ତୁମେ ଜାଣିଛ କି ମୁଁ ନିଜ ପୁତ୍ରର ନାମ ୱାକିଦ୍ କାହିଁକି ନାମକରଣ କରିଛି ? ହଜରତ୍ ସଇଦ ର:ଅ କହିଲେ ଯେ, ନା ମୁଁ ଜାଣି ନାହିଁ । ପ୍ରତ୍ୟୁତରରେ ହଜରତ୍ ଅବ୍ଦୁଲ୍ଲାଃ ବିନ୍ ଉମର୍ ର:ଅ କହିଲେ ଯେ, ମୁଁ ନିଜ ପୁତ୍ରଙ୍କର ନାମ ହଜରତ ୱାକିଦ୍ ବିନ୍ ଅବ୍ଦୁଲ୍ଲାଃ ୟର୍ ବୱଇ ର:ଅଙ୍କ ନାମାନୁଯାୟୀ ନାମକରଣ କରିଛଇ । ପୁନଶ୍ଚ କହିଲେ ଯେ, କଣ ତୁମେ ଜାଣିଛଇ କି ମୁଁ ନିଜ ପୁତ୍ରର ନାମ ଅବ୍ଦୁଲ୍ଲାଃ କାହିଁକି ନାମକରଣ କରିଛି ? ହଜରତ ସଇଦ ର:ଅ କହିଲେ ଯେ, ନା ମୁଁ ଜାଣି ନାହିଁ । ପ୍ରତ୍ୟୁତରରେ ହଜରତ୍ ଅବ୍ଦୁଲ୍ଲାଃ ବିନ୍ ଉମର ର:ଅ କହିଲେ ଯେ, ମୁଁ ନିଜ ପୁତ୍ରଙ୍କର ନାମ ହଜରତ୍ ଅବ୍ଦୁଲ୍ଲାଃ ବିନ୍ ରୱାହା ର:ଅଙ୍କ ନାମାନୁଯାୟୀ ନାମକରଣ କରିଛି ।

ହଜରତ୍ ଅବ୍ଦୁଲ୍ଲାଃ ବିନ୍ ଉମର ର:ଅ ବର୍ଣ୍ଣନା କରୁଛନ୍ତି ଯେ, ଏକ ଯୁଦ୍ଧରେ ଆମେମାନେ ଆଁ ହଜରତ୍ ସ:ଅଙ୍କ ସାଥିରେ ଥିଲୁ । ଯୁଦ୍ଧର ଉଗ୍ରତା ଯୋଗୁଁ କେତେକ ଲୋକମାନେ ବିଚଳିତ ବା ବିବ୍ରତ ହୋଇଯାଇଥିଲେ । ଯେତେବେଳେ ମୁଁ ନିଜର ଅସ୍ତ୍ର ଧାରଣ କରି ବାହାରିଲି ସେତେବେଳେ ମୋର ଦୃଷ୍ଟି ହଜରତ ସାଲିମ୍ ର:ଅଙ୍କ ଉପରେ ପଡ଼ିଲା । ତାଙ୍କ ପାଖରେ ମଧ୍ୟ ତାଙ୍କର ଅସ୍ତ୍ର ରହିଥିଲା । ତାଙ୍କ ମୁଖମଣ୍ଡଳରେ ସମ୍ମାନ ତଥା ଶାନ୍ତି ଏବଂ ଧୈର୍ଯ୍ୟ ସ୍ପଷ୍ଟ ରୂପେ ଦେଖା ଯାଉଥିଲା ଏବଂ କୌଣସି ଆଲୋଡ଼ନା ଏବଂ ବିଚଳିତ ପରି ଲକ୍ଷଣ ଦେଖାଯାଉ ନଥିଲା । ସେହି ଅବସ୍ଥାରେ ସେ ଆଗକୁ ଚାଲୁଥିଲେ । ମୁଁ ମଧ୍ୟ ତାଙ୍କ ପଛେ ପଛେ ଚାଲିବାକୁ ଆରମ୍ଭ କଲି । ଏ ପର୍ଯ୍ୟନ୍ତ କି ଆମ୍ଭେ ଦୁହେଁ ହଜୁର ସ:ଅଙ୍କ ନିକଟରେ ପହଂଚି ଗଲୁ । ଆଁ ହଜରତ୍ ସ:ଅ କ୍ଷୁବ୍ଧ ଅବସ୍ଥାରେ ବାହାରକୁ ବାହାରିଲେ ଏବଂ କହିଲେ ହେ ଲୋକମାନେ ! ତୁମମାନଙ୍କ ଠାରେ ଏ କି ବିଚଳିତ ଅବସ୍ଥା ପରିଲକ୍ଷିତ ହେଉଛି ଓ ଏପରି ଭୟ ତୁମମାନଙ୍କ ମନରେ ଉତ୍ପନ୍ନ ହୋଇଛି ? କ'ଣ ତୁମମାନଙ୍କ ଏ କଥାରୁ ଚିଡ଼ି ଯାଇଛ କି ? ଯେପରି ସାହାସ ସେହି ଦିନମାନଙ୍କରେ ବିଶ୍ୱାସକାରୀମାନେ ପ୍ରଦର୍ଶନ କରିଥିଲେ । ତୁମେମାନେ ମଧ୍ୟ ଏହିପରି ସାହାସ ପ୍ରଦର୍ଶନ କର ।

ଇବ୍ରାହିମ ବିନ୍ ହିନ୍ଦ୍ଲା ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ୟମାମା ଯୁଦ୍ଧରେ ହଜରତ୍ ସାଲିମ୍ ର:ଅଙ୍କୁ କୁହାଗଲା ଯେ, ଆପଣ ଧ୍ୱଜାର ସୁରକ୍ଷା କରନ୍ତୁ । ଯେତେବେଳେ କି କେତେକ ସାହାବମାନେ କହିଲେ ଆମମାନଙ୍କୁ ତୁମ ଜୀବନ ଯିବା ପ୍ରତି ଭୟ ରହିଛି । ଏହି କାରଣରୁ ଆମେମାନେ ଆପଣଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତିକୁ ଧ୍ୱଜା ହସ୍ତାନ୍ତର କରୁଛୁ । ପ୍ରତ୍ୟୁତରରେ ହଜରତ୍ ସାଲିମ ର:ଅ କହିଲେ ଯେ, ମୁଁ ତ କୋରାନ କରୀମର ଅଧିକ ଜ୍ଞାନ ଆହରଣକାରୀ ବ୍ୟକ୍ତି ରୂପେ ପରିଚିତ । ଏହା ସତ୍ୱେ ବି ଯଦି ମୁଁ ଏହା ଉପରେ କାର୍ଯ୍ୟାନୁସରଣ ବ୍ୟକ୍ତି ନୁହେଁ ତେବେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ ଅଟେ । ସୁତରାଂ ଯୁଦ୍ଧ ଚାଲିଥିବା ଅବସ୍ଥାରେ ଯେତେବେଳେ ଆପଣ ର:ଅଙ୍କର ଦକ୍ଷିଣ ହସ୍ତ କଟିଗଲା ସେତେବେଳେ ସେ ବାମ ହସ୍ତରେ ଧ୍ୱଜା ଧରି ରଖିଲେ ଏବଂ ଯେତେବେଳେ, ବାମ ହସ୍ତ ମଧ୍ୟ କଟିଗଲା ସେତେବେଳେ ସେ ଧ୍ୱଜାକୁ ବେକରେ ଧରି ଚାପି ରଖି ଏବଂ ଏହା ପାଠ କରୁଥିଲେ ଯେ, ***ୱମା ମୁହମ୍ମଦୁନ୍ ଇଲ୍ଲା ରସୁଲ୍-ୱକ ଅଇୟିମ୍ ମିନ୍ ନବୀୟିବମ୍ ମାହାହୁ ରିବ୍ଦିୟୁନା କସିରୁ (ସୁରେ ଆଲେ ଇମ୍ରାନ୍ :୧୪୫ ଓ ୧୪୭)*** ଅର୍ଥାତ୍ ଏବଂ ମୁହମ୍ମଦ୍ ସ:ଅ କେବଳ ଜଣେ ରସୁଲ୍ ଅଟନ୍ତି । ଏବଂ ଏପରି ଅନେକ ରସୁଲ୍ ଥିଲେ ଯେଉଁମାନଙ୍କ ସହିତ ମିଳିତ ହୋଇ ସେମାନଙ୍କ ସଂପ୍ରଦାୟର ଅନେକ ଧର୍ମପ୍ରାଣ ଲୋକ ଯୁଦ୍ଧ କରିଥିଲେ ।

ସୁତରାଂ ଯେତେବେଳେ ହଜରତ୍ ସାଲିମ୍ ର:ଅ ଭୁମିରେ ପଡ଼ିଗଲେ ସେତେବେଳେ ସେ ତାଙ୍କର ସାଥୀମାନଙ୍କୁ ପଚାରିଲେ ଯେ, ଅବୁ ହୁଜୈଫା ର:ଅ କେଉଁ ଅବସ୍ଥାରେ ଅଛନ୍ତି ? ଲୋକମାନେ ଉତର ଦେଲେ ଯେ, ସେ ବୀରଗତି ପ୍ରାପ୍ତ କରିଛନ୍ତି । ପୁନଶ୍ଚ ଅନ୍ୟ ଏକ ବ୍ୟକ୍ତିର ନାଁ ଧରି ପଚାରିଲେ ଯେ, ସେ କେମିତି ଅଛି ? ଲୋକମାନେ ଉତର ଦେଲେ ଯେ, ସେ ମଧ୍ୟ ଶହୀଦ୍ ବା ବରୀଗତି ପ୍ରାପ୍ତ କରିଛନ୍ତି । ପ୍ରତ୍ୟୁତରରେ ହଜରତ୍ ସାଲିମ ର:ଅ କହିଲେ ମୋତେ ସେହି ବୀରଗତି ପ୍ରାପ୍ତ କରିଥିବା ସାହାବାମାନଙ୍କ ମଝିରେ ଶୁଆଇ ଦିଅ । ସୁତରାଂ ସେ ଶେଷ ନିଶ୍ୱାସ ତ୍ୟାଗ କରି ବୀରଗତି ପ୍ରାପ୍ତ କଲେ । ହଜରତ୍ ଜୈଦ୍ ବିନ୍ ସାବିତ୍ ର:ଅଙ୍କ ଠାରୁ ବର୍ଣ୍ଣନା କରାଯାଏ ଯେ, ଯେତେବେଳେ ହଜରତ୍ ସାଲିମ୍ ବରୀଗତି ପ୍ରାପ୍ତ କଲେ ସେତେବେଳେ ଲୋକମାନେ ଏହା କହୁଥିଲେ ଯେ, ଯେପରି କୋରାନ କରୀମର ଏକ ଚତୁର୍ଥାଂଶ ଶେଷ ହୋଇଗଲଶ । ଅର୍ଥାତ୍ ଆଁ ହଜରତ୍ ସ:ଅ ଯେଉଁ ୪ ଜଣ ବିଦ୍ୱାନମାନଙ୍କ ନାମ ଧରିଥିଲେ ଯେ, ଏହିମାନଙ୍କ ଠାରୁ ହିଁ କୋରାନ୍ ପବିତ୍ରମୟ ଶିକ୍ଷାକୁ ଆହରଣ କର ଆଁ ହଜରତ୍ ସ:ଅ ତନ୍ମଧ୍ୟରୁ ଜଣକର ଅକାଳ ବିୟୋଗ ତଥା ଅପୂରଣୀୟ କ୍ଷତି ଘଟିଛି ।

ପରବର୍ତୀ ଯେଉଁ ସାହାବୀଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜରତ୍ ଅତବାନ ବିନ୍ ମାଲିକ୍ ର:ଅ । ସେ ଖଜରଜ ଶାଖା ଅନ୍ତର୍ଗତ ବନୁ ସାଲିମ୍ ସଂପ୍ରଦାୟଭୁକ୍ତ ଥିଲେ । ରସୁଲ୍ କରୀମ୍ ସ:ଅ ହଜରତ୍ ଅତବାନ୍ ଏବଂ ହଜରତ୍ ଉମର୍ ର:ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ସେ ବଦର୍ ଓହୋଦ୍ ଏବଂ ଖନ୍ଦକ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ରସୁଲ୍ କରୀମ୍ ସ:ଅଙ୍କର ପବିତ୍ର ଜୀବନକାଳରେ ସେ ନିଜର ଦୃଷ୍ଟିଶକ୍ତି ହରାଇ ବସିଥିଲେ । ତାଙ୍କର ଦେହାନ୍ତ ହଜରତ୍ ମୁଆୱିୟାଙ୍କ ଶାସନ କାଳରେ ହୋଇଥିଲା । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଯେତେବେଳେ ହଜରତ୍ ଅତବାନ୍ ବିନ୍ ମାଲିକ୍ ର:ଅ ନିଜର ଦୃଷ୍ଟିଶକ୍ତି ହରାଇ ବସିଲେ ସେତେବେଳେ ସେ ଆଁ ହଜରତ୍ ସ:ଅଙ୍କ ଠାରୁ ନମାଜ ବାଜମାଆତ୍ (ସାମୁହିକ ନମାଜ ପାଠ) ରୁ ବିଛିନ୍ନ ହେବା ପାଇଁ ଅନୁମତି ଚାହିଁଲେ । ସୁତରାଂ ଆଁ ହଜରତ୍ ସ:ଅ କହିଲେ ଯେ, ତୁମକୁ ଅଜାନ୍ ସ୍ୱର ଶୁଭୁଛି କି ? ହଜରତ୍ ଅତବାନ୍ ର:ଅ କହିଲେ ଯେ, ଆଜ୍ଞା ହଁ ରସୁଲୁଲ୍ଲାଃ । ପ୍ରତ୍ୟୁତରରେ ଆଁ ହଜରତ୍ ସ:ଅ କହିଲେ ଯେ, ମୁଁ ଆପଣଙ୍କୁ ଏଥିପାଇଁ ଅନୁମତି ପ୍ରଦାନ କରିପାରିବି ନାହିଁ । ସହି ବୁଖାରୀର ବର୍ଣ୍ଣନାରୁ ଜଣାପଡ଼େ ଯେ, ପରେ ନବୀ କରୀମ୍ ସ:ଅ ହଜରତ୍ ଅତବାନ୍ ର:ଅଙ୍କୁ ଏହି ସର୍ତ୍ତରେ ଘରେ ନମାଜ ପଢ଼ିବା ପାଇଁ ଅନୁମତି ପ୍ରଦାନ କରିଥିଲେ ଯେ, ଯେଉଁଠାରେ ସେ ନମାଜ ପଢ଼ିବେ ସେଠାରେ ବାଜମାଆତ୍ ନମାଜ୍ ହେଉଥିବ । ଆଁ ହଜରତ୍ ସ:ଅ ହଜରତ୍ ଅତବାନ୍ ର:ଅଙ୍କ ଅନୁରୋଧ ରକ୍ଷା କରି ତାଙ୍କ ଘରକୁ ଯାଇ ଏକ ସ୍ଥାନରେ ନମାଜ ପଢ଼ିଲେ ଏବଂ ସେହି ସ୍ଥାନକୁ ଅତବାନ୍ ର:ଅ ନମାଜେ ବାଜମାଅତ୍ ରୂପେ ଚିହ୍ନଟ ଏବଂ ବ୍ୟବହାର କଲେ ।

ହଜୁର୍ ଅନୱର ଅ:ବ କହିଲେ ଯେ, ଅତଃ ଏହି କଥାକୁ ସର୍ବଦା ମନେରଖିବା ଉଚିତ୍ ଯେ, ଏଠାରେ ମଧ୍ୟ (ଅର୍ଥାତ୍ ଲଣ୍ଡନ ହେଉ ବା ଅନ୍ୟ କୌଣସି ସ୍ଥାନରେ ହେଉ) ଯଦି ମସଜିଦ୍ ଏବଂ ଘର ମଧ୍ୟରେ ଦୂରତା ବା ବ୍ୟବଧାନ ଅଧିକ ଥାଏ ଏବଂ ଯାନ ବାହାନ ନ ଥାଏ କିମ୍ବା ସମୟ ଅଭାବ ବା ମିଳୁ ନାହିଁ ତେବେ ଅହମଦିମାନଙ୍କ ପାଇଁ ଏହା ଉଚିତ୍ ଯେ, ସେମାନେ ନିଜ ଘରେ ନମାଜ୍ କେନ୍ଦ୍ରମାନ ସ୍ଥାପନ କରି ତଥା ପଡ଼ୋଶୀମାନଙ୍କୁ ଏକତ୍ରିତ କରି ବାଜମାଅତ୍ ନମାଜ ପାଠ କରନ୍ତୁ । ଅଲ୍ଲାଃ ତାଲା ସମସ୍ତଙ୍କୁ ଉପରୋକ୍ତ ନିର୍ଦ୍ଦେଶବଳୀକୁ କାର୍ଯ୍ୟନୁସରଣ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

ହଜୁର ଅନୱର ଅ:ଅ କହିଲେ ଯେ, ବର୍ତମାନ ମୁଁ ମୃତ୍ୟୁବରଣ କରିଥବା ବ୍ୟକ୍ତିଙ୍କ ସଂପର୍କରେ ଆଲୋଚନା କରିବି ଏବଂ ସେମାନଙ୍କର ନମାଜେ ଯନାଜାଃ ଗାଏବ୍ ପାଠ କରେଇବି । ତନ୍ମଧ୍ୟରୁ ପ୍ରଥମ ଯନାଜାଃ ହେଉଛ ସମ୍ମାନନୀୟ ସ୍ୱର୍ଗତ ଗୁଲାମ୍ ମୁସ୍ତଫା ଆ-

ୱାନ୍ ସାହେବ୍ । ସେ ରବୱାର ଅଧିବାସୀ ଥିଲେ । ମାର୍ଚ୍ଚ ମାସ ୧୬ ତାରିଖ ଦିନ ୭୮ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍ ।** ଅଲ୍ଲାଃତାଲାଙ୍କ କୃପାରୁ ସେ ଆଜନ୍ମ ଅହମଦି ଥିଲେ । ତାଙ୍କ ବଂଶରେ ଅହମଦିୟତର ମୁଳଦୁଆ ତାଙ୍କର ଜେଜେବାପା ଦିୱାନ୍ ବଖ୍ସ୍ ସାହେବଙ୍କ ମାଧ୍ୟମରେ ପଡ଼ିଥିଲା । ସ୍ୱର୍ଗତ ନିୟମିତ ରୂପେ ପାଂଚବେଳା ନାମଜ୍ ପାଠ କରୁଥିଲେ । ଧର୍ମନିଷ୍ଠ, ତହଜ୍ଜୁଦ୍ ପାଠକାରୀ, ସହାନୁଭୁତିକାରୀ, ପରୋପକାରୀ ସ୍ୱଭାବ ତଥା ପ୍ରାର୍ଥନାକାରୀ, ମିଳନପ୍ରୀୟ, ଅତିଥି ସତ୍କାରକ ବ୍ୟକ୍ତି ଥିଲେ । ଗରିବ ଓ ଅଭାବି ଲୋକମାନଙ୍କର ଯତ୍ନ ଓ ସାହାଯ୍ୟ କରୁଥିଲେ । ପରିଜନ ଓ ସଂପର୍କୀୟଙ୍କ ସହିତ ସୁସଂପର୍କ ରଖିଥିଲେ । ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟତା ବା ଅଗ୍ରାଧିକାର ଦେଉଥିଲେ । ନ୍ୟାୟପରାୟଣ ଓ ନିଷ୍ଠାପର ବ୍ୟକ୍ତି ଥିଲେ । ଜମାଅତ୍ ଏବଂ ଖିଲାଫତ୍ ସହିତ ତାଙ୍କ ଅଗାଢ଼ ସଂପର୍କ ରହିଥିଲା । ଅଲ୍ଲାଃତାଲା ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍

ଦ୍ୱିତୀୟ ଯନାଜାଃ ହେଉଛି ସ୍ୱର୍ଗତା, ସମ୍ମାନନୀୟା ଅମତୁଲ୍ ହଇ ସାହେବା । ସେ ମହମ୍ମଦ୍ ନୱାଜ୍ ସାହେବ୍ କାଠଗଡ଼ୀୟଙ୍କ ସ୍ତ୍ରୀ ଥିଲେ । ଯାହାଙ୍କର ଚଳିତ ୧୫ ମାର୍ଚ୍ଚରେ ଦେହାନ୍ତ ହୋଇଥିଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍ ।** ଯେତେବେଳେ ତାଙ୍କୁ ଦୁଇ ବର୍ଷ ପୁରି ନଥିଲା ତାଙ୍କ ପିତାଙ୍କର ଅକାଳ ବିୟୋଗ ହୋଇ ଯାଇଥିଲା ଏବଂ ତାଙ୍କର ବଡ଼ ବାପା ମହମ୍ମଦ୍ ଇବ୍ରାହିମ୍ ସାହେବ୍ ତାଙ୍କର ଲାଳନ ପାଳନ କରିଥିଲେ । ସ୍ୱର୍ଗତା ଆଜନ୍ମ ଅହମଦି ଥିଲେ । ତାଙ୍କ ବଂଶ ୧୯୦୩ ମସିହାରେ ଅହମଦିୟତରେ ପ୍ରବେଶ କରିଥିଲା । ଅଲ୍ଲାଃତାଲାଙ୍କ କୃପାରୁ ସେ ମୁସିୟା (ମହିଳା) ଥିଲେ । ଅଲ୍ଲାଃତାଲା ତାଙ୍କୁ ଛଅଟି ପୁତ୍ର ଏବଂ ପାଂଚଟି ଝିଅ ଦ୍ୱାରା ସମ୍ମାନିତ କରିଛନ୍ତି । ତାଙ୍କ ପୁତ୍ର ହାଫିଜ୍ ମହମୁଦ୍ ସାହେବ୍ ବର୍ଣ୍ଣନା କରନ୍ତି ଯେ, ଆମ ଅଭିଭାବକମାନେ ଆଜୀବନ ଜମାଅତର ସେବା କରିବା ପାଇଁ ଅଗ୍ରାଧୀକାର ଦେଇ ଆସିଛନ୍ତି ଏବଂ ଆମମାନଙ୍କୁ ମଧ୍ୟ ଜମାଅତର ସେବା କରିବା ପାଇଁ ଏବଂ ଖିଲାଫତେ ଅହମଦିୟା ସହିତ ସୁଦୃଢ଼ ସଂପର୍କ ସ୍ଥାପନ କରିବା ପାଇଁ ତଥା ପ୍ରତ୍ୟେକ ବଳିଦାନ ପାଇଁ ପ୍ରସ୍ତୁତ ରହିବାକୁ ଅନୁପ୍ରାଣିତ ବା ପ୍ରୋତ୍ସାହିତ କରୁଥିଲେ । ଅଲ୍ଲାଃ ତାଲା ସ୍ୱର୍ଗରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କ ସହିତ ଦୟାଭାବ ପ୍ରଦର୍ଶନ କରନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିମାନଙ୍କୁ ମଧ୍ୟ ପୁଣ୍ୟ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । (ଆମିନ୍)

*ପୃଷ୍ଠା- ୩ ର ଅବଶିଷ୍ଟାଂଶ.....*

ପରିଶ୍ରମୀ, କର୍ମଠ ଓ ସଚ୍ଚୋଟ ବ୍ୟକ୍ତି ଥିଲେ । ଆର୍ଥିକ ବିଷୟରେ ସେ ଗଭୀର ଦୃଷ୍ଟି ରଖୁଥିଲେ । ଯେତେବେଳେ ତାଙ୍କୁ ଓକିଲୁଲ୍ ମାଲ ପଦବୀରେ ଅଧିଷ୍ଠିତ କରାଗଲା ସେତେବେଳେ ତହରିକେ ଜଦିଦ୍ର ବଜେଟ୍ ମାତ୍ର କିଛି ଲକ୍ଷରେ ସୀମିତ ଥିଲା, ଯାହାକୁ ସେ ଅଲ୍ଲାଃଙ୍କ କୃପାରୁ ଏକ କୋଟିରୁ ଉର୍ଦ୍ଧ୍ୱରେ ପହଂଚାଇ ଦେଲେ । ଅଲ୍ଲାଃତାଲା ବୈକୁଣ୍ଠରେ ତାଙ୍କର ସ୍ତର ଅଭିବୃଦ୍ଧି କରନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିମାନଙ୍କୁ ତାଙ୍କ ପୁଣ୍ୟ କର୍ମଗୁଡ଼ିକୁ ଅବ୍ୟହତ ରଖିବାକୁ ସାମଥ୍ୟ ପ୍ରଦାନ କରନ୍ତୁ । ଆମିନ୍

ପରବର୍ତୀ ଜନାଯାଃ ହେଉଛି ଶ୍ରୀମାନ ତାହେର ହୁସୈନ୍ ମୁନସୀ ସାହେବ । ଯେ ଫିଜୀର (ଦେଶର) ଅମିର ଥିଲେ । ମାର୍ଚ୍ଚ ମାସ ୫ତାରିଖ ଦିନ ୭୩ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । **ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍** । ସେ ଫିଜି ଜମାଅତର ଜଣେ ଅନୁଭବୀ ସେବକ ଥିଲେ । ଦୀର୍ଘ ଦିନ ଧରି ତାଙ୍କୁ ସେଠାରେ ଜମାଅତର ସେବା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ସେ ଜଣେ ପୁଣ୍ୟବାନ ବ୍ୟକ୍ତି ଥିଲେ, ପ୍ରାର୍ଥନାକାରୀ ତଥା ନିଷ୍ଠାପର ବ୍ୟକ୍ତିତ୍ୱ ଥିଲେ । ନିଜ ବଚନର ପାଳନକାରୀ ଏବଂ ଅନେକ ସୁଗୁଣର ଅଧିକାରୀ ଥିଲେ । ଖଲିଫାଙ୍କର ଗଭୀର ବିଶ୍ୱସ୍ତ ତଥା ଅନ୍ୟମାନଙ୍କୁ ମଧ୍ୟ ଖିଲାଫତ୍ ସହ ଆଜ୍ଞାନୁବର୍ତୀ ହେବାକୁ ପୌତ୍ସାହିତ କରୁଥିଲେ । ସେ ସର୍ବଦା ନିଜର ସର୍ବୋଚ୍ଚ ଆଦର୍ଶର ପରିଚୟ ମଧ୍ୟ ପ୍ରଦାନ କରୁଥିଲେ । ଯେତେବେଳେ ତାଙ୍କୁ କୌଣସି କଥାର ବିବାଦ ସମ୍ପର୍କରେ ଏହା ସୂଚନା ପ୍ରାପ୍ତ ହେଉଥିଲା ଯେ, ଖଲିଫତୁଲ୍ ମସିହ ଅ.ସଙ୍କର ରାଏ ସମ୍ପର୍କରେ ସଠିକ୍ ଅଟେ । ତେବେ ସେ ଯଥାଶୀଘ୍ର ନିଜର ମତ ପରିବର୍ତନ କରିଦେଉଥିଲେ ।

ତୃତୀୟ ଜନାଯାଃ ହେଉଛି ଶ୍ରୀମାନ ମୁସା ସିସ୍କୋ ସାହେବ । ଯେ ମାଲୀ ଦେଶର ଅଧିବାସୀ ଥିଲେ । ତାଙ୍କର ଦେହାନ୍ତ ଫେବୃୟାରୀ ମାସ ୧୫ ତାରିଖରେ ହୋଇଥିଲା । **ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍** । ୨୦୧୨ମସିହା ନଭେମ୍ବର ମାସରେ ସେ ଅହମଦିୟତ୍ ଗ୍ରହଣ କରିଥିଲେ । ୨୦୧୩ ମସିହାରେ ତାଙ୍କୁ ଓସ୍କାସୋ ସହରରେ ଜମାଅତର ରେଡ଼ିଓଗ୍ରେସନର ଶୁଭାରମ୍ଭର ଅବସରରେ ଡ଼ାଇରେକ୍ଟର ରୂପେ ଏବଂ ସେହି ବର୍ଷ ସଦର ଜମାଅତ (ସଭାପତି) ରୂପେ ନିଯୁକ୍ତି ମିଳିଥିଲା । ରେଡ଼ିଓ ଷ୍ଟେସନ ସ୍ଥାପନ ହେବା ପରେ ତାଙ୍କୁ ସେଠାରେ ଅସାଧାରଣ ରୂପେ ବିରୋଧ ପ୍ରଦର୍ଶନର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେହି ସମୟରେ ସେ ଅତ୍ୟନ୍ତ ଧୈର୍ଯ୍ୟ, ସାହସ ଚତୁରତାର ନମୁନା ପ୍ରଦର୍ଶନ କରି ସେହି ଉକ୍ଟ ପରିସ୍ଥିତିର ମୁକାବିଲା କରିବା ସହିତ ତାହାର ସମାଧାନ କରିଥିଲେ । ବୈଅତ କରିବା ପରେ ସେ ନିଜକୁ ସମ୍ପୂର୍ଣ୍ଣ ରୂପେ ଜମାଅତ ପାଇଁ ଉତ୍ସର୍ଗ କରିଦେଇଥିଲେ । ସାମୁହିକ ନମାଜ ପାଠ କରିବା ବ୍ୟତୀତ ନିୟମିତ ରୂପେ ନମାଜେ ତହଜୁଦ୍ ମଧ୍ୟ ପଢୁଥିଲେ । ସେ ଅତ୍ୟନ୍ତ ନିଷ୍ଠାବାନ, କର୍ମଠ ଓ ବିଶ୍ୱସ୍ତ ବ୍ୟକ୍ତି ଥିଲେ । ତାଙ୍କର ଖିଲାଫତ୍ ସହ ନିବିଡ଼ତା ଓ ସମ୍ପର୍କ ବେଶ୍ ଘନିଷ୍ଠ ଥିଲା । ଖଲିଫାଙ୍କ ପ୍ରତ୍ୟେକ ତହରିକ୍‌ରେ ଲବୈକ (ଉପସ୍ଥିତ) ରହୁଥିଲେ ।

ଅଲ୍ଲାଃତାଲା ସମସ୍ତ ମୃତକଙ୍କ ଆତ୍ମାକୁ ସଦଗତି ଓ ବୈକୁଣ୍ଠରେ ସେମାନଙ୍କ ସ୍ତର ବୃଦ୍ଧି କରନ୍ତୁ ତଥା ସେମାନଙ୍କ ସନ୍ତାନ ସନ୍ତତିଙ୍କୁ ପୁଣ୍ୟ କର୍ମ ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍

ЖЖЖЖЖЖЖЖЖЖ

# ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ନିମନ୍ତେ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟର୍‌ନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

*ପୃଷ୍ଠା- ୧୨ର ଅବଶିଷ୍ଟାଂଶ.....*

କରିଦେଲେ । ଏହି କାର୍ଯ୍ୟ ନିମନ୍ତେ ବହୁତ ପରିଶ୍ରମ, ଚେଷ୍ଟା, ଯୋଜନା ଏବଂ ସାଧନଗୁଡ଼ିକର ଆବଶ୍ୟକ ଥିଲା । ପରିଶେଷରେ ଆଜି ଆମେ ସେହି ଡ଼ାକ୍ତରଖାନାର ଉଦ୍‌ଘାଟନି ଉତ୍ସବ ନିମନ୍ତେ ଏକତ୍ରିତ ହୋଇଅଛେ । ମୁଁ ହଜୁର ଅନଓ୍ୱରଙ୍କୁ ହୃଦୟର ଗଭୀରତମ ପ୍ରଦେଶରୁ ଧନ୍ୟବାଦ ଜଣାଉଛି । ହ୍ୟୁମାନିଟି ଫାଷ୍ଟ ଓ ଅହେମଦୀୟା ମୁସ୍‌ଲିମ୍ ଜମାତ୍‌କୁ ମଧ୍ୟ ଧନ୍ୟବାଦ ଜଣାଉଛି । ସେ ମହାଶୟା ହଜୁର ଅନଓ୍ୱର ଅ:ବ:ଅଙ୍କ ସେବାରେ ଗୋଟିଏ ଶିଲ୍ଡ ମଧ୍ୟ ପେଶ୍ କଲେ ।

ଏହାପରେ ଗୋଟେମାଲାର ଭାଇସ୍ ମିନିଷ୍ଟର ଅଫ ହେଲଥ୍ ସ୍ପାନିଷ ଭାଷାରେ ନିଜର ସଂକ୍ଷିପ୍ତ ଅଭିଭାଷଣ ଉପସ୍ଥାପନ କଲେ: ସେ କହିଲେ: ମୋତେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବହୁତ ଖୁସି ଲାଗିଲା । ମୁଁ ହଜୁର ଅନଓ୍ୱର, ହ୍ୟୁମନିଟି ଫାଷ୍ଟ ଏବଂ ଅହେମଦୀୟା ମୁସ୍‌ଲିମ ଜମାତ୍‌କୁ ଧନ୍ୟବାଦ ଜଣାଉଛି । ୟୁ.ଏସ୍.ଏରୁ ଡ଼ାକ୍ତରମାନେ ଆସି ବହୁତ ସାହାଯ୍ୟ କରିଛନ୍ତି ସେ ସମସ୍ତଙ୍କୁ ମଧ୍ୟ ବହୁତ ବହୁତ ଧନ୍ୟବାଦ ଆପଣମାନେ ପୃଥିବୀର ଏ ଭାଗକୁ ଆସି ଡ଼ାକ୍ତରଖାନା ସ୍ଥାପନ କରିଛନ୍ତି ଓ ଅସହାୟ ସମ୍ପ୍ରଦାୟର ଲୋକମାନଙ୍କୁ ସାହାଯ୍ୟ କରିବାପାଇଁ ଆଗକୁ ବଢ଼ିଛନ୍ତି । ସେଥିପାଇଁ ମୁଁ ଆପଣ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ।

ଏହାପରେ ଠିକ୍ ୪.୫୦ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ଅଭିଭାଷଣ ପ୍ରଦାନ କଲେ । ସେହି ଅଭିଭାଷଣର ଓଡ଼ିଆ ଅନୁବାଦ ଉପସ୍ଥାପନ କରାଯାଉଛି ।

**ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ**

ତଶହୁଦ୍, ତଉଜ ଏବଂ ତସ୍‌ନିଆ ପାଠ କରିବା ପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆପଣ ସମସ୍ତଙ୍କ ଉପରେ ଈଶ୍ୱରଙ୍କ ଶାନ୍ତି ଓ ବରକତ୍ ଅବତୀର୍ଣ୍ଣ ହେଉ । ଗୋଟେମୋଲାର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇଥିବା ସମସ୍ତ ଅତିଥିଗଣଙ୍କୁ ସର୍ବ ପ୍ରଥମେ ମୁଁ ଧନ୍ୟବାଦ ଅର୍ପଣ କରିବାକୁ ଚାହୁଁଛି । ନିଶ୍ଚିତ ରୂପେ ଆଜି ଅହେମଦୀୟ ମୁସଲିମ୍ ଜମାତ୍ ପାଇଁ ବହୁତ ଖୁସି ଓ ଆନନ୍ଦର ଦିନ କାରଣ ହ୍ୟୁମାନିଟି ଫାଷ୍ଟର ମଧ୍ୟ ବା ଦକ୍ଷିଣ ଆମେରିକାରେ ଏହା ପ୍ରଥମ ଡ଼ାକ୍ତରଖାନା ସ୍ଥାପନ ହେଉଅଛି ସେଥିପାଇଁ ଆମେ ଏହାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ଅବସର ରୂପେ ବିବେଚନା କରୁଅଛୁ । ଯଦିଚ ହ୍ୟୁମାନିଟି ଫାଷ୍ଟ ଗୋଟିଏ ସ୍ୱାଧୀନ ଉନ୍ନତି ମୂଳକ ଅନୁଷ୍ଠାନ ଅଟେ ଓ ତା'ର ନିଜର ଯୋଜନା ଓ କାର୍ଯ୍ୟପନ୍ଥା ରହିଛି କିନ୍ତୁ ଅସଲରେ ଏହାର ମୁଳଦୁଆ ଅହେମଦୀୟା ମୁସ୍‌ଲିମ ଜମାତ ରଖିଛି । ସାରା ପୃଥିବୀରେ ଅହେମଦୀମାନେ ଆର୍ଥିକ ବଳିଦାନ ଦେଇ ଓ ଅନ୍ୟାନ୍ୟ ଜରୀଆରେ ହ୍ୟୁମାନିଟି ଫାଷ୍ଟର ସାହାର୍ଯ୍ୟ ସହଯୋଗ କରୁଛନ୍ତି ଯଦ୍ୱାରା ହ୍ୟୁମାନିଟି ଫାଷ୍ଟ ମାନବ ସେବାର ସ୍ତରକୁ ଉଚା କରିପାରିବ ଓ ନିଜର କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରସାର କରିପାରିବ । ସୁତରାଂ ହ୍ୟୁମାନିଟି ଫାଷ୍ଟର ଅହମଦିୟା ମୁସ୍‌ଲିମ ଜମାତ୍ ସହିତ ଏକ ଗଭୀର ସମ୍ପର୍କ ରହିଛି ତେଣୁ ଆଜିର ଦିନଟି କେବଳ ହ୍ୟୁମାନିଟି ଫାଷ୍ଟର ଖୁସିର ଦିନ ନୁହେଁ ବରଂ ସାରା ପୃଥିବୀରେ ବସବାସ କରୁଥିବା ଅହେମଦୀ ମୁସଲିମଙ୍କ ପାଇଁ ମଧ୍ୟ ଖୁସିର ଦିନ ଅଟେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆପଣମାନେ ଏ କଥା ଭାବୁଥିବେ ଯେ, ଆମେ କାହିଁକି ଏହି ଡ଼ାକ୍ତରଖାନା ନିର୍ମାଣ କରିଛୁ । ଏହାର ଉତର ବହୁତ ସହଜ । ଏହି ଡ଼ାକ୍ତରଖାନାକୁ କେବଳ ଗୋଟିଏ ନିୟତ ଅନ୍ତର୍ଗତ ନିର୍ମାଣ କରାଯାଇଛି ଓ ସେ ନିୟତ ହେଉଛି ମାନବ ଜାତିର ସେବା ଯଦ୍ୱାରା ଏ ଦେଶର ଲୋକମାନଙ୍କୁ ଉଚ୍ଚ ସ୍ତରର ଚିକିତ୍ସା ଯୋଗାଇ ଦିଆଯିବ । ମୁଁ ଆରମ୍ଭରେ ଆପଣମାନଙ୍କୁ ଏ କଥା ବତାଇଦେବାକୁ ଚାହୁଁଛି ଯେ, ଆମର ଏହି ଅନୁଷ୍ଠାନର ସ୍ଥାପନା ଏ ଦେଶ ପାଇଁ ସେବା କରିବାର ଶେଷ ସୀମା ନୁହେଁ ବରଂ ମୋର ଏ ପ୍ରାର୍ଥନା ଯେ ଏ ଇଲାକାରେ ହ୍ୟୁମାନିଟି ଫାଷ୍ଟ ତରଫରୁ ମାନବ ସେବା ସମ୍ବନ୍ଧିୟ ଅଗଣତି କାର୍ଯ୍ୟକ୍ରମ କାୟମ କରିବା ପାଇଁ ଏହି ଅନୁଷ୍ଠାନ ଗୋଟିଏ ମାଇଲ ଖୁଟଂ ପ୍ରମାଣିତ ହେଉ । ନିଶ୍ଚିତ ରୂପେ ମୁଁ ଏହି ଆଶା ରଖିଛି ଓ ଦୁଆ କରୁଛି ଯେ, ଏଠାରେ ଡ଼ାକ୍ତରଖାନାର ସ୍ଥାପନ ଏକ ଲଂଚ ପ୍ୟାଡ଼ର କାମ ଦେଉ ଯାହା ହ୍ୟୁମାନିଟି ଫାଷ୍ଟକୁ ଏଠାରେ ଓ ବାକି ପୃଥିବୀରେ ସାନ୍ତ୍ୱନା ମୁଳକ ଓ ସାହାର୍ଯ୍ୟ ମୁଳକ କାର୍ଯ୍ୟର ପ୍ରୋଗ୍ରାମକୁ ଆଗକୁ ବଢ଼ାଇବା ପାଇଁ ସାହାର୍ଯ୍ୟ ଯୋଗାଇଦେଉ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ବୋଧ ହୁଏ ଆମର କିଛି ଅତିଥିମାନେ ଆଶ୍ଚର୍ଯ୍ୟ ହେଉଥିବେ ବା ଏହି କଥା କହିବା ଉଚିତ ହେବ ଯେ, ସେମାନେ ଚିନ୍ତିତ ଥିବେ ଯେ, କାହିଁକି ଗୋଟିଏ ମୁସଲ୍‌ମାନ ଜମାତ୍ ଅଣ ମୁସଲ୍‌ମାନମାନଙ୍କୁ ସାହର୍ଯ୍ୟ କରିବା ପାଇଁ ଏତେ ମାତ୍ରା ଉତ୍ସାହିତ । ଏହାର ଉତର ହେଉଛି ଏପରି କି, ଅହେମଦୀୟା ମୁସଲିମ ଜମାତ୍ ତା ପ୍ରାରମ୍ଭରୁ ନେଇ ଆଜି ପର୍ଯ୍ୟନ୍ତ ମାନବ ଜାତିର ସେବା କରିବାରେ ସର୍ବଦା ଆଗ ଧାଡ଼ିରେ ଛିଡ଼ା ହୋଇଅଛି । ସେହି ସାହାର୍ଯ୍ୟ ପ୍ରତ୍ୟେକ୍ଷ ରୂପେ ଆମ ଜମାତ୍ ତରଫରୁ ଜାରି କରାଯାଇଥିବା ସ୍କିମ ମାଧ୍ୟମରେ ହେଉ ବା ହ୍ୟୁମାନିଟି ଫାଷ୍ଟ ଓ ଅନ୍ୟାନ୍ୟ ସମାଜ ସେବା କରୁଥିବା ଅନୁଷ୍ଠାନର ସାହାର୍ଯ୍ୟ ସହଯୋଗ ରୂପରେ ହେଉ । ଉଦାହରଣ ସ୍ୱରୁପ ବିଗତ କିଛି ଦଶକରେ ଅହେମଦୀୟା ମୁସଲିମ ଜମାତ ଆଫ୍ରିକାରେ ବହୁତ ଗୁଡ଼ିଏ ଡ଼ାକ୍ତରଖାନା ଓ ଅନେକ ସ୍କୁଲ୍ ପ୍ରତିଷ୍ଠା କରିଛି । ସେ ସବୁ ସ୍କୁଲ ଓ ଡ଼ାକ୍ତରଖାନା ଜରିଆରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଓ ସମାଜର ସ୍ଥାନୀୟ ଲୋକମାନଙ୍କୁ ଚିକିତ୍ସା ଯୋଗାଇଦେବା ଓ ଉଚ୍ଚ ସ୍ତରର ଶିକ୍ଷା ଯୋଗାଇ ଦିଆଯାଉଛି । ଆଫ୍ରିକା ଦେଶ ଗୁଡ଼ିକରେ ଆମ ଡ଼ାକ୍ତରଖାନାକୁ ଆସୁଥିବା ରୋଗୀମାନେ ଓ ଆମ ସ୍କୁଲ୍‌ରେ ପଢ଼ିବାକୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କ ଅଧିକାଂଶ ସଂଖ୍ୟା ଅଣ ମୁସଲିମମାନଙ୍କର ଅଟେ । ଆମ ସ୍କୁଲ ଗୁଡ଼ିକରେ ପଢୁଥିବା ପାଖାପାଖି ୯୦% ଛାତ୍ରଛାତ୍ରୀ ହେଉଛନ୍ତି ଅଣ ମୁସଲିମ । ତେଣୁ ଆମେ କୌଣସି ଗୋଷ୍ଠୀ ବା ଜାତି ମଧ୍ୟରେ ବିବେଧ କରୁନାହୁଁ ଏବଂ ନା' ଆମ ଅହେମଦୀ ପିଲାମାନଙ୍କୁ କୌଣସି ଅଗ୍ରାଧିକାର ଦେଇଥାଉ । ଆମ ଅନୁଷ୍ଠାନ ପ୍ରାଥମିକ ସ୍କୁଲଠାରୁ ନେଇ ହାଇୟର ସେକେଣ୍ଡାରୀ ସ୍କୁଲ୍ ପର୍ଯ୍ୟନ୍ତ ଶିକ୍ଷା ଯୋଗାଇ ଦେଉଅଛି । ଆମର ଉଦ୍ଦେଶ୍ୟ ହେଉଛି ଏହା କି ସବୁ ପିଲାମାନେ ଶିକ୍ଷା ହାସଲ କରନ୍ତୁ ଓ ସେମାନଙ୍କର ଶିକ୍ଷାର ମୁଳଦୁଆ ସୁଦୃଢ ହେଉ ଯାହା ମାଧ୍ୟମରେ ସେମାନେ ନିଜ ଉଜ୍ଜଳ ଭବିଷ୍ୟତର ଅଟାଳିକା ସ୍ଥାପନ କରିପାରିବେ । ପୁଣି ଆମେ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ସ୍କଲାରଶିପ୍ ମଧ୍ୟ ଦେଉଅଛୁ ଯେଉଁମାନେ ହାଇୟର ଏଜୁକେସନ୍‌ର ଖର୍ଚ୍ଚ ବହନ କରିପାରୁନାହାନ୍ତି ଏହା ଦ୍ୱାରା ସେମାନେ ନିଜର ସାମର୍ଥ୍ୟକୁ ସଠିକ ରୂପେ ବିନିଯୋଗ କରିପାରିବେ ଓ ନିଜ ପାଇଁ ଓ ନିଜ ଜାତି ପାଇଁ ଉତମ ଭବିଷ୍ୟତ ତିଆରି କରିପାରିବେ । ସେହିପରି ଅହେମଦୀୟା ମୁସଲିମ ଜମାତ ନିଜ ତରଫରୁ ବା ହ୍ୟୁମାନିଟି ଫାଷ୍ଟ ଜରିଆରେ ମାନବ ସେବା କରିବା ଓ ଗରିବ ଲୋକମାନଙ୍କୁ ସାହାର୍ଯ୍ୟ ଯୋଗାଇଦେବା ଇତ୍ୟାଦି କାର୍ଯ୍ୟ ସମ୍ବନ୍ଧରେ ଗୋଟିଏ ଲମ୍ବା ଇତିହାସ ରହିଛି ।

ହଜୁର ଅନଓ୍ୱର ଅ:ବ:ଅ ପୁଣି କହିଲେ: ଆମେ ଏହି ସେବା କରିବାର ପ୍ରତିବଦଳରେ କୌଣସି ପ୍ରଶଂସା ବା କୌଣସି ସାଧନ ଚାହୁଁନାହୁଁ କାରଣ ଆମେ ତାହା ହିଁ କରୁଛୁ ଯାହା ଆମକୁ ଆମ ଧର୍ମ ଶିକ୍ଷା ଦେଇଅଛି । ଆମ ଭିତରେ ଅନ୍ୟ ଲୋକମାନଙ୍କର ସେବା କରିବା ପାଇଁ ଯେଉଁ ମନୋଭାବ ରହିଛି ତାହା କେବଳ ଇସ୍‌ଲାମୀୟ ଶିକ୍ଷା ଯୋଗୁଁ ହିଁ ହୋଇପାରିଛି । ପ୍ରତ୍ୟେକ ସଚ୍ଚା ମୁସଲ୍‌ମାନମାନଙ୍କ ପାଇଁ ପବିତ୍ର କୋରାନ୍ ହେଉଛି ହିଦାୟତର ଆଲୋକ ଯାହା ଇସ୍‌ଲାମର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଉପରେ ସ୍ୱର୍ଗବାଣୀ କରାଯାଇଥିଲା । ପବିତ୍ର କୋରାନ୍‌ରେ ବହୁତ ସ୍ଥାନରେ ଅଲ୍ଲାଃ ତାଲା ମସୁଲ୍‌ମାନମାନଙ୍କୁ ଏ ଶିକ୍ଷା ଦେଇଛନ୍ତି ଯେ, ସେମାନେ ମାନବଜାତିର ସେବା କରନ୍ତୁ ଏବଂ ଅସୁବିଧା ଭିତରେ ପଡ଼ିଥିବା ଅସହାୟ ଓ ବଂଚିତ ଲୋକମାନଙ୍କୁ ସାହାର୍ଯ୍ୟ କରନ୍ତୁ । ପବିତ୍ର କୋରାନ୍ ମୁସଲ୍‌ମାନମାନଙ୍କଠାରୁ ଏ କଥା ଆଶା କରୁଛି ଯେ. ଏମାନେ ନିଃସ୍ୱାର୍ଥପର ରୂପେ ଅନ୍ୟ ଜାତିର ଲୋକମାନଙ୍କ ସେବା କରିବା ପାଇଁ ଆନ୍ତରିକ ସ୍ୱଇଚ୍ଛା ଓ ମନୋଭାବ ରଖନ୍ତୁ । ପୁଣି ପବିତ୍ର କୋରାନ୍ ଆମଠାରୁ ଏ ଆଶା କରୁଛି ଯେ, ଆମେ ଅନ୍ୟ ସବୁ ବର୍ଗର ଲୋକମାନଙ୍କୁ ସୁରକ୍ଷା ଦେବା ଓ ସେମାନଙ୍କ ଉନ୍ନତି ସାଧନ ନିମନ୍ତେ ସବୁ ପ୍ରକାରର ବଳିଦାନ ଦେବାପାଇଁ ସର୍ବଦା ପ୍ରସ୍ତୁତ ହୋଇ ରହିବୁ । ଉଦାହରଣ ସ୍ୱରୁପ ପବିତ୍ର କୋରାନର ସୁରାଃ ଆଲେ ଇମ୍‌ରାନ୍ ର ଆୟତ ସଂଖ୍ୟା ୧୧୧ ଅଲ୍ଲାଃ ତାଲା କହୁଛନ୍ତି ଯେ, ସଚ୍ଚା ମୁସଲ୍‌ମାନ ହେଉଛି ସେ ଯିଏ ଭଲ କଥା କରିବା ପାଇଁ ନିର୍ଦ୍ଦେଶ ଦିଏ ଓ ଖରାପ କଥା ଓ ଅନ୍ୟାୟଠାରୁ ଦୁରେଇ ରହିଥାଏ ଓ ଅନ୍ୟ ମାନଙ୍କୁ ମଧ୍ୟ ଉତମ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରିଥାଏ । କେବଳ ସେହି ବ୍ୟକ୍ତି ଅନ୍ୟ ମାନଙ୍କର ଠିକ୍ ରୂପେ ଧ୍ୟାନ ରଖିପାରିବ ଓ ସେମାନଙ୍କର ସେବା କରିପାରିବ ଯିଏ ମାନବ ଜାତି ସହିତ ସଚ୍ଚା ସହାନୁଭୁତି ରଖିଥିବ ତତ୍ ସହିତ ଈଶ୍ୱରଙ୍କ ସୃଷ୍ଟଜଙ୍କ ସହିତ ସମବେଦନା ଓ ଦରଦ ରଖିଥିବ । ମାନବ ଜାତି ସହିତ ଏପରି ଉଚ୍ଚ ସ୍ତରର ପ୍ରେମଭାବ କେବଳ ଏହି ପରିପେକ୍ଷିରେ ହାସଲ ହୋଇପାରିବ ଯେତେବେଳେ ଆପଣ ମାନଙ୍କର ହୃଦୟ ଓ ମନ ନିର୍ମଳ ଥିବ । ସ୍ୱାର୍ଥପରତା ଓ ଘୃଣା ଭାବରୁ ପବିତ୍ର ଥିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ପବିତ୍ର କୋରାନ୍‌ର ସୁରାଃ ବକ୍‌ରାଃର ଆୟତ ସଂଖ୍ୟା ୮୪ ରେ ଈଶ୍ୱର ମସୁଲମାନମାନଙ୍କୁ ପ୍ରତିକ୍ଷଣ ପୁର୍ଣ୍ଣ୍ୟ କଥା କହିବା ପାଇଁ ଏବଂ ଅନ୍ୟମାନଙ୍କର ମନୋଭାବର ଧ୍ୟାନ ରଖିବା ପାଇଁ ଓ ସମାଜର ଦୁର୍ବଳ ଶ୍ରେଣୀର ଲୋକମାନେ ଯେପରି ଅନାଥ, ଅସହାୟ ଲୋକମାନଙ୍କର ସୁରକ୍ଷା ଓ ସେମାନଙ୍କୁ ସାହାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଅଛି ।

ପୁଣି ପବିତ୍ର କୋରାନ୍‌ର ସୁରାଃ ଜାରିୟାତ୍‌ର ଆୟତ ନଂ ୨୦ରେ ଅଲ୍ଲାଃ ତାଲା କହୁଛନ୍ତି ଯେ, ଜଣେ ସଚ୍ଚା ମସୁଲମାନର ସ୍ୱତନ୍ତ୍ର ବିଶେଷ ଗୁଣ ହେଉଛି ଏହା କି, ସେ ଈଶ୍ୱରଙ୍କ ସମଗ୍ର ପ୍ରାଣୀଜଗତର ଧ୍ୟାନ ରଖିଥାଏ ଓ ଅସହାୟ ଲୋକମାନଙ୍କୁ ସାହର୍ଯ୍ୟ ଓ ସୁବିଧା ଯୋଗାଇଦେବା ପାଇଁ ଚେଷ୍ଟା କରିଥାଏ । ସେମାନେ ସାହାର୍ଯ୍ୟ ନେବାପାଇଁ ଡ଼ାକନ୍ତୁ ବା ନ ଡ଼ାକନ୍ତୁ । ସୁତରାଂ ଜଣେ ସଚ୍ଚା ମୁସଲମାନ ପାଇଁ ଏହା ଯଥେଷ୍ଟ ନୁହେଁ ଯେ ସେ ପର୍ଯ୍ୟନ୍ତ ଅପେକ୍ଷା କରୁ ଯେ ପର୍ଯ୍ୟନ୍ତ କେହି ତାକୁ ସାହାର୍ଯ୍ୟ କରିବା ପାଇଁ ଡାକୁ ବରଂ ତା'ର ଏହା ଦାୟିତ୍ୱ ଯେ ସେ ଅନ୍ୟ ମାନଙ୍କର ଦୁଃଖ କଷ୍ଟକୁ ଅନୁଭବ କରୁ ଓ ସେମାନଙ୍କୁ ସାହାର୍ଯ୍ୟ କରିବା ପାଇଁ ପ୍ରତ୍ୟେକ ପ୍ରକାରର ବଳିଦାନ ଦେଉ । ଯଦ୍ୱାରା ସେହି ସବୁ ଲୋକମାନେ ନିଜର ଅସୁବିଧା ଉପରେ ଆୟତ ପାଇପାରିବେ ।

ପୁଣି ପବିତ୍ର କୋରାନର ସୁରାଃ ବଲଦ୍ ଆୟତ ନଂ ୧୫ରୁ ୧୭ରେ ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ଏ ନିର୍ଦ୍ଦେଶ ଦେଇଛି ଯେ, ଭୋକିଲା ଲୋକମାନଙ୍କୁ ଖାଦ୍ୟ ଯୋଗାଇଦେବା, ଅନାଥ ମାନଙ୍କ ସହିତ ଦୟା ଆଚରଣ କରିବା ଓ ପ୍ରତ୍ୟେକ ଅସହାୟ ବ୍ୟକ୍ତି ବିଶେଷ ରୂପେ ଏପରି ଲୋକେ ଯେଉଁମାନେ ଦୁର୍ବଳ ଶ୍ରେଣୀର ସେମାନଙ୍କୁ ସାହାର୍ଯ୍ୟ କରିବା । ମୁସଲ୍‌ମାନମାନଙ୍କୁ ଏ ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନେ ଏପରି ଲୋକମାନଙ୍କ ସହିତ କାନ୍ଧରେ କାନ୍ଧ ମିଳାଇ ଛିଡ଼ା ହୁଅନ୍ତୁ ଯେଉଁମାନେ ସମାଜରୁ ବିତାଡ଼ିତ ହୋଇଛନ୍ତି ଏବଂ ନିଜେ ସେମାନଙ୍କର ବୋଝକୁ ଉଠାନ୍ତୁ । ମୁସଲ୍‌ମାନମାନଙ୍କୁ ଏ ନିର୍ଦ୍ଦେଶ ଦିଆଯାଇଛି ଯେ, ଏମାନେ ସମାଜର ବଂଚିତ ଶ୍ରେଣୀ ଓ ଅସହାୟ ଲୋକମାନଙ୍କୁ ସାହାର୍ଯ୍ୟ କରନ୍ତୁ ଯଦ୍ୱାରା ସେମାନେ ନିଜ ଗୋଡ଼ରେ ଛିଡ଼ା ହୋଇପାରିବେ ଓ ନିଜ କଠିନ ପରିସ୍ଥିତିରୁ ବାହାରକୁ ବାହାରି ପାରିବେ ଓ ଏକ ସମ୍ମାନ ଜୀବନ ବଂଚି ପାରିବେ ଏହାର ପ୍ରତିବଦଳରେ ପବିତ୍ର କୋରାନ୍ ମୁସଲମାନମାନଙ୍କୁ ଏ ସୁସମାଚାର ଦେଇଛି ଯେ, ଏହି ପରି ଲୋକମାନେ ଆଧ୍ୟାତ୍ମିକତାରେ ଉନ୍ନତି କରିବେ ଓ ଈଶ୍ୱରଙ୍କର ନିକଟତର ହେବେ ଓ ଈଶ୍ୱରଙ୍କର ପ୍ରସନ୍ନତାର ଉତରାଧିକାରୀ ହେବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ସେହିପରି ସୁରାଃ ବକ୍‌ରାଃର ଆୟତ ନଂ ୧୯୬ରେ ଅଲ୍ଲାଃ ତାଲା କହୁଛନ୍ତି ଯେ: ଯଦି କୌଣସି ବ୍ୟକ୍ତି ନିଜକୁ ତିରସ୍କାର ଓ ଧ୍ୱସଂ ମୁଖରୁ ବଂଚାଇବା ପାଇଁ ଇଚ୍ଛା ରଖିଥାଏ ତେବେ ତାକୁ ପ୍ରତି କ୍ଷେତ୍ରରେ ବିନା କୌଣସି ପ୍ରତିବଦଳରେ ଅନ୍ୟ ମାନଙ୍କ ସହିତ ସ୍ନେହ, ସୌହାର୍ଦ୍ୟ ଓ ସାହାଯ୍ୟ କରିବାକୁ ହେବ । ସୁରାଃ ନିଶାର ଆୟତ ନଂ ୩୭ ରେ ଅଲ୍ଲାଃ ତାଲା କହୁଛନ୍ତି ଯେ, ମୁସଲମାନମାନଙ୍କୁ ନିଜ ପଡ଼ୋଶୀମାନଙ୍କ ସହିତ ଉତମ ବ୍ୟବହାର ରଖିବା ଉଚିତ ଓ ପୁର୍ନବାର ଏହି କଥାକୁ ଦୋହରାଇ କହୁଛି ଯେ, ପ୍ରକୃତ ମୁସଲମାନ ହେଉଛି ସେ ଅସହାୟ, ଅନାଥ ଓ ଦରିଦ୍ର ମାନଙ୍କୁ ସାହାଯ୍ୟ କରିଥାଏ ।

ପବିତ୍ର କୋରାନ ମୁସଲମାନମାନଙ୍କୁ ଏ ନିର୍ଦ୍ଦେଶ ଦେଉଛି ଯେ, ଅନ୍ୟମାନଙ୍କ ସହିତ ସତ୍‌ବ୍ୟବହାର କର ଓ ନିଜ ଅଧିନସ୍ତ ଲୋକମାନଙ୍କ ସହିତ ପ୍ରେମ ଓ ସ୍ନେହର । ଉଦାହରଣ ସ୍ୱରୁପ ଯଦି କାର୍ଯ୍ୟସ୍ଥଳୀରେ କୌଣସି ମୁସଲମାନର ଯଦି କିଏ ଅଧିନସ୍ଥ କର୍ମଚାରୀ ଅଛି ତେବେ ସେ ମୁସଲମାନ ଜଣକ ତା ସହିତ ଦୟା ଓ ସ୍ନେହ ଭାବର ପରିପ୍ରକାଶ କରୁ ପୁଣି ପବିତ୍ର କୋରାନର ସୁରାଃ ମୁହମ୍ମଦ ର ଆୟତ ନଂ ୩୯ରେ ଅଲ୍ଲାଃ ତାଲା କହୁଛନ୍ତି କି, ମୁସଲମାନମାନେ ନିଜର ଧନ ସମ୍ପତିକୁ ଅନ୍ୟମାନଙ୍କ ସାହାଯ୍ୟ ନିମନ୍ତେ ଖର୍ଚ୍ଚ କରନ୍ତୁ ଯିଏ ଏପରି କରୁନାହିଁ ସେମାନଙ୍କୁ କୃପଣରୂପେ ଅଭିହିତ କରାଯାଇଛି ଓ କୁହାଯାଇଛି ଯେ, ଏପରି କୃପଣ ମାନଙ୍କୁ ଅଲ୍ଲାଃ ତାଲା ପସନ୍ଦ କରନ୍ତି ନାହିଁ । ଏମାନେ ମାନବିକ ଆତ୍ମାର ଅନ୍ଧକାରର କାରଣ ଅଟନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେଉଁ ଆୟତ ଗୁଡ଼ିକ ମୁଁ ଏଠାରେ ବର୍ଣ୍ଣନା କଲି ଏଥିରୁ ଏହାର ଗୁରୁତ୍ୱ ଜଣା ପଡୁଛି ଯେ, ଯଦି ମୁସଲମାନମାନେ ଖୁଦା ତାଲାଙ୍କ ପ୍ରେମ ହାସଲ କରିବାକୁ ଚାହୁଁଛନ୍ତି ତେବେ ସେମାନେ ନିଶ୍ଚିତ ରୂପେ ପ୍ରଥମେ ଅଲ୍ଲାଃଙ୍କ ପ୍ରାଣୀଜଗତର ସାହାଯ୍ୟ କରିବାକୁ ପଡ଼ିବ । ଏହି ଆୟତ ଗୁଡ଼ିକ ସ୍ୱଷ୍ଟରୂପେ ଏହା ବର୍ଣ୍ଣନା କରୁଛନ୍ତି ଯେ, ଇସ୍‌ଲାମର ମୁଳଦୁଆ ମାନବସେବା ଉପରେ ଆଧାରିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ପବିତ୍ର କୋରାନ୍‌ର ଯେଉଁ ଆୟତ ଗୁଡ଼ିକ ଏଠାରେ ଉପସ୍ଥାପନ କରାଗଲା, ଏହାର ଉଦ୍ଦେଶ୍ୟ କେବଳ ଏହା କି ଆପଣମାନେ ଜାଣିପାରିବେ ଯେ ଇସ୍‌ଲାମ୍ ତାହା ନୁହେଁ, ଯାହା ସାଧାରଣତଃ ମିଡ଼ିଆ ଉପସ୍ଥାପନ କରିଥାଏ । ଇସ୍‌ଲାମ୍ ଚରମପନ୍ଥି. ବିଭ୍ରାଟ ବା ସନ୍ତ୍ରାସବାଦର ଧର୍ମ ନୁହେଁ । ବରଂ ଏହା ହେଉଛି ପ୍ରେମ, ସ୍ନେହ ଓ ଭାଇଚାରାର ଧର୍ମ । ଏହା ହେଉଛି ଏପରି ଧର୍ମ ଯିଏ ନିଜର ଅନୁସରଣକାରୀମାନଙ୍କୁ ମାନବ ସେବା କରିବା ହେଉଛି ଅସଲ କର୍ତବ୍ୟ ରୂପେ ଅଭିହିତ କରିଥାଏ । ସେଥିଯୋଗୁଁ ଏହା କିପରି ସମ୍ଭବ ଯେ ଜଣେ ପ୍ରକୃତ ମୁସଲମାନ୍ କଠୋର ହୃଦୟ ହୋଇଯିବ ବା ଅସୁବିଧାରେ ପଡ଼ିଥିବା ଲୋକମାନଙ୍କୁ ସାହାଯ୍ୟ ନ କରିବ ।

ହଜୁର ଅନଓ୍ୱର ଅ:ବ:ଅ: ପବିତ୍ର କୋରାନ୍‌ର ଉକ୍ତ ପବିତ୍ର ଆୟତ ଗୁଡ଼ିକର ଆଲୋକରେ ମୁଁ ବର୍ତମାନ ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମାନବ ସେବା ସମ୍ବନ୍ଧିୟ କିଛି ଉଦାହରଣ ଉପସ୍ଥାପନ କରିବି । ଏହି ନୂଆ ଯୁଗରେ ଅଧିକାଂଶ ସମୟ ଏ ଆରୋପ ଲଗାଯାଉଛି ଯେ ରସୁଲେ କରିମ୍ ସ:ଆ:ସ (ନଉଜୁବିଲ୍ଲାହି) ଜଣେ ଯୁଦ୍ଧଖୋର ମୁଖିଆ ଥିଲେ, ଯିଏ ନିଜ ଅନୁଗାମୀମାନଙ୍କୁ ଚରମପନ୍ଥୀ ଓ କଠୋରପନ୍ଥୀ ଶିକ୍ଷା ଦେଉଛନ୍ତି । ଏ କଥା ସ୍ୱଷ୍ଟ ହେଉ ଯେ ଏହା ବାସ୍ତବିକତାର ସମ୍ପୁର୍ଣ୍ଣ ବିପରୀତ କଥା ଓ ଆପଣ ସ:ଆ:ସଙ୍କ ପବିତ୍ର ଜୀବନୀ ଉପରେ ଲଗାଯାଇଥିବା ଏହି ଆରୋପ ସମ୍ପୁର୍ଣ୍ଣରୂପେ ଅନ୍ୟାୟ । ଇସ୍‌ଲାମ୍‌ର ପୈଗମ୍ବର ସ:ଆ:ସ ଓ ପ୍ରତ୍ୟେକ ଜାତି, ପ୍ରତ୍ୟେକ ସମ୍ପ୍ରଦାୟ ଓ ପ୍ରତ୍ୟେକ ଧର୍ମର ଲୋକମାନଙ୍କ ଅଧିକାରକୁ ସୁରକ୍ଷା ଦେଲେ । ଆପଣ ସ:ଆ:ସ ପୁରା ଜଗତ ପାଇଁ ରହ୍‌ମତ ଅର୍ଥାତ୍ କରୁଣା ଥିଲେ । ଆପଣ ସ:ଆ:ସଙ୍କ ପବିତ୍ର ଅସ୍ତିତ୍ୱରୁ ମାନବ ଜାତି ପାଇଁ ପ୍ରେମର ଧାରା ଫୁଟୁଥିଲା । ଉଦାହରଣ ସ୍ୱରୁପ ଏକ ଅବସରରେ ରସୁଲେ କରିମ୍ ସ:ଆ:ସ କହିଲେ ଯେ 'ମୁଁ ଦୃବଳଲୋକମାନଙ୍କ ସହିତ ଅଛି କାରଣ ଦୃବଳ ଓ ଗରୀବ ଲୋକମାନଙ୍କୁ ସାହାଯ୍ୟ କରିବା ହେଉଛି ଈଶ୍ୱରଙ୍କ ସାନ୍ନିଧ ହାସଲ କରିବାର ମାଧମ' । ପଣି ଆଁ ହଜ୍‌ରତ୍ ସ:ଆ:ସ ଏ ଶିକ୍ଷା ଦେଉଛନ୍ତି ଯେ ଈଶ୍ୱର ସେହି ଲୋକମାନଙ୍କଠାରୁ ବହୁତ ଖୁସି ହୁଅନ୍ତି ଯେଉଁମାନେ ଗରୀବ ଲୋକମାନଙ୍କୁ ସାହାଯ୍ୟ କରିଥାନ୍ତି, ଯେଉଁ ଲୋକମାନେ ଗରୀବ ଲୋକମାନଙ୍କ ଭୋକ ମିଟାଇଥାନ୍ତି ଓ ସେମାନଙ୍କୁ ଚିକିତ୍ସା ଯୋଗାଇଥାନ୍ତି । ସୁତରାଂ ଯଦି କୌଣସି ବ୍ୟକ୍ତି ସଚା ମୁସଲ୍‌ମାନ ହେବାର ଦାବୀ କରିଥାଏ ତେବେ ତା'ର ସବୁଠାରୁ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହେଉଛି ଏହା କି ସେ ସମସ୍ତ ଅସହାୟ ଲୋକମାନଙ୍କୁ ସାହାଯ୍ୟ କରୁ ଓ ସେମାନଙ୍କ ଦୁଃଖ କଷ୍ଟ ଇତ୍ୟାଦି ଅସୁବିଧା ଗୁଡ଼ିକୁ ଦୂର କରିବା ପାଇଁ ଭରପୁର ଚେଷ୍ଟା କରୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆମର ଏ ବିଶ୍ୱାସ ଯେ ଈଶ୍ୱର ଏ ଯୁଗରେ ଇସ୍‌ଲାମ୍ର ବାସ୍ତବିକ ଶିକ୍ଷାକୁ ଉଜାଗର କରିବା ପାଇଁ ଯେଉଁ ବ୍ୟକ୍ତିଙ୍କୁ ପ୍ରେରଣ କରିଛନ୍ତି ସେ ହଉଛନ୍ତି ଯମାତ୍ ଅହେମଦୀୟା ମୁସ୍‌ଲିମାର ପ୍ରତିଷ୍ଠାତା ଯାହାଙ୍କୁ ଆମେ ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍ ରୂପେ ମାନୁଅଛୁ । ଅପାଣ ଆ:ସ ଏଥିପାଇଁ ପ୍ରକଟ ହୋଇଚନ୍ତି କି ଯଦ୍ୱାରା ଏ ସଂସାରବାସୀଙ୍କୁ ବତାଇବେ ଯେ ପ୍ରକୃତ ଇସ୍‌ଲାମ୍ କଣ ଓ ଇସ୍‌ଲାମ୍‌ର ଶିକ୍ଷାକୁ ପୃଥିବୀର କୋଣେ ଅନୁକୋଣେ ପହଂଚାଇବେ । ଯେଉଁଠି ଆପଣ ଆ:ସ ଅଣ ମୁସଲମାନମାନଙ୍କୁ ଇସ୍‌ଲାମ୍‌ର ଆଲୋକରେ ଆଲୋକିତ କରିବା ପାଇଁ ଆସିଛନ୍ତି ସେଠି ଆପଣ ଆ:ସ ମୁସଲ୍‌ମାନମାନଙ୍କ ସୁଧାର ପାଇଁ ମଧ୍ୟ ଆସିଛନ୍ତି, ଯେଉଁମାନେ ନିଜ ଧର୍ମର ଶିକ୍ଷାକୁ ଭୁଲିସାରିଛନ୍ତି ଫଳତଃ ସେମାନଙ୍କୁ ସେହି ଇସ୍‌ଲାମ୍ ଆଡ଼କୁ ଫେରାଇ ଆଣିବେ, ଯେଉଁ ଇସ୍‌ଲାମକୁ ପବିତ୍ର କୋରାନ ଓ ରସୁଲେ କରିମ୍ ସ:ଆ:ସ ଆଣିଥିଲେ । ଆପଣ ଆ:ସ ସବୁଠାରୁ ଅଧିକା ମାନବ ଜାତିକୁ ଅନବରତ ଏଥିପ୍ରତି ଧ୍ୟାନ ଆର୍କଷଣ କରାଇଛନ୍ତି କି ସେମାନେ ଈଶ୍ୱରଙ୍କ ଅଧିକାରକୁ ଓ ପ୍ରାଣି ଜଗତର ଅଧିକାରକୁ ପ୍ରଦାନ କରନ୍ତୁ ।

ଏକଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ. କୌଣି ଜଣେ ଭାଇଙ୍କୁ ତା'ଙ୍କ ଆବଶ୍ୟକତା ସମୟରେ ସାହାଯ୍ୟ କରିବାକୁ ମନା କରିଦେବା ସମ୍ପୁର୍ଣ୍ଣ ଭୁଲ ଓ କୁଚରିତ୍ର କାର୍ଯ୍ୟ ଅଟେ । ଆପଣ ଆ:ସ କହିଲେ ଯେ ଯଦି କାହା ନିକଟରେ ଏପରି କୌଣସି ସାଧନ ନାହିଁ ଯେ ସେ ଅନ୍ୟମାନଙ୍କୁ ସାହାଯ୍ୟ କରିପାରିବେ, ତେବେ ସେ ଅତିକମ୍‌ରେ ନିଷ୍ଠାର ସହିତ ତା'ପାଇଁ ଅଲ୍ଲାଃଙ୍କ ନିକଟରେ ଦୁଆ ତ କରିପାରିବ ଯେ, ଅଲ୍ଲାଃ ତାଙ୍କ ଦୁଃଖକୁ ଦୂର କରିଦିଅନ୍ତୁ । ଆପଣ ଆ:ସ ଆମକୁ ଏ ଶିକ୍ଷା ଦେଇଛନ୍ତି ଯେ. ପ୍ରାର୍ଥନା ଗ୍ରହଣୀୟ ହେବା ମଧ୍ୟ ଏକ ପବିତ୍ର ଆତ୍ମା ଓ ନମ୍ର ସ୍ୱଭାବ ଚାହିଁଥାଏ । ସୁତରାଂ ମୁସଲମାନମାନଙ୍କର ଏ କର୍ତବ୍ୟ ଯେ ସେମାନେ ଅନ୍ୟଲୋକମାନଙ୍କ ଦୁଃଖ ଓ ଅସୁବିଧାରେ ସହାନଭୁତି ପ୍ରକାଶ କରନ୍ତୁ ଓ ସେମାନଙ୍କ ଦୁଃଖକୁ ନିଜର ଦୁଃଖ ବୋଲି ବିବେଚନା କରନ୍ତୁ ।

ଏକଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ ମାନବ ସେବା ହେଉଛି ବାସ୍ତବରେ ଈଶ୍ୱରଙ୍କ ଉପାସନା । ସେହିପରି ଆଉ ଏକସ୍ଥାନରେ ଆପଣ ଆ:ସ କହିଛନ୍ତି ଯେ ମୋର ଅବସ୍ଥାତ ଏମିତି କି ଯଦି କେହି ଦୁଃଖରେ ପଡ଼ିଥାଏ ଓ ମୁଁ ଫର୍ଜ ନମାଜ ପଢ଼ଇବାରେ ଲାଗିଥାଏ । ଏହି ସମୟରେ ଦୁଃଖରେ ପଡ଼ିଥିବା ବ୍ୟକ୍ତିର କରୁଣା ଆର୍ତ ମୋ କାନରେ ପଡ଼େ ତେବେ ମୁଁ ମୋ ନମାଜକୁ ଭଙ୍ଗ କରି ତା'ର ସାହାଯ୍ୟ କରିବି ।

ଆଉ ଏକ ଅବସରରେ ହଜ୍‌ରତ୍ ମସହି ମଉଦ୍ ଆ:ସ କହିଲେ କି ମୁଁ ଅନ୍ୟମାନଙ୍କ ତୁଳନରେ ଲୋକମାନଙ୍କୁ ଏ କଥା ନିବେଦନ କରିଥାଏ ଯେ ଅଣ ମୁସଲମାନଙ୍କୁ ଯେପରି କି ହିନ୍ଦୁ ଭାଇମାନେ ଓ ଅନ୍ୟାମନଙ୍କ ସହିତ ଉତମ ବ୍ୟବହାର କରନ୍ତୁ ।

ଆପଣ ଆ:ସ କହୁଛନ୍ତି ଯେ ଈଶ୍ୱରଙ୍କ ସୃଷ୍ଟଜଙ୍କ ସହିତ ଏପରି ବ୍ୟବହାର କରନ୍ତୁ ଯେପରି ଆପଣମାନେ ନିଜ ନିକଟ ସମ୍ପର୍କୀୟମାନଙ୍କ ସହିତ କରିଥାନ୍ତି । ମାନବଜାତି ସହିତ ଏପରି ବ୍ୟବହାର କରନ୍ତୁ ଯେପରି ଜଣେ ମା' ନିଜ ପିଲାମାନଙ୍କ ସହିତ କରିଥାଏ । ଏହିପରି ବ୍ୟବହାର ଆପଣମାନଙ୍କର ହେବା ଉଚିତ । ଏପର ନ ହେଉ କି ଆପଣମାନେ କାହାକୁ ଏଥିପାଇଁ ସାହାଯ୍ୟ କରୁଥିବେ କି ତା' ପ୍ରତିବଦଳରେ କୌଣସି ଲାଭ ମିଳିବ ।

ଏହିପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ କି ପବିତ୍ର କୋରାନ୍‌ର ସୁରଃ ନହଲ୍ ର ଆୟତ ନଂ-୯୧ ରେ ଅଲ୍ଲାଃ ତାଲା ମୁସଲ୍‌ମାନମାନଙ୍କୁ ଏ ନିର୍ଦ୍ଦେଶ ଦେଉଛନ୍ତି କି ସେମାରନେ ନ୍ୟାୟ କରନ୍ତୁ ଓ ଅନ୍ୟମାନଙ୍କ ସହିତ ଉତମ ବ୍ୟବହାର କରନ୍ତୁ ଓ ଭଲ ଚାହନ୍ତୁ । ଏପରିକି ସେହି ଲୋକମାନଙ୍କ ସହିତ ମଧ୍ୟ ପୁଣ୍ୟବ୍ୟବହାର କରନ୍ତୁ ଯେଉଁମାନେ ଆପଣମାନଙ୍କ ସହିତ ଖରାପ ବ୍ୟବହାର କରିଛନ୍ତି ବରଂ ସେମାନଙ୍କ ସହିତ ଅଧିକ ଭଦ୍ର ବ୍ୟବହାର କର । ଆପଣମାନେ ସେହି ଲୋକମାନଙ୍କ ଉପରେ ଅଧିକ ଦୟାକର ଓ ସେମାନଙ୍କର ଏପରି ଧ୍ୟାନ ରଖ ଯେପରି ମା' ତା ପିଲାମାନଙ୍କର ଧ୍ୟାନ ରଖିଥାଏ । ଏହା କେବଳ କେଡ଼େ ଶନ୍‌ଦାର୍ ଓ ଉତମ ଶିକ୍ଷା ! ଆମ ସମସ୍ତଙ୍କୁ ମା'ଙ୍କ ପ୍ରେମର ଅନୁଭବ ଅଛି କି ସେ ତା ପିଲାମାନଙ୍କୁ କେତେ ଭଲପାଇଥାଏ । ମା' ତା ପ୍ରେମର କୌଣସି ପ୍ରତିବଦଳ ଚାହେଁନାହିଁ ଓ ଏକଥା ମଧ୍ୟ ଚାହେଁ ନାହିଁ କି ତା ପ୍ରେମ ଯୋଗୁଁ ତାକୁ ପ୍ରଶଂସା କରାଯାଉ । ମା' ତା'ନିଜଠାରୁ ନିଜ ପିଲାକୁ ଅଧିକ ଭଲ ପାଇଥାଏ ଓ ତା ବଂଶ ରକ୍ଷା କରିବା କାର୍ଯ୍ୟରେ କେବେ ଅବହେଳା କରେ ନାହିଁ । ସୁତରାଂ ଇସ୍‌ଲାମ୍ ମୁସଲମାନମାନଙ୍କଠାରୁ ଏକଥା ଚାହିଁଥାଏ କି ସେ ଜଣେ ମା'ର ନିସ୍ୱାର୍ଥପର ପ୍ରେମ ଓ ସେବା ପରି ନା କେବଳ ନିଜ ପିଲାମାନଙ୍କ ପାଇଁ ବରଂ ସମଗ୍ର ମାନବ ଜାତି ପାଇଁ ପ୍ରେମ ଉଜାଗର କରୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର କାର୍ଯ୍ୟରେ ମଧ୍ୟ ଅନ୍ୟମାନଙ୍କ ସେବା କରିବାର ମଉକାକୁ କେବେ ହାତ ଛଡ଼ା କରନ୍ତି ନାହିଁ । ଉଦାହରଣ ସ୍ୱରୂପ ଉନବିଂଶ ଶତାବ୍ଦିରେ ଅପାଣ ଆ:ସ ଭାରତର ଗୋଟିଏ ଛୋଟିଆ ଗ୍ରାମରେ ବସବାସ କରୁଥିଲେ ଯେଉଁଠି ନିୟମିତ କୌଣସି ଚିକିତ୍ସାର ସୁବିଧା ନଥିଲା । କିନ୍ତୁ ମାନବ ସେବା କରିବାର ମନୋଭାବରେ ଆପଣ ଆ:ସ ସେ ସମୟର ପ୍ରଚଳନ ଚିକିତ୍ସାର ଅଧ୍ୟୟନ କଲେ ଓ ନିଜ ଘରେ ବିଭିନ୍ନ ପ୍ରକାରର ଔଷଧ ରଖିଲେ ଫଳତଃ ସ୍ଥାନୀୟ ବାସିନ୍ଦାମାନେ ଆପଣ ଆ:ସଙ୍କ ନିକଟକୁ ଆସି ଔଷଧ ନିଅନ୍ତି । ଆପଣ ଆ:ସ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତ ଲୋକଙ୍କୁ ସେମାନଙ୍କ ଆବଶ୍ୟକତା ମୁତାବକ ଔଷଧ ଯୋଗାଇଦିଅନ୍ତି । ଅନେକ ଗରୀବ ଦୁଃଖି ଓ ଅସହାୟ ଲୋକମାନେ ଅପାଣଙ୍କଠାରୁ ଏ ସୁବିଧାର ବହୁତ ଲାଭ ଉଠାଇଛନ୍ତି । ଆ ପଛରେ ଆପଣ ଆ:ସଙ୍କ କେବଳ ଏତିକି ଉଦ୍ଦେଶ୍ୟ ଥିଲଶ କି ଆପଣ ଆ:ସ ମାନବ ଜାତିର ସେବା କରିପାରିବେ । ଏହି ମାହନ କାର୍ଯ୍ୟ ଓ ମହାନ ଭଣ୍ଡାର ଓ ମୁଲ୍ୟବାନ ସମ୍ପତିକୁ ଆପଣ ଆ:ସ ଯମାଜ ଅହେମଦୀୟା ପାଇଁ ଛାଡ଼ିଯାଇଛନ୍ତି । ସୁତରାଂ ଯମାତ ଅହେମଦୀୟା ସାରା ପୃଥିବୀର ଯେଉଁ ମାନବ ସେବା କାର୍ଯ୍ୟରେ ଲାଗି ରହିଛି, ତା'ର ଉଦ୍ଦେଶ୍ୟ କେବଳ ଏତିକି ଯେ ମାନବ ଜାତିର ଦୁଃଖ ଓ ଦୁର୍ଦ୍ଦଶାକୁ କିପରି ଦୁୀ କରିପାରିବ । ଏହି କାରଣ ଯୋଗୁଁ ହ୍ୟୁମାନିଟି ଫାଷ୍ଟ ଆଜି ପୃଥିବୀର ଏହି ଭାଗରେ ନିଜର ପ୍ରଥମ ଡ଼ାକ୍ତରଖାନା ଖୋଲିଅଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ମୁଁ ହୃଦୟର ଅନ୍ତରରୁ ଏ ପ୍ରାର୍ଥନା କରୁଛି ଯେ ଏ ଡ଼ାକ୍ତରଖାନା ନିଜର ଉଦ୍ଦେଶ୍ୟକୁ ପୂରଣ କରୁ ଓ ଛୋଟ ବଡ଼, ଧର୍ମ, ଜାତି ନିର୍ବିଶେଷରେ ସମଗ୍ର ମାନବ ସମାଜର ଭେଦଭାବକୁ ଭୁଲାଇ ସମସ୍ତଙ୍କ ଦୁଃଖ ନିବାରଣ କରିବାର ମାଧମ ହେଉ । ଯେପରିକି ମୁଁ ପ୍ରଥମର କହିସାରିଛି ଯେ ଏହି କାର୍ଯ୍ୟଯୋଗୁଁ ଆମେ କାହାର ପ୍ରଶଂସା ସାଉଁଟିବାକୁ ଚାହୁଁନାହିଁ । ଆମର ଉଦ୍ଦେଶ୍ୟ କେବଳ ହିଁ ଈଶ୍ୱରଙ୍କ ପ୍ରସନ୍ନତାର ଓ ତାର ପ୍ରେମ ହାସଲ କରିବା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏହି ଆଲେଖ୍ୟ ଆମ ପାଇଁ ମାର୍ଗଦର୍ଶକ ଅଟେ ଯେଉଁଠି ଆପଣ ଆ:ସ କହିଛନ୍ତି କି ମାନବ ସେବା ହେଉଛି ଆମ ଜୀବନରେ ବାସ୍ତବିକ ଉଦ୍ଦେଶ୍ୟକୁ ପୂରଣ କରିବା ଓ ଈଶ୍ୱରଙ୍କ କୃପା ଓ ନିଧି ହାସଲ କରିବାର ଜରିଆ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ମୋର ଏ ବିଶ୍ୱାସ ଯେ ଏବେ ଆପଣ ସମସ୍ତଙ୍କ ଉପରେ ଏକଥା ସ୍ୱଷ୍ଟ ହୋଇସାରିଥିବ ଯେ ଆମେ ଏହି ଡ଼ାକ୍ତରଖାନା କୌଣସି ସାଂସାରିକ ଲାଭ ବା ପ୍ରସିଦ୍ଧି ହାସଲ କରିବା ପାଇଁ ନିର୍ମାଣ କରିନାହୁଁ ବରଂ ଆମର ଉଦ୍ଦେଶ୍ୟ କେବଳ ଏହା ଯେ ଏହି ଦେଶର ଲୋକମାନଙ୍କୁ ଉତମ ଚିକିତ୍ସା ଯୋଗାଇଦେଇ ଏମାନଙ୍କର ସେବା କରିବା । ଆପଣ ମାନେ ବିଶ୍ୱାସ ରଖନ୍ତୁ ଯେ ଏହି ଡ଼ାକ୍ତରଖାନ ଜରିଆର ଯେଉଁ ଅର୍ଥ ଏକାଠି କରାଯିବ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahemadiya, Kerang (Odisha)*

ତାହା ଗୋଟେମାଲାର ଲୋକମାନଙ୍କ ସେବାରେ ସମର୍ପିତ ହେବ ଓ ଏକ ପାହୁଲା ଅର୍ଥ ଗୋଟେମାଲାର ବାହାରକୁ ଯିବ ନାହିଁ । ରୋଗୀମାନଙ୍କ ଫିସ୍ ଆକାରରେ ଯାହା କିଛି ଅର୍ଥ ଆଦାୟ କରାଯିବ ତାକୁ ପୁନର୍ବାର ଗୋଟେମାଲାର ଜନତା ପାଇଁ ଖର୍ଚ୍ଚ କରାଯିବ ଯଦ୍ୱାରା ଏହା ଏହା ନିଶ୍ଚିତ କରାଇଦିଆଯିବ ଯେ ଯେଉଁ ଲୋକମାନେ ନିଜର ଚିକିତ୍ସା (ଅର୍ଥ ଅଭାବରୁ) କରିପାରୁ ନାହାନ୍ତି, ସେମାନଙ୍କର ଚିକିତ୍ସା ଅଳ୍ପ ଅର୍ଥରେ ବା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ । ଏତତ୍ ବ୍ୟତିତ ଯାହା କିଛି ଆମଦାନୀ ହେବ ତା ଜରିଆରେ ଏହି ଡ଼ାକ୍ତରଖାନାର ମାନବୃଦ୍ଧି କରିବା ପାଇଁ ଉନ୍ନତ ଜ୍ଞାନ କୌଶଳରେ ନିର୍ମିତ ସାଧନମାନ ଉପଲବ୍ଧ କରାଯିବ ଯାହା ମାନବଜାତିର ଭଲଭାବେ ସେବା କରିବାର ମାଧ୍ୟମ ହେବ । ଆମର ବିଗତ ସମସ୍ତ ଉନ୍ନତିମୁଳକ କାର୍ଯ୍ୟ ଓ ଯୋଜନା ମୋର ଏହି କଥାର ସତ୍ୟତାକୁ ପ୍ରମାଣିତ କରୁଅଛି ପୃଥିବୀର ଯେ କୌଣସି ସ୍ଥାନରେ ଆମେ ସ୍କୁଲ୍ ବା ଡ଼ାକ୍ତରଖାନା ନିର୍ମାଣ କରିଛୁ । ସେଠାରୁ ପ୍ରାପ୍ତ ହେଉଥିବା ଅର୍ଥକୁ ଆମେ କେବେ ଦେଶ ବାହାରକୁ ପଠାଇନାହୁଁ । ବରଂ ସେହି ଅର୍ଥକୁ ସର୍ବଦା ଆମେ ସେହି ଦେଶର ଉନ୍ନତି ନିମନ୍ତେ ଖର୍ଚ୍ଚ କରିଛୁ ଯଦ୍ୱାରା ସେହି ଦେଶର ଲୋମାନଙ୍କର ହିତ ସାଧଢ଼ରେ ତାହା ଖର୍ଚ୍ଚ ହେବ । ଏଠି ଗୋଟେମାଲା ଦେଶରେ ମଧ୍ୟ ତା' ଅନୁରୁପ ହେବ । ଇନ୍‌ଶାଆଲ୍ଲାଃ । ଏହା ଏହି ଦେଶର ସେବା କରିବାର ଅନ୍ତ ନୁହେଁ ବରଂ ଆରମ୍ଭ । ମୋର ଦୃଢ଼ ବିଶ୍ୱାସ ଓ ମୋର ପ୍ରାର୍ଥନା ଯେ ଏହି ଡ଼ାକ୍ତରଖାନା ମାନବ ସମଜର ସେବା ଓ ଉନ୍ନତିମୁଳକ କାର୍ଯ୍ୟ ଯୋଜନା ମଧ୍ୟରୁ ପ୍ରଥମ ଯୋଜନା ସାବ୍ୟସ୍ତ ହେବ ଯାହାକୁ ଆମେ ପୃଥିବୀର ଏହି ଭାଗରୁ ଆରମ୍ଭ କରିବୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ମୋର ଏ ପ୍ରାର୍ଥନା ଯେ ଆମେ ସର୍ବଦା ନିଜର ମାନବସେବା କାର୍ଯ୍ୟର ଦାୟିତ୍ୱ ଓ କର୍ତବ୍ୟକୁ ନିର୍ବାହ କରିବା ପାଇଁ ନିଜର ଚେଷ୍ଟାକୁ ବଢ଼ାଇ ଚାଲିବୁ । ଈଶ୍ୱରଙ୍କ ନିକଟରେ ମୋର ଏ ପ୍ରାର୍ଥନା ଯେ ଈଶ୍ୱର ଏହି ଡ଼ାକ୍ତରଖାନାକୁ ପ୍ରତିକ୍ଷେତ୍ରରୁ ବାବର୍‌କତ କରନ୍ତୁ ଓ ଏହାକୁ ଅଧିକରୁ ଅଧିକ ଉନ୍ନତି ପ୍ରଦାନ କରିଚାଲନ୍ତୁ । ଏହି ଡ଼ାକ୍ତରଖାନା ମାନବ ସେବାର ଏକ ପ୍ରତୀକ ହୋଇଯାଉ । ମୋର ଏ ପ୍ରାର୍ଥନା ଯେ ଏହି ଡ଼ାକ୍ତରଖାନା ରୋଗୀମାନଙ୍କୁ ସବୁପ୍ରକାରର ଯଥାସମ୍ଭବ ଚିକିତ୍ସା ଯୋଗାଇଦେଉ । ଏହି ଡ଼ାକ୍ତରଖାନାରେ ସେବାରତ ଡ଼ାକ୍ତରମାନେ ଓ ଅନ୍ୟାନ୍ୟ କର୍ମିମାନେ ଲୋକମାନଙ୍‌କୁ ବିଶେଷରୂପେ ଦୁଃଖି ଦରିଦ୍ରମାନଙ୍କୁ ଆରାମ ପହଂଚାଇବା ପାଇଁ ପରିଶ୍ରମ କରିଚାଲନ୍ତୁ । ଅଲ୍ଲାଃ ତାଲା ଡ଼ାକ୍ତର ଓ ଅନ୍ୟାନ୍ୟ ମେଡ଼ିକାଲ୍ କର୍ମଚାରୀଙ୍କ ଚେଷ୍ଟାକୁ ସଫଳ କରନ୍ତୁ ଓ ତା'ର କରୁଣା ବଳରେ ସେମାନଙ୍କ ହାତରେ ରୋଗୀମାନଙ୍କ ଆରୋଗ୍ୟ ପ୍ରଦାନ କରନ୍ତୁ । ମୋର ଏ ପ୍ରାର୍ଥନା ଯେ ଏହି ଡ଼ାକ୍ତରଖାନାର ପ୍ରବନ୍ଧକ ଏହି ଡ଼ାକ୍ତରଖାନକୁ ଏପରି ପରିଚାଳନା କରନ୍ତୁ ଯେପରି ସେହି ସମସ୍ତ ଗରୀବ ଲୋକମାନେ, ଯେଉଁମାନେ ଚିକିତ୍ସାରୁ ବଂଚିତ, ସେମାନଙ୍କୁ ଅତ୍ୟନ୍ତ ଶସ୍ତା ଓ ଯଥା ସମ୍ଭବ ମାଗଣା ଚିକିତ୍ସା ଯୋଗାଇ ଦିଆଯାଉ । ଏହି ଡ଼ାକ୍ତରଖାନାର ନାମ 'ନାସିର୍ ହସ୍‌ପିଟାଲ' ରଖାଯାଇଛି । ନାସିର୍‌ର ଅର୍ଥ ହେଉଛି ଅନ୍ୟକୁ ସାହାଯ୍ୟ କରିବା ବାଲା ଓ ଅନ୍ୟର ସାହାରା ହେବା ବାଲା ସୁତରାଂ ମୋର ଏ ପ୍ରାର୍ଥନା ଯେ ଏହି ଡ଼ାକ୍ତରଖାନା ସର୍ବଦା ଓ ପ୍ରତିକ୍ଷେତ୍ରରେ ନିଜ ନାମକୁ ସମ୍ମାନ ଜଣାଇବ । ମୋର ଏ ପ୍ରାର୍ଥନା ଯେ ଏହା ଏପରି ଏକ ସ୍ୱତନ୍ତ୍ର ଅନୁଷ୍ଠାନ ରୂପେ ନିଜର ପରିଚୟ ହାସଲ କରୁ ଯାହା ନିଜର ଉତମ କାର୍ଯ୍ୟବଳୀ ଓ ସବୁଠାରୁ ବଳି ଅସହାୟ ଲୋକମାନଙ୍କୁ ସାହାଯ୍ୟ କରିବା ଯୋଗୁଁ ପ୍ରସିଦ୍ଧି ଲାଭ କରୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ପରିଶେଷରେ ପ୍ରାର୍ଥନା କରୁଛି ଯେ ସମସ୍ତ ଲୋକେ ଜାତି, ଧର୍ମ ଓ ବର୍ଣ୍ଣରୁ ଉର୍ଦ୍ଧରେ ରହି ମାନବ ସେବା କାର୍ଯ୍ୟ ନିମନ୍ତେ ଏକାଠି ହୋଇଯାଆନ୍ତୁ ଓ ସମାଜର ଉନ୍ନତି ଓ ହୀତସାଧନ ନିମନ୍ତେ ଆପୋଷ ସହଯୋଗ ଓ ପ୍ରେମ ଓ ଭଲପାଇବାର ଭାବନାରେ କାର୍ଯ୍ୟ କରନ୍ତୁ । ଏ ଯୁଗରେ ପୃଥିବୀ ଏକ 'ଗ୍ଲୋବାଲ ଭିଲେଜ୍' ହୋଇଯାଇଛି । ଉଦାହରଣ ସ୍ୱରୁପ ଯୋଗା ଯୋଗର ସାଧନ ସର୍ବଦା ଉପଲବ୍ଧ ଓ ପ୍ରତ୍ୟେକ ଜାତି ଅନ୍ୟଜାତି ସହିତ ଯୋଡ଼ି ହୋଇଗଲାଣି । ତେଣୁ ଏବେ ପୂର୍ବାପେକ୍ଷା ଅଧିକା ମାନବ ସମାଜର ଏ କର୍ତବ୍ୟ ହେବା ଉଚିତ ଯେ ସେ ସମସ୍ତ ଜାତି ଓ ସମସ୍ତ ଧର୍ମ ମଧ୍ୟରେ ଆପୋଷ ଭାଇଚାରା ଓ ଆପୋଷ ପ୍ରେମଭାବକୁ ଉଜାଗର କରୁ । କିନ୍ତୁ ଦୁଃଖର ସହିତ କହିବାକୁ ପଡୁଛଇ ଯେ, ସତ୍ୟ କଥା ଏହା ଅଟେ ଯେ ଆମେ ଆମ ପ୍ରେମ ଓ ସ୍ନେହଭାବକୁ ଉଚ୍ଚା କରିବା ପରିବର୍ତେ ଓଲଟା କରୁଛେ । ସ୍ୱାର୍ଥପରତା, ଲୋଭ ଓ ଅହଂଭାବର ମାହୋଲ ସମଗ୍ର ସମଜାକୁ ଗ୍ରାସ କରିସାରିଛି । ସୁତରାଂ ମୋର ଏ ପ୍ରାର୍ଥନା ଯେ ମନୁଷ୍ୟ ସ୍ୱାର୍ଥପରତା ଓ ଲୋଭକୁ ପରିତ୍ୟାଗ କରିଦେଉ । ଏହା ପରିବର୍ତେ ମାନବ ସମାଜର ସୁରକ୍ଷାକୁ ଗୁରୁତ୍ୱ ଦେଉ ଓ ଅଲ୍ଲାଃ ତାଲାଙ୍କ ପ୍ରାଣି ଜଗତ ସହିତ ପ୍ରେମ, ସ୍ନେହ ଓ ସହାନୁଭୁତି ଦେଖାଇବାକୁ ଗୁରୁତ୍ୱ ଦେଉ । ମୋର ଏ ପ୍ରାର୍ଥନା ଯେ ମାନବ ସେବାର ମନୋଭାବ ସବୁବେଳ ପାଇଁ ସମାଜରେ ଯୋଡ଼ିହୋଇ ରହୁ ଯଦ୍ୱାରା ଆମେ ଆମ ଭବିଷ୍ୟତକୁ ସୁରକ୍ଷିତ ରଖିପାରିବା ଓ ଆମ ପଛରେ ଆମ ସନ୍ତାନ ଓ ଆସନ୍ତା ପିଢ଼ିଙ୍କୁ ରହିବା ପାଇଁ ଏକ ଉତମ ପୃଥିବୀ ଛାଡ଼ିଯିବା । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ନିଜ ନିଜର ଦାୟିତ୍ୱ ନିର୍ବାହ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ଏତିକି କହି ମୁଁ ପୁଣି ଏକବାର ସମସ୍ତ ଅତିଥିମାନଙ୍କୁ ଆଜି ଏହି ଉତ୍ସବର ଯୋଗଦେବାକୁ ଆସିଥିବା ଯୋଗୁଁ ଧନ୍ୟବାଦ ଅର୍ପଣ କରୁଛଇ । ବହୁତ ବହୁତ ଧନ୍ୟବାଦ ।

ହଜୁରଙ୍କ ଅଭିଭାଷଣ ୫.୫୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ହଜୁର ଅନଓ୍ୱର ଦୁଆ (ଅର୍ଥାତ୍ ନୀରବ ପ୍ରାର୍ଥନା) କରାଇଲେ ଏଥିରେ ସେଠାରେ ଉପସ୍ଥିତ ଥିବା ବିଭିନ୍ନ ଧର୍ମ ଓ ବିଭିନ୍ନ ଅନୁଷ୍ଠାନ ସହିତ ସମ୍ପର୍କ ରଖିଥିବା ଅତିଥିମାନେ ନିଜ ନିଜ ଶୈଳୀରେ ନୀରବ ପ୍ରାର୍ଥନାରେ ସାମିଲ ହେଲେ ।

ଆଜିର ଏହି ଉତ୍ସବରେ ସାମିଲ୍ ହୋଇଥିବା ଅତିଥିମାନଙ୍କ ମଧ୍ୟରେ ଉଣା ଅଧିକେ ଛଅ ଶହ ଜଣ ପୁରୁଷ ଓ ଉଣା ଅଧିକେ ଦୁଇ ଶହ ମହିଳା ସାମିଲ ହୋଇଥିଲେ । କିଛି ବିଶଷ୍ଟ ଅତିଥିମାନଙ୍କର ଚର୍ଚ୍ଚା ପୂର୍ବରୁ କରାଯାଇସାରିଛି । ଏତଦ୍‌ବ୍ୟତିତ ବହୁତ ଡ଼ାକ୍ତର, ଓକିଲ, ସ୍ଥାନୀୟ ବ୍ୟବସାୟୀ, ମିଡ଼ିଆ ଅନୁଷ୍ଠାନର ଅନେକ ପ୍ରତିନିଧି, ସରକାରଙ୍କ ବିଭିନ୍ନ ବିଭାଗ ସହିତ ସମ୍ପର୍କ ରଖିଥିବା ଲୋକେ ଓ ସମାଜର ପ୍ରତ୍ୟେକ ସମ୍ମାନୀତ ଜୀବିକା ସହିତ ସମ୍ପର୍କ ରଖିଥିବା ଲୋକେ ସାମିଲ ହୋଇଥିଲେ । ଏହି ସମସ୍ତ ଅତିଥିମାନଙ୍କର ଏହି ଅବସରରେ ଅତିଥି ସତ୍କାର କରାଗଲା ।

**ରିଭ୍ୟୁ ଅଫ୍ ରିଲିଜ୍‌ଅନ୍‌ସର ସ୍ପେନୀୟ ଭାଷା ଏଡ଼ିଶନ୍‌ର ଉନ୍ମୋଚନ**

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଗୋଟିଏ କନ୍‌ଫେରେନ୍‌ସ ରୁମ୍‌ରେ ପଦାର୍ପଣ କଲେ, ଯାହା ଏକ ଛୋଟ ଆକାରର ସାମିୟାନା ଲଗାଯାଇ ପ୍ରସ୍ତୁତ କରାଯାଇଥିଲା । ସେଠାରେ ପ୍ରେସ୍ କନ୍‌ଫେରେନ୍‌ସ ଅନୁଷ୍ଠିତ ମଧ୍ୟ ହେଲା । ସର୍ବ ପ୍ରଥମେ ହଜୁର ଅନଓ୍ୱର ଅ:ବ:ଅ ଏହି ବାବର୍‌କତ୍ ଅବସରରେ ରିଭ୍ୟୁ ଅଫ୍ ରିଲିଜିଅନ୍‌ସ (Review of Religions) ପତ୍ରିକାର ସ୍ପେନୀୟ ଭାଷାର ସଂଖ୍ୟାକୁ ଉନ୍ମୋଚନ କଲେ ।

୨୩ ଅକ୍ଟୋବର ୨୦୧୮ର ଦିନଟି ହସ୍‌ପାନୁଓ୍ୱିର ଇତିହାସର ଏକ ମାଇଲଖୁଂଟ ସାବ୍ୟସ୍ତ ହେଲା । ଯେବେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅ ରିଭ୍ୟୁ ଅଫ୍ ରିଜିଜିଅନ୍‌ସର ''ସ୍ପେନୀୟ ଓ୍ୱେବସାଇଟ୍'' ଏବଂ ସ୍ପେନୀୟ ଅଙ୍କର ଉଦ୍‌ଘାଟନ କଲେ । ଏବେ ଅଲ୍ଲାଃ ତାଲାଙ୍କ ଦୟା ବଳରୁ ଏହି ମହାନ ପତ୍ରିକା ଓ ତା'ର ଓ୍ୱେବସାଇଟ ଜରିଆରେ ଅହେମଦିୟତ୍‌ର ବାର୍ତା ଲକ୍ଷ ଲକ୍ଷ ଓ କୋଟି କୋଟି ସ୍ପେନୀୟ ଲୋକମାନଙ୍କ ପାଖରେ ପହଂଚିବ ।

ରିଭ୍ୟୁ ଅଫ୍ ରିଲିଜିଅନ୍‌ସ ହେଉଛି ସେହି ବାବର୍‌କତ୍ ପତ୍ରିକା ଯାହାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ୧୯୦୨ ମସିହାରେ ପାଶ୍ଚାତ୍ୟ ଦେଶରେ ଇସ୍‌ଲାମ୍‌ର ସୌନ୍ଦର୍ଯ୍ୟ ଓ ବାସ୍ତବିକ ଶିକ୍ଷାକୁ ପରିଚିତ କରାଇବା ନିମନ୍ତେ ଜାରି କରିଥିଲେ ।

୧୦ ଜୁନ୍ ୨୦୧୮ରେ ହଜୁର ଅନଓ୍ୱର ଅ:ବ:ଅ ରିଭ୍ୟୁ ଅଫ୍ ରିଲିଜିଅନ୍‌ସ ବିଭାଗକୁ ସାକ୍ଷାତକାର ସମୟରେ ଏ ନିର୍ଦ୍ଦେଶ ଦେଇଥିଲେ ଯେ ଏବେ ଆପଣମାନଙ୍କୁ ନିକଟ ଭବିଷ୍ୟତରେ ସ୍ପେନଶ୍ ଏଡ଼ିଶନ୍‌ର ଆବଶ୍ୟକ ପଡ଼ିବ । କାରଣ ସ୍ପେନର ଜନସଂଖ୍ୟାର ୪୬ ମିଲିୟନ୍ । ସେହିପରି ଆମେରୀକା ଓ ଲାଟିନ ଆମେରୀକା ଦେଶ ଗୁଡ଼ିକରେ ୪୦୦ ମିଲିୟନ୍‌ରୁ ଅଧିକା ଲୋକେ ସ୍ପେନିଶ୍ ଭାଷା କହିଥାନ୍ତି ।

ଏହାପରେ ହଜୁର ଅନୁଓ୍ୱର ଅତାଉଲ୍ ମୁନ୍‌ଅମ୍ ତାରିକ୍ ସାହେବ (ଇନ୍‌ଚାର୍ଜ ସେଂଟରାଲ୍ ସ୍ପେନିଶ ଡ଼େସ୍କ ସ୍ପେନ୍)ଙ୍କୁ ଏହି ପତ୍ରିକାର ଚିଫ୍ ଏଡ଼ିଟର ଓ ମୋକରମାଃ ମାରିୟା ଆଇଜାବିଲ୍ ଲୋସାସର୍‌ନା ସାହିବାଙ୍କୁ ଏହି ପତ୍ରିକାର ଡ଼େପୁଟି ଏଡ଼ିଟର (ଯାହାଙ୍କ ସମ୍ବନ୍ଧ ସ୍ପେନ୍ ଦେଶ ସହିତ ଅଛି ଓ ୟୁ.କେ. ରେ ବସବାସ କରୁଛନ୍ତି) ଏବଂ ମୋକରମ୍ ଫାଇଜ୍ ଅହମଦ୍ ସାହେବ ଗୋଟେମାଲାଙ୍କୁ ଏହି ପତ୍ରିକାର କୋଅର୍ଡ଼ିନେଟର (Coordinator) ରୂପେ ନିଯୋଜିତ କରାଇଲେ । ତତ୍ ସହିତ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ସ୍ପନୀଶ୍ ଅଙ୍କର ଉନ୍ମୋଚନ ଗୋଟେମାଲାଠାରେ ନାସିର୍ ହସ୍ପିଟାଲ୍‌ର ଉଦ୍‌ଘାଟନୀ ଉତ୍ସବ ସମାରୋହ ସହିତ କରାଯିବ ।

ନାସିର ହସ୍ପିଟାଲ୍‌ର ଉଦ୍‌ଘାଟନୀ ଉତ୍ସବ ସମାରୋହ ପରେ ହଜୁର ଅନଓ୍ୱର ଅ:ବ:ଅ ପ୍ରେସ୍ ନିମନ୍ତେ ଥିବା ସାମିୟାନା ଭିତରକୁ ପ୍ରବେଶ କଲେ ଓ ଲଂଚ୍ ବଟନ୍ ଦବାଇ ସ୍ପେନିଶ୍ ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍‌ର ଅନ୍‌ଲାଇନ୍ ଏଡ଼ିଶନ୍‌ର ଶୁଭ ଉନ୍ମୋଚନ କଲେ ।

ହଜୁର ଅନଓ୍ୱର ଅ:ବ:ଅ ଏ ନିର୍ଦ୍ଦେଶ ଦେଇଥିଲେ ଯେ ରିଭ୍ୟୁ ଅଫ୍ ରିଲିଜିଅନ୍‌ର ପତ୍ରିକାର ସ୍ପେନିଶ୍ ଭାଷାରେ ଯେଉଁ ପ୍ରଥମ ଅଙ୍କ ପ୍ରକାଶିତ ହେବ ତାହା ମାନବସେବା ସମ୍ବନ୍ଧିତ ଇସ୍‌ଲାମୀୟ ଶିକ୍ଷା ଉପରେ ଆଧାରିତ ହେବା ଉଚିତ୍ । ସୁତରାଂ ହଜୁରଙ୍କ ନିର୍ଦ୍ଦେଶ ମୁତାବକ ଏହି ପ୍ରଥମ ଅଙ୍କ ପ୍ରକାଶତ ହେଲା । ଏଥିରେ ମାନବ ସେବା ସମ୍ବନ୍ଧରେ ନାସିର ହସପିଟାଲ ଗୋଟେମୋଲାର ମଧ୍ୟ କଭ୍‌ରେଜ୍ ଦିଆଯାଉଛି ।

ପ୍ରେସ୍ କନ୍‌ଫେରେନ୍‌ସ୍

ଏହି କାର୍ଯ୍ୟକ୍ରମ ପରେ ପ୍ରେସ୍ କନ୍‌ଫେରେନ୍ସ ଆରମ୍ଭ ହେଲା ଏହି ଅବସରରେ ନିମ୍ନ ଲିଖିତ ଇଲୋକ୍‌ଟ୍ରୋନିକ୍ ଓ ପ୍ରିଂଟ ମିଡ଼ିଆର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

* Channel 7 ର ତିନିଜଣ ଜର୍ନାଲିଷ୍ଟ ଓ ପ୍ରତିନିଧି ।

* Prensa Libre ରୁ ଦୁଇଜଣ ପତ୍ରକାର ।

* Guatevision ର ଜଣେ ପ୍ରତିନିଧି ।

* Nuestro Diario ର ଜଣେ ପ୍ରତିନିଧି ।

* Diario De Centro America ର ଜଣେ ପ୍ରତିନିଧି ।

* Revista Summa ର ଜଣେ ପ୍ରତିନିଧି ।

ଜଣେ ପ୍ରତିନିଧି ଜର୍ଣ୍ଣାଲିଷ୍ଟ ପ୍ରଶ୍ନ ପଚାରିଲେ ଯେ କଣ ଆପଣ ଏହି ଡ଼ାକ୍ତରଖାନା ପରି ପ୍ରୋଜେକ୍ଟ ଅନ୍ୟ ଇଲାକାରେ ମଧ୍ୟ ନିର୍ମାଣ କରିବେ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆପଣ ମୋ ଅଭିଭାଷଣ ଶୁଣିଥିବେ । ଏବେ ତ ଆରମ୍ଭ ହୋଇଛି, ଶେଷ ନୁହେଁ । ଆମେ ଆସନ୍ତାକୁ ମଧ୍ୟ ଜନହୀତକାରୀ କାର୍ଯ୍ୟ କରିବୁ । ମୋ ଅଭିଭାଷଣରେ ଆପଣଙ୍କ ପ୍ରଶ୍ନର ସବୁ ଉତର ଆସିଯାଇଛି ।

ଇସ୍‌ଲାମୀୟ ଶିକ୍ଷା ସମ୍ବନ୍ଧୀୟ ଏକ ପ୍ରଶ୍ନର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଇସଲାମୀୟ ଶିକ୍ଷା ହେଉଛି ତାହା ଯାହା ପବିତ୍ର କୋରାନ୍ ବତାଇଛଇ, ଆଁ ହଜ୍‌ରତ୍ ସ:ଆ:ସ ନିଜ କାର୍ଯ୍ୟନମୁନା ଦ୍ୱାରା ତାହା କରି ଦେଖାଇଛନ୍ତିଓ ବତାଇଛନ୍ତି । ମୁଁ ମୋ ବକ୍ତବ୍ୟରେ ଯେଉଁ ଇସ୍‌ଲାମ ସମ୍ବନ୍ଧରେ ବତାଇଚି ତାହା ଅନ୍ୟ କୌଣସି ଇସ୍‌ଲାମ୍ ନଥିଲା । ଅସଲ ଇସ୍‌ଲାମ୍ ହେଉଛି ଏହା ଯାହା ମୁଁ ଉପସ୍ଥାପନ କଲି ତାହା ନୁହେଁ ଯାହ ମିଡ଼ିଆ ଉପସ୍ଥାପନ କରୁଛଇ ବା କିଛି ଚରମପନ୍ଥୀ ସଙ୍ଗଠନ ଗୁଡ଼ିକ ଉପସ୍ଥାପନ କରୁଛନ୍ତି । ଆମେ ଇସଲାମର ବାସ୍ତବିକ ଶିକ୍ଷାକୁ ପୃଥିବୀର ପ୍ରଚାର ପ୍ରସାର କରୁଅଛୁ । ଏହାକୁ ଦେଖି ଲକ୍ଷ ଲକ୍ଷ ଲୋକ ଇସଲାମରେ ସାମିଲ ହେଉଛନ୍ତି ।

ଆଉଜଣେ ଜର୍ଣ୍ଣାଲିଷ୍ଟ ପଚାରିଲେ ଯେ ଗୋଟେମାଲାରେ ହେଲ୍‌ଥ କେୟାରର ଅସୁବିଧା ରହିଛଇ, ସ୍ୱାସ୍ଥ୍ୟସେବା କାର୍ଯ୍ୟରେ କମିଅଛି । କଣ ଆପଣ ଏହି ସ୍ତରର ଡ଼ାକ୍ତରଖାନା ଅନ୍ୟ ଇଲାକାରେ ମଧ୍ୟ

ଖୋଲିବେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏତେ ବଡ଼ ଆକାରରେ ତ ହୋଇ ନପାରେ କି ଅନ୍ୟ ଇଲାକାରେ ଡ଼ାକ୍ତରଖାନା ଖୋଲିବୁ । ହଁ ଯେଉଁଭଳି ଆମେ ଆଫ୍ରିକାରେ ବିଭିନ୍ନ ଇଲାକାରେ କ୍ଲିନିକ୍ ଖୋଲିଛୁ ଓ ଚିକିତ୍ସାର ମୁଳ ଓ ଜରୁରୀ ସୁବିଧାଗୁଡ଼ିକୁ ଯୋଗାଇ ଦେଉଛୁ । ପରେ ଧିରେ ପୁଣି ସେହି କ୍ଲିନିକ୍ ଗୁଡ଼ିକ ଡ଼ାକ୍ତରଖାନା ହୋଇଗଲା । ସେହିଭଳି ପରିସ୍ଥିତିକୁ ଦେଖି କ୍ଲିନିକ ଆରମ୍ଭ କରାଯାଇପାରିବ ।

ଇକୁଏଡ଼ୋର ଦେଶର ଜଣେ ପତ୍ରକାର ପଚାରିଲେ ଯେ ଆପଣ ଡ଼ାକ୍ତରଖାନା ତିଆରି କରିବା ପାଇଁ ଏ ସ୍ଥାନକୁ କାହିଁକି ଚୟନ କଲେ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆମର ନିଜର କିଛି କାର୍ଯ୍ୟପ୍ରଣାଳୀ ରହିଛି, ତା ଭିତରେ ରହି ଆମକୁ ନିଷ୍ପତି କରିବାକୁ ହୁଏ । ସାଧାରଣତଃ ସହରର ଲୋକମାନଙ୍କୁ ସୁବିଧା ସୁଯୋଗ ମିଳିଥାଏ । ଅନ୍ୟ ଇଲାକାର ଲୋକମାନଙ୍କୁ କମ ସୁବିଧା ସୁଯୋଗ ମିଳେ । ଆମର ତ ଏ ଉଦ୍ଦେଶ୍ୟ ଯେ କିପରି ଲୋକମାନଙ୍କ ସେବା କରିବୁ । ଟଙ୍କା ଉପାର୍ଜନ କରିବା ନୁହେଁ । ଆମେ ଆମ ସାଧନ ଭିତରେ ରହି ଯେଉଁଠି ପ୍ରକୃତ ଆବଶ୍ୟକତା ଥାଏ, ସେଠାରେ ଡ଼ାକ୍ତରଖାନା ତିଆରି କରିଥାଉ ।

ଆଉ ଜଣେ ପତ୍ରକାର କହିଲେ କି ମୁଁ ହେଉଛି ପାରାଗୁଏ (Paraguay) ଦେଶର । ସେଠାରେ ଯମାତ ଉନ୍ନତି କରିଚାଲିଛି । ଏ ପର୍ଯ୍ୟନ୍ତ ତିରିଶି ଜଣ ଅହେମଦୀ ହୋଇସାରିଲେଣି । ଏ ଯମାତ ପ୍ରସାର କରିବା ଓ ଉନ୍ନତି କରିବା ପ୍ରସଙ୍ଗରେ ହଜୁର ଅନଓ୍ୱରଙ୍କ କଣ ମତ ରହିଛି ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆମେ ହେଉଛୁ ଏକ ଧାର୍ମିକ ଯମାତ । ଧାର୍ମିକ ଯମାତ (ସମ୍ପ୍ରଦାୟ) ଧିରେ ଧିରେ ଉନ୍ନତି କରିଥାଏ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ଛୋଟିଆ ଇଲାକାରେ ମସିହ୍ ଓ ମେହେଦୀ ହେବାର ଦାବି କରିଥିଲେ । ପୁଣି ଆପଣ ଆ:ସଙ୍କ ବାର୍ତା ବାହାରକୁ ବାହାରିଲା, ଶହ ଶହ ଲୋକ ଆପଣ ଆ:ସଙ୍କୁ ଗ୍ରହଣ କଲେ । ପୁଣି ଗ୍ରହଣ କରିବା ଲୋକମାନଙ୍କର ସଂଖ୍ୟା ହଜାରରେ ପହଂଚିଲା ପୁଣି ଲକ୍ଷାଧିକ ହେଲା ଏହିପରି ସଂଖ୍ୟାରେ ଅନବରତ ବୃଦ୍ଧି ଘଟିଚାଲିଛି । ଆଜି ଆମେ ପୃଥିବୀର ୨୧୨ଟି ଦେଶରେ ପହଂଚି ସାରିଛୁ । ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଲୋକ ଯମାତ୍‌ରେ ସାମିଲ୍ ହେଉଛନ୍ତି । ସେହିପରି ପାରାଗୁଏ ଦେଶରେ ମଧ୍ୟ ଅହେମଦୀୟତ୍‌ର ବାର୍ତା ଆମେ ପହଂଚାଉଛଉ । ଯେଉଁ ମାନେ ଏ ବାର୍ତାକୁ ପସନ୍ଦ କରୁଛନ୍ତି, ସେମାନେ ଗ୍ରହଣ କରୁଛନ୍ତି । କିଛିଟା ବିରୋଧର ଶିକାର ହେଉଛୁ କିନ୍ତୁ ଏହା ସତ୍ୱେ ମଧ୍ୟ ଆମ ବାର୍ତା ମନକୁ ଛୁଉଁଛି, ହୃଦୟ ଭିତରେ ପ୍ରବେଶ କରୁଛି ଫଳତଃ ଲୋକମାନେ ଅହେମଦୀୟତ୍ ଗ୍ରହଣ କରୁଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆମର ଏ ଆଶା ଅଛି କି ପାରାଗୁଏ ଦେଶର ଲୋକମାନଙ୍କୁ ଆମର ଏହି ବାର୍ତା ଭଲ ଲାଗିବ ଓ ସେମାନେ ମାନିନେବେ । ସେମାନଙ୍କର ଆସନ୍ତା ପିଢ଼ି ମାନିନେବେ । ଆମେ ଆମ ବାର୍ତାକୁ ଛାଡ଼ିପାରିବୁ ନାହିଁ । ଡ଼ାକ୍ତରଖାନା ପ୍ରତିଷ୍ଠା କରିବା ବା କୌଣସି ଜନସେବାମୁଳକ କାର୍ଯ୍ୟ ଏଥିପାଇଁ କରାଯାଉନାହିଁ କି ଏହାଦ୍ୱାରା ଲୋକମାନେ ଇସ୍‌ଲାମ୍ ଗ୍ରହଣ କରିବେ । ଏହାତ କେବଳ ମାନବଜାତିର ସେବା ଅଟେ । ଗୋଟେମାଲାର ଲୋକ ହୁଅନ୍ତୁ, ପାରାଗୁଏର ରୁହନ୍ତୁ, ବେଲିଜ୍‌ର ହୁଅନ୍ତୁ ବା ଅନ୍ୟ କୌଣସି ଦେଶର ହୁଅନ୍ତୁ ସେମାନେ ଇସଲାମ ଗ୍ରହଣ କରନ୍ତୁ ବା ନ କରନ୍ତୁ ଆମେ ଆମ ତବ୍‌ଲିଗ୍ (ଅର୍ଥାତ୍ ବାର୍ତା ପହଂଚାଇବାର) କାର୍ଯ୍ୟ କରିଚାଲିବୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ୩୦ ଜଣ ଲୋକ ଏବେ ବହୁତ କମ । ଏମାନଙ୍କର ସଂଖ୍ୟା ବଢ଼ିବ । ଯେବେ କାଦିଆନ୍ ଗ୍ରାମରୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଦାବି କଲେ, ସେତେବେଳେ ନା ତ କୌଣସି ସାଧନ ଥିଲା ନା ରେଳ ଥିଲା ନା ଅନ୍ୟ କିଛି (ଯୋଗାଯୋଗ) ର ମାଧ୍ୟମ ଥିଲା । ଏହା ସତ୍ୱେ ମଧ୍ୟ ଆପଣ ଆ:ସଙ୍କ ଜୀବ ଦଶାରେ ହିଁ ଆପଣ ଆ:ସଙ୍କୁ ମାନିଥିବା ଲୋକମାନଙ୍କର ସଂଖ୍ୟା ଚାରି ଲକ୍ଷ ପର୍ଯ୍ୟନ୍ତ ପହଂଚି ସାରିଥିଲା । ଏବେ ୨୧୨ ଗୋଟି ଦେଶରେ ଏହି ସଂଖ୍ୟା ମିଲିୟନ୍‌ରେ ପହଂଚିସାରିଛି ଓ ଏଥିରେ ଅନବରତ ବୃଦ୍ଧି ଘଟି ଚାଲିଛି । ସୁତରାଂ ଧାର୍ମିକ ସମ୍ପ୍ରଦାୟଗୁଡ଼ିକ ଏହିପରି ପ୍ରସାରଲାଭ କରିଥାଏ । ଯଦି ଈଶ୍ୱର ଚାହାନ୍ତି ତେବେ ପାରାଗୁଏରେ ମଧ୍ୟ ଏହିପରି ଧିରେଧିରେ ସଂଖ୍ୟା ବଢ଼ି ଚାଲିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଇସାଇମତ ପୃଥିବୀରେ ପ୍ରତିଷ୍ଠା ହେବା ପାଇଁ ତିନିଶହ ବର୍ଷରୁ ଅଧିକା ସମୟ ଲାଗିଥିଲା । ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ ମୁଁ ମସିହ୍‌ଙ୍କ ପଦାଙ୍କରେ ଆସିଅଛି । ତିନିଶହ ବର୍ଷ ବିତି ନଥିବ ଯେ ପୃଥିବୀରେ ଯମାତ ଅହେମଦୀୟାକୁ ଅଧିକାଂଶ ଲୋକେ ମାନିସାରିଥିବେ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱାରା ଆସିଥିବା ବାସ୍ତବିକ ଇସ୍‌ଲାମ୍‌କୁ ଗ୍ରହଣ କରିନେବେ । ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯଦି ଜଣେ ବ୍ୟକ୍ତି Multiply ହୋଇ କୋଟିରେ ପହଂଚିଗଲା ତେବେ ଏହି ତିରିଶି ଜଣ ଲୋକମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ହଜାର ଓ ଲକ୍ଷରେ ପହଂଚିଯିବେ । ଇନ୍‌ଶାଅଲ୍ଲାଃ (ଅର୍ଥାତ୍ ଯଦି ଈଶ୍ୱର ଚାହାନ୍ତି) ।

ଏହି ପ୍ରେସ କନ୍‌ଫେରେନ୍‌ସ ୬.୨୫ରେ ଶେଷ ହେଲା ।

### ଗ୍ରୁପ୍ ଫଟୋ

ଏହାପରେ ଆମେରିକାର ସେହି ସମସ୍ତ ଡ଼ାକ୍ତରମାନେ, ଯେଉଁମାନେ ମଝିରେ ମଝିରେ ନାସିର ହସ୍ପିଟାଲ ଗୋଟେମାଲାରେ ସେବା କରିବା ପାଇଁ ସମୟ ଦେବେ, ସେମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଗ୍ରୁପ୍ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ତା'ପରେ ୟୁ.ଏସ୍.ଏ, କାନାଡ଼ା ଏବଂ ୟୁ.କେ ର ହ୍ୟୁମାନିଟି ଫାଷ୍ଟ ଡ଼ାଇରେକ୍ଟର ଗଣ ଓ ସେହି ବିଭାଗ ସହିତ ସମ୍ପର୍କ ରଖିଥିବା ଅନ୍ୟ ସମସ୍ତ କର୍ମୀମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ପୁଣି ଡ଼ାକ୍ତରଖାନା ସମସ୍ତ ଷ୍ଟାଫ ଓ କର୍ମୀମାନେ ହଜୁରଙ୍କ ସହିତ ଫଟୋ ଉଠାଇଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଡ଼ାକ୍ତରଖାନା ଭିତରେ ପ୍ରବେଶ କଲେ ଯେଉଁଠି ମହିଳା ଡ଼ାକ୍ତରମାନେ ହଜୁରଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହାପରେ କାର୍ଯ୍ୟକ୍ରମ ମୁତାବକ ଠିକ୍ ୭ଟା ବେଳେ ମସ୍‌ଯିଦ୍ ବଇତୁଲ୍ ଅଓ୍ୱଲ ନିମନ୍ତେ ଯାତ୍ରା କରାଗଲା । ଠିକ୍ ୭.୩୦ ମିନିଟରେ ହଜୁର ଅନଓ୍ୱର ମସଯିଦଠାରେ ପହଂଚିଲେ । ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ମିଶନ୍‌ରେ ଥିବା ଆବାସ ସ୍ଥଳୀକୁ ପରିଦର୍ଶନ ପାଇଁ ଗଲେ । ତା'ପରେ ହଜୁର ଦଫତ୍‌ର ଭିତରକୁ ଗଲେ । ସେଠାରେ ମଧ୍ୟ ଆମେରିକା ଓ ଦକ୍ଷିଣ ଆମେରିକା ଦେଶଗୁଡ଼ିକରୁ ଆସିଥିବା ମୁବଲ୍ଲିଗମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଗ୍ରୁପ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ପ୍ରତ୍ୟେକ ମୁବଲ୍ଲିଗକୁ ଜଣ ଜଣ କରି ପଚାରିଲେ ଯେ ସେମାନେ କେଉଁ କେଉଁ ଦେଶରେ ସେମା କାର୍ଯ୍ୟ ନିର୍ବାହ କରୁଛନ୍ତି ଓ କେଉଁମାନେ ସ୍ଥାନୀୟ ଭାଷା ଶିଖି ସାରିଛନ୍ତି ଓ ବର୍ତମାନ ଦେଶରେ କେତେ ଅହେମଦୀ ଅଛନ୍ତି ଓ ଯମାତର ସଂଖ୍ୟା କେତେ ?

ହଜୁର ଅନଓ୍ୱର ଅ:ବ:ଅ ନିରିକ୍ଷଣ କରିବା ପରେ ସବୁ ମୁବଲ୍ଲିଗମାନଙ୍କୁ ନିର୍ଦ୍ଦେଶ ଦେଲେ କି ଯେଉଁଠାରେ ମୁତୟନ ଅଛନ୍ତି ଓ ସେବା କରୁଛନ୍ତି କେବଳ ସେଠାରେ ହିଁ ତବ୍‌ଲିଗ୍ କାର୍ଯ୍ୟକୁ ସୀମିତ ରଖନ୍ତୁ ନାହିଁ ବରଂ ସେଠାରୁ ଦୁରକୁ ଯାଇ ଅନ୍ୟ ଇଲାକାରେ ମଧ୍ୟ ଲୋକମାନଙ୍କୁ ତବ୍‌ଲିଗ୍ କରି ଅହେମଦୀୟତ୍‌ର ବାର୍ତା ପହଂଚାନ୍ତୁ । ବିଶେଷ ରୂପେ ଏପରି ଇଲାକା, ଯେଉଁଠାରେ ବହୁତ ଲୋକେ ବସବାସ କରୁଥିବେ ଓ ଇସ୍‌ଲାମ୍ ପ୍ରତି ସେମାନଙ୍କର ଆଗ୍ରହ ଥିବ, ସେଠାରେ ଯାଇ ତବ୍‌ଲିଗ୍ କରିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ ପ୍ରତ୍ୟେକ ମୁବଲ୍ଲିଗଙ୍କୁ ପ୍ରତିବର୍ଷ ଅତିକମ୍‌ରେ ଏକ ଶହ ବୟତ କରାଇବା ପାଇଁ ଲକ୍ଷ ପ୍ରଦାନ କଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ୮.୧୫ ମିନିଟ୍‌ରେ ମସ୍‌ଯିଦରେ ପଦାର୍ପଣ କରି ମଗ୍‌ରିବ୍ ଓ ଇଶ ନମାଜ ଏକାଠି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର Hotel Porta ନିମନ୍ତେ ଯାତ୍ରା କଲେ । ପୋଲିସ୍ ହଜୁରଙ୍କ କାପିଲାକୁ Escort କଲା । ପାଖାପାଖି ନଅଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀରେ ପହଂଚିଲେ ।

### ନାସିର ହସ୍ପିଟାଲ୍ ଗୋଟେମୋଲାର ଉଦ୍‌ଘାଟନୀ ଉତ୍ସବରେ ହଜୁରଙ୍କ ଅଭିଭାଷଣ ପରେ ଅତିଥିମାନଙ୍କ ମନୋଭାବ ବ୍ୟକ୍ତ

ନାସିର ହସ୍ପିଟାଲ ଗୋଟେମାଲାର ଉଦ୍‌ଘାଟନୀ ଉତ୍ସବ ସମାରୋହରେ ହଜୁରଙ୍କ ଅଭିଭାଷଣ ଅତିଥିମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଛି । ବହୁତ ଅତିଥି ସେମାନଙ୍କ ମନୋଭାବକୁ ବ୍ୟକ୍ତ କରିଛନ୍ତି ।

* ମେମ୍ବର ଅଫ୍ ପାର୍ଲାମେଂଟ ଗୋଟେମାଲା । ଶ୍ରୀମତି ଇଲିଆନ କାଲିସ୍ ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଏହା ମୋ ପାଇଁ ବହୁତ ବଡ଼ ସମ୍ମାନର କଥା ଯେ ମତେ ମୁସ୍‌ଲିମ୍ ଯମାତ୍ ଅହେମଦୀୟାର ଖଲିଫାଙ୍କୁ ଏୟାରପୋର୍ଟ ଠାରେ ସ୍ୱାଗତ ଜଣାଇବା ପାଇଁ ସୌଭାଗ୍ୟ ମିଳିଲା । ଏତଦ୍ ବ୍ୟତିତ ଗୋଟେମାଲା ପାଇଁ ଏକଥା ମଧ୍ୟ ସମ୍ମାନ ଓ ଗୌରବର କଥା ଯେ ଖଲିଫା ନିଜ ବେଗମ ସାହିବାଙ୍କ ସହିତ ଏହି ଦେଶକୁ ବର୍‌କତ୍ ଦେବା ପାଇଁ ଓ ନାସିର ହସ୍ପିଟାଲ୍‌ର ଉଦ୍‌ଘାଟନ ନିମନ୍ତେ ଏଠାକୁ ଆସିଛନ୍ତି । ହଜୁରଙ୍କ ସହିତ ବାର୍ତାଳାପ ସମୟରେ ହଜୁର ଏକଥା ପ୍ରକାଶ କଲେ କି ଜାହାଜରୁ ମୁଁ ଗୋଟେମାଲାକୁ ଦେଖୁଥିଲି । ମୁଁ ଆକାଶମାର୍ଗରୁ ଗୋଟେମାଲାକୁ ସବୁଜିମାରେ ପରିପୂର୍ଣ୍ଣ ଏକ ସୁନ୍ଦର ଭୁମି ରୂପେ ଦେଖିବାକୁ ପାଇଲି ।

ଖଲିଫାଙ୍କୁ ପଚାରିବାରେ ମୁଁ ବତାଇଲି ଯେ ଆମ ପାର୍ଲାମେଂଟ ୧୫୮ ଜଣ ସଦସ୍ୟ ବିଶିଷ୍ଟ ଅଟେ ଯିଏ କାନୁନ ତିଆରି କରନ୍ତି କିନ୍ତୁ ସିନେଟ୍ ନୁହନ୍ତି । ମୋର ସମ୍ବନ୍ଧ ସହକାରୀ ଦଳ ସହିତ ରହିଛି । ମୁଁ ଆମ ପାର୍ଲାମେଂଟେରିଆନ୍ ଗ୍ରୁପ୍‌ର ଇନ୍‌ଚାର୍ଜ ଅଛି । ଇକୋନୋମିକ୍ସ, ଡ଼ିଫେନ୍‌ସ, କଲ୍‌ଚର, ଫୁଡ୍ ଏବଂ ମହିଳା କମିଶନ୍ । ଏହି ସମସ୍ତଙ୍କର ସମ୍ପର୍କ ସେହି ମିନିଷ୍ଟ୍ରି ଓ ଇନ୍‌ଷ୍ଟିଚ୍ୟୁଟ ସହିତ ଅଛି ।

ଖଲିଫା କେବଳ ଡ଼ାକ୍ତରଖାନା ଉଦ୍‌ଘାଟନି ଉତ୍ସବ ସମୟରେ ଯେଉଁ ବାର୍ତା ଦେଇଛନ୍ତି ତାହା ଏକ ସ୍ୱତନ୍ତ୍ର, ଶାନ୍ତିପ୍ରଦାନକାରୀ ଓ ପ୍ରେମର ବାର୍ତା ଥିଲା । ନାସିର ହସ୍ପିଟାଲର ଉଦ୍‌ଘାଟନ ଅସହାୟ ଲୋକମାନଙ୍କ ନିମନ୍ତେ ଏକ ପୁରସ୍କାର ସଦୃଶ । ଏହି ପବିତ୍ର ଉତ୍ସବରେ ମୋ ଅନୁମାନ ମୁତାବକ ୭୦୦ଜଣ ଅତିଥି ଉପସ୍ଥିତ ଥିଲେ ଯେଉଁମାନଙ୍କର ସମ୍ବନ୍ଧ ପୃଥିବୀର ବିଭିନ୍ନ ଦେଶ ସହିତ ଥିଲା ଓ ସେମାନେ ସମସ୍ତେ ଅତ୍ୟନ୍ତ ଧ୍ୟାନର ସହିତ ଖଲିଫାଙ୍କ ଅଭିଭାଷଣ ଶୁଣଥିଲେ । ହ୍ୟୁମାନିଟି ଫାଷ୍ଟ ଏହି ଡ଼ାକ୍ତରଖାନାର ଉଦ୍‌ଘାଟନି ସମାରୋହ ଯୋଗୁଁ ମାନବସେବା କାର୍ଯ୍ୟ କରିବା ପ୍ରସଙ୍ଗରେ ବିଶ୍ୱ ପ୍ରସିଦ୍ଧି ଲାଭ କରିବ । ଆମେ ଗୋଟେମାଲାର ଅଧିବାସୀମାନେ ଏହି ଡ଼ାକ୍ତରଖାନାର ନିର୍ମାଣ ଦ୍ୱାରା ବହୁତ ଖୁସୀ ଓ ଆନନ୍ଦ ଅନୁଭବ କରୁଛୁ ଏବଂ ଖଲିଫାଙ୍କୁ ଧନ୍ୟବାଦ ଜଣାଉଛୁ ଯେ, ଆପଣଙ୍କ ମାର୍ଗଦର୍ଶନରେ ନାସିର ହସ୍ପିଟାଲର ନିର୍ମାଣ କାର୍ଯ୍ୟ ସମ୍ଭବ ହୋଇପାରିଛି ।

ମୁଁ ନିଜେ ମଧ୍ୟ ଖଲିଫାଙ୍କ ମହାନ୍ ଓ ସ୍ନେହ ପୁର୍ଣ୍ଣ ବ୍ୟକ୍ତିତ୍ୱ ଦ୍ୱାରା ଅତ୍ୟନ୍ତ ପ୍ରଭାବିତ ହୋଇଛି ଯେ. ଖଲିଫା ମାନବ ସେବା, ଆପୋଷ ସହାନୁଭୁତି ଏବଂ ପ୍ରେମର ବାର୍ତା ଦେଇଛନ୍ତି ।

ମାରିଓ ଫିଗୋରିଆ ସାହେବ ଭାଇସ ମିନିଷ୍ଟର ଅଫ୍ ହେଲ୍‌ଥ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମୁଁ ଏହି ଡାକ୍ତରଖାନାକୁ ଏହାର ପ୍ରାରମ୍ଭିକ ନିର୍ମାଣ କାର୍ଯ୍ୟରୁ ହିଁ ଦେଖିଆସୁଛି । ମୁଁ ଏଠାକୁ ପୂର୍ବରୁ ମଧ୍ୟ ଅନେକଥର ଆସିଅଛି ମୁଁ ଦେଖିଛି ଯେ ଏମାନେ କିପରି ଜିନିଷପତ୍ର ଇତ୍ୟାଦିକୁ ହାସଲ କରୁଛନ୍ତି ଓ ଡ଼ାକ୍ତରଖାନାର କର୍ମୀ ମାନଙ୍କୁ କିପରି ଖୋଜି ବୁଲନ୍ତି । ବର୍ତମାନ ଏହା ଦେଖିବା ଉପଯୁକ୍ତ ଅତ୍ୟନ୍ତ ସୁନ୍ଦର ଡ଼ାକ୍ତରଖାନାଟିଏ ହୋଇସାରିଛି ଓ ଏହା ଆମ ଦେଶ ପାଇଁ ଏକ ଉନ୍ନତିର ଚିହ୍ନ ଅଟେ । ଏହି ଡ଼ାକ୍ତରଖାନାଟି ଏହି ଇଲାକାର ଆଖପାଖର ଲୋକଙ୍କୁ ସାହାଯ୍ୟ କରିବ । ମୋ ପାଇଁ ଏହା ଏକ ମହାନ୍ ଅନୁଭବ ।

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ମାନବିକତା ପ୍ରସଙ୍ଗରେ ଅହେମଦୀୟା ମୁସଲିମ୍ କମ୍ୟୁନିଟିର ଆପୋଷର ଉଦାହରଣୀୟ ଏକତା ରହିଛି ଓ ଏହା ଏକ ବହୁତ ମୁଲ୍ୟବାନ ଜିନିଷ ଅଟେ ।

କଂଗ୍ରେସ ଓମେନ କାର୍ଲିଫର୍ନିଆ ନୋରମା ଟୋରେସ ସାହିବା ବର୍ଣ୍ଣନା କରୁଛନ୍ତି: ଆଜିର ଏହି ପ୍ରୋଗ୍ରାମ ବହୁତ ପ୍ରଭାବଶାଳୀ ଓ ସଫଳ କାର୍ଯ୍ୟକ୍ରମ ଥିଲା । ହ୍ୟୁମାନିଟି ଫାଷ୍ଟ ବହୁତ ଭଲ କାମ କରୁଅଛି । ଆଜି ଖଲିଫାଙ୍କ ସହିତ ବସି ଖାଦ୍ୟ ଗ୍ରହଣ କରିବାର ଅବସର ମିଳିଲା । ଏହି କଥା ଏହି ପ୍ରୋଗ୍ରାମକୁ ମୋ ପାଇଁ ବହୁତ ସ୍ମୃତିମୟ ବନାଇଦେଲା । ଏହି ପ୍ରୋଗ୍ରାମ ଆୟୋଜନ କରିଥିବା ଯୋଗୁଁ ମୁଁ ଅହେମଦୀୟା ମୁସଲିମ ଯମାତକୁ ମଧ ଧନ୍ୟବାଦ ଅର୍ପଣ କରିବାକୁ ଚାହୁଁଅଛି । ଯେଉଁ କାର୍ଯ୍ୟ ଆପଣଙ୍କ ଯମାତ୍ ଗୋଟେମାଲାରେ କରିଚାଲିଛି । ହଜୁର ହେଉଛନ୍ତି ବହୁତ ଶାନ୍ତିପ୍ରୀୟ ବ୍ୟକ୍ତିତ୍ୱ । ସେ ସାରା ସଂସାରକୁ ଶାନ୍ତି, ପ୍ରେମ ଓ ସ୍ନେହ ବାର୍ତ୍ତା ପହଂଚାଉଛନ୍ତି । ଗୋଟେମାଲାର ନାସିର ହସ୍ପିଟାଲ ପ୍ରତ୍ୟେକ ଧର୍ମ, ସମ୍ପ୍ରଦାୟ ଓ ପ୍ରତ୍ୟେକ ବର୍ଣ୍ଣ ଓ ଜାତିର ଲୋକମାନଙ୍କ ସେବା କରିବ ଓ ଏହା ବହୁତ ଭଲ ବାର୍ତ୍ତା ଅଟେ ।

ସର୍ଜିଓ ସେଲିସ୍ ଯିଏ ଗୋଟେମାଲ୍‌ନ କଂଗ୍ରେସରେ ଡ଼େପୁଟି ପ୍ରତିନିଧି ଜିଲ୍ଲା ଅଛନ୍ତି ଯେଉଁଠି ନାସିର ହସ୍ପିଟାଲ ନିର୍ମାଣ କରାଯାଇଛି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଏହା ଆମ ଦେଶ ଓ ଆମର ଏହି ଜିଲ୍ଲା ପାଇଁ ଏକ ବଡ଼ ଐତିହାସିକ ଅବସର ଅଟେ । କାରଣ ଏହି ହସ୍ପିଟାଲ କେବଳ ହିଁ କେବଳ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ନିର୍ମାଣ କରାଯାଇଛି । ଯାହା ଗୋଟେମାଲା ପାଇଁ ଅତି ଗୁରୁତ୍ୱ ଓ ଆବଶ୍ୟକ ଅଟେ । ଏହା ହେଉଛି ଏପରି କାର୍ଯ୍ୟ ଯେ, ଏଠିକାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମଧ ଏପରି କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନେବାକୁ ପଡ଼ିବ । ମୁଁ ଯମାତ ଅହେମଦୀୟା ଓ ହ୍ୟୁମାନିଟି ଫାଷ୍ଟର କୃତଜ୍ଞତା ଜ୍ଞାପନ କରୁଅଛି । ଚାରିବର୍ଷ ପୂର୍ବେ ମୁଁ ଲଣ୍ଡନର ଜଲ୍‌ସା ସାଲନାରେ ଯୋଗ ଦେଇଥିଲି ସେଠାରେ ହଜୁରଙ୍କ ସହିତ ଆମର ସାକ୍ଷାତକାର ହୋଇଥିଲା । ସେହି ସାକ୍ଷାତକାରରେ ଆମେ ହଜୁରଙ୍କୁ ଦରଖାସ୍ତ କରିଥିଲୁ ଯେ, ଗୋଟେମାଲା ଦେଶରେ ଚିକିତ୍ସାର ଆବଶ୍ୟକତା ଅଛି । ସେଥିରେ ହଜୁର ଅନଓ୍ୱର ଅ:ବ:ଅ କହିଥିଲେ ଯେ, ଆମେ ଗୋଟେମାଲାରେ ଡ଼ାକ୍ତରଖାନା ବନାଇବୁ । ଆଜି ଆମେ ତାହାର କାର୍ଯ୍ୟ ସ୍ୱରୁପକୁ ଦେଖୁଅଛୁ । ଖଲିଫା ହେଉଛନ୍ତି ଜଣେ ଏପରି ବ୍ୟକ୍ତି ଯିଏ ସଂସାରରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଚେଷ୍ଟା ଚଳାଇଛନ୍ତି ଓ ପ୍ରତ୍ୟେକ କମ୍ୟୁନିଟିକୁ ପ୍ରେମର ବାର୍ତ୍ତା ପହଂଚାଉଛନ୍ତି । ଏହା ଏପରି ବାର୍ତ୍ତା ସରକାରକୁ ଓ ଅନ୍ୟ ଧର୍ମଗୁଡ଼ିକୁ ମଧ ଏହି ବାର୍ତ୍ତା ପ୍ରଚାର ଓ ପ୍ରସାର କରିବା ଉଚିତ ଯେପରି ଖଲିଫା ନିଜ ଅଭିଭାଷଣରେ ଏ କଥା କହିଛନ୍ତ ଫଳତଃ ଏ କଥାକୁ ଶୁଣୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ହୃଦୟରେ ଏକ ସାନ୍ତ୍ୱନା ସୃଷ୍ଟି ହେଉଅଛି ।

ରବର୍ଟ କାନୋ ଭାଇସ ମିନିଷ୍ଟର ଅଫ ଏଜୁକେଶନ ଅଫ ପାରାଗୁଏ ବର୍ଣ୍ଣନା କରୁଛନ୍ତି: ଏହା ଏକ ଅତ୍ୟନ୍ତ ଉତମ ୟୁନିଟି ଥିଲା ଏବଂ ମୁଁ ବହୁତ ଆଶ୍ଚର୍ଯ୍ୟ ଚକିତ ଯେ, ଏହା ଏକ ଏପରି ଯମାତ୍ ଅଟେ ଯାହାର ସଦସ୍ୟମାନେ ଆପୋଷରେ ମିଳିମିଶି କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଏହି ୟୁନିଟି ଦ୍ୱାରା ଅଭାବି ଲୋକମାନଙ୍କର ସାହାଯ୍ୟ କରାଯିବ । ଏହା ଏକ ଏପରି ଶୈଳୀ ଯେ, ମାନବଜାତି ସହିତ ଏହାଦ୍ୱାରା ପ୍ରେମ କରାଯାଇପାରିବ ଯେପରି ଖଲିଫା ନିଜ ବକ୍ତବ୍ୟରେ ଚର୍ଚ୍ଚା କରିଥିଲେ । ଯଦି ମାନବଜାତି ଏହି ପ୍ରେମ ପୂର୍ଣ୍ଣ ମାର୍ଗକୁ ଆପଣାଇବ ତେବେ ପୁଣି ପୃଥିବୀରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ । ଇସ୍‌ଲାମ ଧର୍ମ ଓ ଇସଲାମୀୟ ପରମ୍ପରାକୁ ବହୁତ ନିକଟରୁ ଜାଣିବାକୁ ମୋ ପାଇଁ ଏହା ଏକ ଅତ୍ୟନ୍ତ ଭଲ ଅନୁଭବ ଥିଲା । ଯମାତ ଅହେମଦୀୟା ସମ୍ବନ୍ଧରେ ମୋ ନିକଟରେ ବହୁତ ଗୁଡ଼ିଏ ପ୍ରଶ୍ନ ଥିଲା । ସେ ସବୁର ଉତର ମୋତେ ଏଠାକୁ ଆସି ମିଳିଯାଇଛି । କିଛି ବର୍ଷ ହେବ ଯମାତ ଅହେମଦୀୟା ପାରାଗୁଏ ମଧ ପ୍ରତିଷ୍ଠା ହୋଇସାରିଛି ଓ ସେମାନଙ୍କ ନିମନ୍ତ୍ରଣ ଯୋଗୁଁ ମୁଁ ଏଠାକୁ ଆସିଅଛି ।

ଯାସିନ୍ତୋ କାସ୍ତ୍ରୋ ସାକାଟିପେ କ୍ୱାଇଜିର ପୁର୍ବତନ ଗର୍ଭନର ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମୋର ଏ ସୌଭାଗ୍ୟ ଯେ ଡ଼ାକ୍ତରଖାନାର ମୁଳଦୁଆ ଓ ଭିତିପ୍ରସ୍ତର ସ୍ଥାପନ ନିମନ୍ତେ ମୋତେ ମଧ ଗୋଟେ ଇଟା ରଖିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ମୁଁ ଅତ୍ୟନ୍ତ ଖୁସି ଯେ ଏହି ଡ଼ାକ୍ତରଖାନା ମାନବ ସମାଜର ସାହାଯ୍ୟ ନିମନ୍ତେ ନିର୍ମାଣ ହୋଇସାରିଛି । ହଜୁରଙ୍କ ଅଭିଭାଷଣ ପ୍ରସଙ୍ଗରେ ମୁଁ ଏହା କହିବାକୁ ଚାହୁଁଛି ଯେ ସେଥିରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ର ବାର୍ତ୍ତା ରହିଅଛି । ଲଣ୍ଡନର ଜଲ୍‌ସା ସାଲନାରେ ମୋତେ ଥରେ ଖଲିଫାଙ୍କ ବକ୍ତବ୍ୟ ଶୁଣିବାର ମୌକା ମିଳିଥିଲା ଯାହା ମୋତେ ଏବେ ମଧ ମନେ ଅଛି ଯେ, ହଜୁର କହିଥିଲେ କି, ମା'ବାପାଙ୍କ ସମ୍ମାନ କର ଫଳତଃ ତୁମେ ସଫଳତା ଲାଭ କରିବ ଓ ଆଜି ହଜୁର ଯେଉଁ ବକ୍ତବ୍ୟ ଉପସ୍ଥାପନ କରିଛନ୍ତି ତାହା ଅତ୍ୟନ୍ତ ସୁନ୍ଦର ବକ୍ତବ୍ୟ

ଚିଓ୍ୱା ଓ୍ୱେଲାସ୍‌କୋ ଯିଏ ହେଉଛନ୍ତି ଜଣେ ଭ୍ରମଣକାରୀ ଓ ମାୟାନ୍ ସଂସ୍କୃତିର ଆନ୍ତର୍ଜାତିୟ ଆମ୍ବାସାଡ଼ର ଅଛନ୍ତି, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଈଶ୍ୱର ଆପଣ ସମସ୍ତଙ୍କୁ ଏପରି କାର୍ଯ୍ୟର ପ୍ରତିବଦଳ ପ୍ରଦାନ କରନ୍ତୁ । ଆପଣମାନେ ଏହି ଡ଼ାକ୍ତରଖାନା ନିର୍ମାଣ କରିଥିବାରୁ ଆପଣଙ୍କୁ ଧନ୍ୟବାଦ । କାରଣ ପୂର୍ବରୁ କେବେ ଏପରି ଡ଼ାକ୍ତରଖାନା ଏ ଦେଶରେ ନିର୍ମାଣ ହୋଇନାହିଁ । ଲୋକମାନେ ମୁସଲମାନମାନଙ୍କୁ ଭୟ କରୁଛନ୍ତି କିନ୍ତୁ ମୋ ମତ ଏହା ଯେ, ମୁସଲମାନ ହୃଦୟରୁ ବହୁତ ଭଲ ଓ ଅତ୍ୟନ୍ତ ଅତିଥି ପରାୟଣ ଅଟନ୍ତି ।

ଆଉ ଜଣେ ଜର୍ନାଲିଷ୍ଟ ଯାହାଙ୍କ ନାମ ହେଉଛି ରିର୍ଚାଡ଼, ସେ ଆଜିର ଏହି ପ୍ରୋଗ୍ରାମରେ ସାମିଲ ହେବାର ସୌଭାଗ୍ୟ ପାଇଛନ୍ତି । ସେ କହୁଛନ୍ତ: ସବୁଠାରୁ ଭଲ କଥା ହେଉଛି ଏହା ଯେ, ଖଲିଫା ଏପରି ଦେଶକୁ ଆସିଛନ୍ତି ଯାହା ବହୁତ ଗରିବ ଦେଶ ଏବଂ ଲାଟିନ୍ ଆମେରିକାର କୌଣସି ଦେଶରେ ମଧ ପ୍ରଥମଥର ପାଇଁ ଆସିଛନ୍ତି । ତାଙ୍କର ଆସିବା ଅତ୍ୟନ୍ତ ଜରୁରୀଥିଲା । ଏହା ଗୋଟିଏ ଏପରି ଦେଶ ଯେଉଁଠି ଇସ୍‌ଲାମ ସମ୍ବନ୍ଧରେ ଲୋକମାନେ ଶୁଣୁଛନ୍ତି ଏବଂ ଚିନ୍ତା କରୁଛନ୍ତି ଓ ଜ୍ଞାନ ଆହରଣ କରିବାକୁ ଚାହୁଁଛନ୍ତି । ଆମେ ଆଶା ରଖିଛୁ ଯେ, ଆସନ୍ତାକୁ ମଧ ଖଲିଫା ଆମ ନିକଟକୁ ଆସିବେ । ଖଲିଫାଙ୍କ ଅଭିଭାଷଣ ପ୍ରସଙ୍ଗରେ ଏ କଥା କହିବାକୁ ଚାହିଁବି ଯେ, ଯମାତ ଅହେମଦୀୟା ଅଭାବୀ ଲୋକମାନଙ୍କୁ ସାହାଯ୍ୟ କରିଥାଏ ଶାନ୍ତି ଓ ପ୍ରେମଭାବକୁ ପ୍ରସାର କରିବାରେ ଚିନ୍ତା ରଖିଥାଏ । ଖଲିଫା ନିଜ ଭାଷଣରେ ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ବହୁତ ଉଚ୍ଚ କୋଟୀର ଓ ଭଲ ଥିଲା ।

ଆରୋଲ୍ଡ ମୋଂଟୋରେସୋ ଯିଏ ହେଉଛନ୍ତି ଜଣେ ବ୍ୟାଙ୍କ ମ୍ୟାନେଜର ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଏହା ଏକ ବହୁତ ଭଲ ପ୍ରୋଗ୍ରାମ ଥିଲା, ଆମ ପାଇଁ ଏହା ଶାନ୍ତ୍ୱନାମୁଳକ ଯେ ଆମ ଦେଶକୁ ଏଥିରୁ ସାହଯ୍ୟ ମିଳିବ । ହଜୁରଙ୍କର ଭାଷଣ ଅତ୍ୟନ୍ତ ଆର୍କଷଣୀୟ ଥିଲା ଓ ବହୁତ ଭଲ ବାର୍ତ୍ତା ଥିଲା ଯାହାକୁ ହଜୁର ସମଗ୍ର ମୁସଲମାନ ସମ୍ପ୍ରଦାୟ ତରଫରୁ ପ୍ରଦାନ କରିଛନ୍ତି ଯେ, ମାନବଜାତିର ସେବା ଓ ସାହାଯ୍ୟ କରିବା ହେଉଛି ସମସ୍ତଙ୍କର କର୍ତବ୍ୟ । ସବୁଠାରୁ ଯେଉଁ କଥା ମୋତେ ଭଲ ଲାଗିଲା ତାହା ହେଉଛି ଏହା କି, ଏଠାରେ ଲୋକମାନଙ୍କର ନିସ୍ୱାର୍ଥପର ସେବା କରାଯିବ ଓ ଏକଥା ମୋ ପାଇଁ ବହୁତ ଆଗ୍ରହର ବିଷୟ ଥିଲା ଯେ, ଯମାତ୍ ଅହେମଦୀୟାର ଫିଲୋସଫି କଣ ଓ ଯମାତ୍ ଏ ଦେଶ ପାଇଁ କଣ ସବୁ କରୁଅଛି ।

ଗୋଟେମାଲାର ଜଣେ ପଶୁଡ଼ାକ୍ତର Mr. Gullermo Gonzalez Sb ବର୍ଣ୍ଣନା କରୁଛନ୍ତି: ଏହା ଏକ ବହୁତ ଭଲ ପ୍ରୋଗ୍ରାମ ଥିଲା ଓ ଆମେ ସମସ୍ତେ ଯମାତ ଅହେମଦୀୟାର କୃତଜ୍ଞତା ଜ୍ଞାପନ କରୁଛୁ ଯେ, ସେ ଏହି ମିଶନକୁ ଏଠାରେ ଆରମ୍ଭ କରିଛନ୍ତି । ଖଲିଫାଙ୍କ ଭାଷଣ ଏପରି ଥିଲା ଯେ, ସେଥିରେ ମଣିଷକୁ ଏ ଅନୁଭବ କରାଯାଉଥିଲା ଯେ, ଜଣେ ଲୋକ କିପରି ଅଭାବି ଲୋକମାନଙ୍କୁ ସାହାଯ୍ୟ କରିବା ଉଚିତ । ଏହା ଏପରି ଏକ କାର୍ଯ୍ୟ ଯାହାକୁ ଆପଣଙ୍କ ଯମାତ୍ ବହୁ ଦିନରୁ କରି ଚାଲିଛି ଓ ଆମର ଏ ଆଶା ଯେ, ଆପଣମାନେ ଏ କାର୍ଯ୍ୟ ଜାରି ରଖିବେ ଓ ଏହା ମଧ ସବୁଠାରୁ ଭଲ ଲାଗିଲା ଯେ, ଆପଣମାନେ କୌଣସି ପ୍ରକାର ପ୍ରଭେଦ ରଖି ନାହାନ୍ତି, ଏହି ଡ଼ାକ୍ତରଖାନା ଅଭାବୀ ଲୋକମାନଙ୍କ ପାଇଁ ତିଆରି କରାଯାଇଛି ।

ଗୋଟେମାଲାର ଜଣେ ଡ଼ାକ୍ତର ଜର୍ଜ ସମାୟୋକା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଆଜିର ଏହି କାର୍ଯ୍ୟକ୍ରମ ବହୁତ ସୁନ୍ଦର ଓ ଜବରଦସ୍ତ ଥିଲା । ଏତେ ସଂଖ୍ୟକ ଲୋକେ ବାହାରୁ ଆସିଛନ୍ତି ଓ ସମସ୍ତଙ୍କର ଗୋଟିଏ ହିଁ ଉଦ୍ଦେଶ୍ୟ ଯେ, ଆପୋଷ ସ୍ନେହ ଓ ଆପୋଷ ପ୍ରେମ ଭାବକୁ ପ୍ରୋତ୍ସାହନ ଦିଆଯାଉ ସମସ୍ତଙ୍କର ଉଦ୍ଦେଶ୍ୟ ଏକ ଜଣାପଡୁଥିଲା । ଖଲିଫା ସାହେବଙ୍କ ଭାଷଣ ନା କେବଳ ଗୋଟେମାଲା ପାଇଁ ବରଂ ସାରା ପୃଥିବୀ ପାଇଁ ଥିଲା । ଗୋଟେମାଲାର ଇତିହାସରେ ଆଜିର ଦିନଟ ସୁରକ୍ଷିତ ହୋଇ ରହିଗଲା ଯେ, ଈଶ୍ୱରଙ୍କ ଖଲିଫା ଗୋଟେମାଲା ଆସିଥିଲେ । ମୋତେ ଏହି ବାବରକତ ପ୍ରୋଗ୍ରାମରେ ଯୋଗ ଦେବାପାଇଁ ନିମନ୍ତ୍ରଣ ଦେଇଥିବା ଯୋଗୁଁ ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ ।

ଯମାତ୍‌ର ଜଣେ ବନ୍ଧୁ ରାଉଲ ମେସେଲି ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଆଜି ଖଲିଫତୁଲ୍ ମସହିଲ୍‌ଙ୍କ ସହିତ ମୋର ପ୍ରଥମ ସାକ୍ଷାତ ଥିଲା । ମୁଁ ହଜୁରଙ୍କ ସହିତ ମିଶି ବହୁତ ଲାଭବାନ ହୋଇଛି । ମୁଁ ହଜୁରଙ୍କର ସମ୍ପର୍କରେ ଶୁଣିଥିଲି କିନ୍ତୁ ପୂର୍ବରୁ କେବେ ସାକ୍ଷାତ କରିନଥିଲି । ବାସ୍ତବରେ ହଜୁର ହେଉଛନ୍ତି ଜଣେ ସଚ୍ଚା ଓ ଆଧାତ୍ମିକ ବ୍ୟକ୍ତି ହଜୁର ଅହେମଦୀୟା ମୁସଲିମ ଯମାତ ଗୋଟେମାଲାକୁ ଏହି ଡ଼ାକ୍ତରଖାନା ନିର୍ମାଣ କରିବା ପାଇଁ ଅବସର ଦେଇଥିବା ଯୋଗୁଁ ମୁଁ ବହୁତ ପ୍ରଶଂସା କରୁଅଛି । ଆମେ ଏହି ହେଲ୍‌ଥ କେୟାରରୁ ବାସ୍ତବିକ ରୂପେ ଲାଭ ଉଠାଇ ପାରିବୁ ସେହିପରି ଉକ୍ତ ଟ୍ରେନିଂ ଦ୍ୱାରା ମଧ ଆମେ ଲାଭ ଉଠାଇପାରିବୁ ଯାହା ଆମ ସ୍ଥାନୀୟ ଡ଼ାକ୍ତରମାନଙ୍କୁ ଏହି ଡ଼ାକ୍ତରଖାନା ଯୋଗାଇ ଦେବ । ମୁଁ ଅଳ୍ପ କିଛି ଶବ୍ଦରେ ଏ କଥା ବତାଇ ଦେବାକୁ ଚାହିଁବି ଯେ ଖଲିଫାକୁ ମାନବ ଜାତି ସହିତ ପ୍ରେମ ଅଛି ଓ ଏହି କାରଣ ଯୋଗୁଁ ଖଲିଫା ଏଠାକୁ ଆସିଛନ୍ତି । ଇସଲାମର ବହୁତ ଉଦ୍ଦେଶ୍ୟଗୁଡ଼ିକ ମଧରୁ ଏହା ମଧ ଗୋଟିଏ ଉଦ୍ଦେଶ୍ୟ ଅଟେ ।

ମିସ୍ ଡ଼ୋନିସ ଯିଏ ଗୋଟିଏ ଖବର କାଗଜର କର୍ମସିଆଲ ଡ଼ାଇରେକ୍ଟର ଅଛନ୍ତି, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଛନ୍ତି: ଆଜିର ଏହି ପ୍ରୋଗ୍ରାମ ବହୁତ ପ୍ରିୟ ଓ ସୁନ୍ଦର ପ୍ରୋଗ୍ରାମ ଥିଲା । ମୁଁ ଆପଣଙ୍କୁ ସେଥିପାଇଁ ସୁଭେଚ୍ଛା ମଧ ଦେବାକୁ ଚାହୁଁଛି ଓ ଏକଥା ମଧ କହିବାକୁ ଚାହୁଁଛି ଯେ, ଏହି ପରି ପ୍ରୋଗ୍ରାମ ଆମ ଗୋଟେମାଲାରେ ଆହୁରି ଅଧିକ ହେବା ଉଚିତ୍ । ଖଲିଫା ସାହେବଙ୍କ ଭାଷଣ ଅତ୍ୟନ୍ତ ପ୍ରିୟ ଓ ମାନବଜାତି ସହିତ ପ୍ରେମଭାବରେ ପରିପୂର୍ଣ୍ଣ ପରିବେଷ୍ଟିତ ବିଷୟ ବସ୍ତୁ ଥିଲା । ମୁଁ ସୁଭେଚ୍ଛ୍ୟା ଦେବକୁ ଚାହୁଁଛି ଯେ, ଆପଣ ଗୋଟିଏ ଏଡ଼େ ମହାନ୍ ହସ୍ପିଟାଲ ଜନହିତ ପାଇଁ ପ୍ରତିଷ୍ଠା କରିଛନ୍ତି । ଆମର ପ୍ରତ୍ୟେକ ଜିଲ୍ଲାରେ ଏପରି ପ୍ରୋଗ୍ରାମ ହେବା ଉଚିତ । ଏହା ଏକ ବହୁତ ସମ୍ମାନର କଥା ହେବ ଯଦି ଆମେ ଏହି ପରି ପ୍ରୋଗ୍ରାମ ପ୍ରତ୍ୟେକ ଜିଲ୍ଲାରେ ଅନୁଷ୍ଠିତ କରିବୁ ।

ଏଲ୍ ପେରୋ ର ଖବର କାଗଜର ଜଣେ ପତ୍ରକାର ଯାହାଙ୍କ ନାମ ହେଉଛି Fernando Pineta ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ଖଲିଫା ସାହେବଙ୍କ ଅଭିଭାଷଣ ବହୁତ ପ୍ରିୟ, ହୃଦୟ ଉପରେ ପ୍ରଭାବ ପକାଇଥିବା ଓ ପ୍ରେମଭରା ଥିଲା । ଖଲିଫାଙ୍କ ସହିତ ମିଶି ମୋତେ ବହୁତ ଭଲ ଅନୁଭବ ହେଲା । ପ୍ରଥମଥର ପାଇଁ ହଜୁରଙ୍କୁ ଏତେ ନିକଟରେ ଦେଖି ମୋ ମନକୁ ଏକ ପ୍ରକାରର ଶାନ୍ତି ମିଳିଲା ଯାହାକୁ ମୁଁ ବର୍ଣ୍ଣନା କରିପାରିବି ନାହିଁ । ତତ୍ ସହିତ ଏହା ମଧ କହିବାକୁ ଚାହିଁବି ଯେ, ନାସିର ହସ୍ପିଟାଲର ପ୍ରୋଜେକ୍ଟ ବହୁତ ସୁନ୍ଦର । ଆମକୁ ବିଲ୍‌କୁଲ ଏହିପରି ପ୍ରୋଜେକ୍ଟ ଆହୁରି ଅଧିକା ଦରକାର ଯାହା ଆମ ଦେଶ ଗୋଟେମାଲାକୁ ଲାଭ ପହଂଚାଇ ପାରିବ ।

କୋଷ୍ଟାରିକା ଦେଶରୁ ଆସିଥିବା ଜଣେ ନୁଆ ଅହେମଦୀ ଜାଇରୋ ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଆଜିର କାର୍ଯ୍ୟକ୍ରମ ବହୁତ ଭଲ ଥିଲା ମୋ ମତରେ ଗୋଟେମାଲାର ଲୋକମାନଙ୍କ ମଧରେ ଯେଉଁ ବିବଶତା ଥିଲା ଯେ, ସେମାନଙ୍କୁ ଚିକିତ୍ସା

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 02 May 2019 Issue No. 18

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

**୨୩ ଅକ୍ଟୋବର ୨୦୧୮ (ମଙ୍ଗଳବାର)**
**ରିପୋର୍ଟର ବଳକା ଅଂଶ ।**
**ନାସିର ହସ୍ପିଟାଲ (ଗୋଟେମାଲା)ର ଭିତିପ୍ରସ୍ତର ସ୍ଥାପନ ଉତ୍ସବ**

ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅଙ୍କ ବିଶେଷ ପ୍ରତିନିଧି ମୌଲାନା ମୁବାରକ୍ ଅହମଦ୍ ନଜିର ସାହେବ ମେସିନାରୀ ଇନ୍‌ଚାର୍ଜ କାନାଡ଼ା ୦୪ ଜୁନ୍ ୨୦୧୬ ମସିହା ଦିନ ଗୋଟିଏ ଭବ୍ୟ ସମାରୋହରେ ନାସିର ହସ୍ପିଟାଲ୍ ଗୋଟେମାଲାର ଭିତିପ୍ରସ୍ତର ସ୍ଥାପନ ପ୍ରାର୍ଥନା ସହିତ କଲେ ।

ଏ ଅବସରରେ ଭାଇସ୍ ମିନିଷ୍ଟର ଅଫ୍ ହେଲ୍‌ଥ Mr. Rodolfo ହ୍ୟୁମାନିଟି ଫାଷ୍ଟର ସେବାକୁ ପ୍ରଶଂସା କରି ନାସିର୍ ହସ୍ପିଟାଲ୍‌ର ଏହି ଯୋଜନାକୁ ଏ ଇଲାକାର ଲୋକମାନଙ୍କ ପାଇଁ ଗୋଟିଏ ମହାନ୍ କାର୍ଯ୍ୟ ରୂପେ ଅଭିହିତ କଲେ ।

ଏହାପରେ ରାଜ୍ୟର ଗର୍ଭନର, ମେୟର ଅଫ୍ ପାର୍ଲାମେଂଟ, ଡାଇରେକ୍ଟର ହେଲ୍‌ଥ ଏବଂ ତିନିଜଣ ମେୟର ସମସ୍ତେ ନିଜ ନିଜର ଅଭିଭାଷଣରେ ହ୍ୟୁମାନିଟି ଫାଷ୍ଟର ସେବାକୁ ପ୍ରଶଂସା କଲେ ।

ଏହି ଡ଼ାକ୍ତରଖାନାର ଭିତିପ୍ରସ୍ତର ସ୍ଥାପନ ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ, ଗର୍ଭନର ସାହେବ , ମେୟର ଅଫ୍ ପାର୍ଲାମେଂଟ ଓ ଅନ୍ୟାନ୍ୟ ବିଶେଷ ସମ୍ମାନୀୟ ଅତିଥିମାନେ ମଧ୍ୟ ଆଧାର ଶୀଳା ରଖିବାର ସୌଭାଗ୍ୟ ପ୍ରାପ୍ତକଲେ ।

**ନାସିର୍ ହସ୍ପିଟାଲ୍‌ର ସଂକ୍ଷିପ୍ତ ବିବରଣୀ**

୨୭ ଅକ୍ଟୋବର ୨୦୧୫ ମସିହାରେ ନାସିର ହସ୍ପିଟାଲ୍ ନିମନ୍ତେ ଖଣ୍ଡେ ଜମି ଖରିଦ କରାଗଲା । ଯାହାର କ୍ଷେତ୍ରଫଳ ୮୬୮୮ ବର୍ଗଫୁଟ । ଏହି ଡ଼ାକ୍ତରଖାନାଟି ମସ୍‌ଜିଦ୍ ବଇତୁଲ୍ ଅୱଲଠାରୁ ୧୭ କି.ମି ଦୂରତାରେ ଅବସ୍ଥିତ । ୧୯ ଏପ୍ରିଲ୍ ୨୦୧୬ ତାରିଖକୁ ନାସିର ହସ୍ପିଟାଲ୍‌ର ନିର୍ମାଣ କାର୍ଯ୍ୟ ନିମନ୍ତେ ଗୋଟେମାଲାର କୋଠାବାଡ଼ି ନିର୍ମାଣକାରୀ ସଂସ୍ଥା ସହିତ ଚୁକ୍ତି କରାଗଲା । ଏହି ଡ଼ାକ୍ତରଖାନାର ନିର୍ମାଣ କାର୍ଯ୍ୟ ଓ ସଂମ୍ପୂର୍ଣ୍ଣ ପ୍ରସ୍ତୁତିରେ ୨.୮ ମିଲିୟନ୍ ଡ଼ଲାର ଖର୍ଚ୍ଚ ହୋଇଛି ।

ନାସିର ହସ୍ପିଟାଲ୍‌ରେ ଈଶ୍ୱରଙ୍କ ଦୟାବଳରୁ ୨ଟି ୱିଙ୍ଗସ୍ ରହିଛି ଯାହା ଅନ୍ତର୍ଗତ ଅନେକ ବିଭାଗ ଗୁଡ଼ିକ କାର୍ଯ୍ୟ କରୁଅଛନ୍ତି: Out Patient Wing ଅନ୍ତର୍ଗତ Radiology, Ginaecology, Paediotracis, Internal Medicine and Ophthalmology, ର ବିଭାଗ ଯୋଗାଇ ଦିଆଯାଇଛି ।

Medical Diagnosis Centre ମଧ୍ୟ ରହିଛି । ଗୋଟିଏ ପୂର୍ଣ୍ଣ କ୍ଲିନିକାଲ୍ ଲାର୍ବୋଟୋରୀ ସ୍ଥାପନ କରାଯାଇଛି । ତା ସହିତ ବ୍ଲଡ୍ ବ୍ୟାଙ୍କ ମଧ୍ୟ ରହିଛି ।

ଉକ୍ତ ଲାର୍ବୋଟୋରୀରେ Immunology, Proctology, Haematology, Serology & Urine Test ର ସୁବିଧା ମଧ୍ୟ ରହିଛି । X-ray and Ultrasound ର ଅଲଗା ଅଲଗା ବିଭାଗ ରହିଛି । ସେହିପରି Electro Cardiagram ର ସୁବିଧା ମହଜୁଦ୍ ରହିଛି ।

In-Patient Wing ଅନ୍ତର୍ଗତ ଗୋଟିଏ ଇର୍ମଜେନ୍ସି ବିଭାଗ ରହିଛି । ମାର୍ଟନିଟିର (ମାତୃ ବିଭାଗ)ର ଅଲଗା ବିଭାଗ ରହିଛି ଯେଉଁଠି ପୋଷ୍ଟମର୍ଟମ୍, ଇଣ୍ଟେଂନସିଭ୍ କେୟାର ଏବଂ Neonatal ର ସୁବିଧା ଯୋଗାଇ ଦିଆଯିବ । ସେହିପରି ସର୍ଜରୀର ଅଲଗା ବିଭାଗ ରହିଛି । ଇଣ୍ଟେଂନସିଭ୍ କେୟାର ୟୁନିଟି ମଧ୍ୟ ରହିଛି ।

ମୋଟାମୋଟି ରୂପେ ଏହି ଡ଼ାକ୍ତରଖାନାରେ ୨୪ଟି କୋଠରୀ, ୩ଟି ଅପେକ୍ଷା ଗୃହ ଗୋଟିଏ ମୁକ୍ତ ବାୟୁ ଅଡ଼ିଟୋରିୟମ୍, ୪ଟି ବଗିଚା, ଗୋଟିଏ କଲେକ୍ସନ ସେଂଟର, ଗୋଟିଏ ପାଣିର କୂଅ, ଗୋଟିଏ ପାଣି ଟାଙ୍କି ଯେଉଁଥିରେ ୪୦ ବ୍ୟାରେଲ୍‌ର ପାଣି ରହିବାର ବ୍ୟବସ୍ଥା ଅଛି, ସେଭେରେଜ୍ ପାଇଁ ଗୋଟିଏ ପ୍ଲାଂଟ୍. ମେଡ଼ିକାଲ୍ ଗ୍ୟାସ କ୍ୱାଟର, ଗୋଟିଏ ବିଜୁଳୀ ପ୍ଲାଂଟ ଏବଂ ଗୋଟିଏ ଟ୍ରାନ୍ସଫରମର ମଧ୍ୟ ସାମିଲ୍ ଅଛି ।

ଫଳକ ଉନ୍ମୋଚନ କରିବା ପରେ ହଜୁର୍ ଅନୱର ଅ:ବ:ଅ ନାସିର ହସ୍ପିଟାଲ୍‌ର ନିରିକ୍ଷଣ କଲେ ସବ୍ରପ୍ରଥମେ ହଜୁର୍ ଅନୱର ଅ:ବ:ଅ ରିସିପ୍‌ସନ ଏରିଆକୁ ଗଲେ ତା ପରେ ହଜୁର୍ ଅନୱର ଡେଂଟାଲ୍ ବିଭାଗ ନିରିକ୍ଷଣ କଲେ । ଏଠାରେ ମଧ୍ୟ ନୂତନ ଜ୍ଞାନକୌଶଳର ୟୁନିଟି ଲଗାଯାଇଛି । ଏହାପରେ ହଜୁର୍ ଅନୱର ଅ:ବ:ଅ ଅଲ୍ଟ୍ରାସାଉଣ୍ଡ ବିଭାଗ ଏକ୍ସ-ରେ ବିଭାଗ ଏବଂ ଲାର୍ବଟୋରୀର ନିରିକ୍ଷଣ କଲେ । ଏହାପରେ ହଜୁର୍ ଅନୱର ଫାର୍ମାସିର ନିରିକ୍ଷଣ କଲେ ତା'ପରେ ଏମର୍ଜେନ୍ସି ବିଭାଗ ଏବଂ ଆଇ.ସି.ୟୁ ବିଭାଗକୁ ନିରିକ୍ଷଣ କଲେ । ତା'ପରେ ହଜୁର୍ ଅନୱର ଲେବର ରୁମ୍ ଓ ଲେବର ୱାର୍ଡ଼ରେ ପଦାର୍ପଣ କଲେ ଓ ସେଠାରେ ଥିବା ସମସ୍ତ ସୁବିଧା ଓ ବ୍ୟବସ୍ଥାର ନିରିକ୍ଷଣ କଲେ । ଏହା ପରେ ହଜୁର୍ ଅନୱର ଅ:ବ:ଅ ଅପରେଶନ୍ ଥେଟ୍ର ଓ ଅପରେଟିଙ୍ଗ ରୁମ୍ ପରିଦର୍ଶନ କଲେ ଏହି ସମସ୍ତ ବିଭାଗ ଗୁଡ଼ିକରେ ନୂତନ ଜ୍ଞାନକୌଶଳରେ ନିର୍ମିତ ମେସିନ୍ ଓ ସୁବିଧାମାନ ଯୋଗାଇ ଦିଆଯାଇଛି ।

ଏହାପରେ ହଜୁର୍ ଅନୱର ଜେନେରାଲ୍ ୱାର୍ଡ଼ରେ ପଦାର୍ପଣ କଲେ ଓ ସେହି ୱାର୍ଡ଼ରେ ଥିବା ସମସ୍ତ ବ୍ୟବସ୍ଥାକୁ ଅନୁଧ୍ୟାନ କଲେ । ଏହାପରେ ପୁଣି ହଜୁର୍ ଅନୱର ଡ଼ାକ୍ତରଖାନାର ଥିବା ରୋଷଶାଳା, କାର୍ଯ୍ୟାଳୟ, ଆଡମିନିଷ୍ଟ୍ରେସନ ଅଫିସ ବ୍ଲକର ପରିଦର୍ଶନ କଲେ । ଏହି ସମସ୍ତ ବିଭାଗ ଗୁଡ଼ିକ ପରିଦର୍ଶନ କରିବା ପରେ ହ୍ୟୁମାନିଟି ଫାଷ୍ଟର ନିର୍ଦ୍ଦେଶକମାନେ ହଜୁର୍ ଅନୱରଙ୍କ ସହିତ ଗ୍ରୁପ ଫଟୋ ଉଠାଇଲେ । ଏହାପରେ ଡ଼ାକ୍ତରଖାନାରେ କାର୍ଯ୍ୟରତ ଡ଼ାକ୍ତରମାନେ ଓ ପୁଣି ଲେଡ଼ି ଡ଼ାକ୍ତରମାନେ ଗ୍ରୁପ ଫଟୋ ଉଠାଇଲେ ।

ଏହାପରେ ପ୍ରୋଗ୍ରାମ ମୁତାବକ ହଜୁର୍ ଅନୱର ଅ:ବ:ଅ ସେହି ବଡ଼ ସାମିୟାନା ଭିତରେ ପର୍ଦାପଣ କଲେ ଯେଉଁଠି ଡ଼ାକ୍ତରଖାନାର ଉଦ୍‌ଘାଟନି ଉତ୍ସବର ଆୟୋଜନ ବ୍ୟବସ୍ଥା କରାଯାଇଥିଲା । ହଜୁର୍ ଅନୱର ଅ:ବ:ଅଙ୍କ ଆଗମନ ପୂର୍ବରୁ ଏହି ଉତ୍ସବରେ ସାମିଲ୍ ହୋଇଥିବା ସମସ୍ତ ଅତିଥିଗଣ ନିଜ ନିଜ ଆସନ ଅଳଙ୍କୃତ କରିସାରିଥିଲେ ।

ଠିକ୍ ୪.୧୦ ମିନିଟ୍‌ରେ ଉଦ୍‌ଘାଟନୀ ଉତ୍ସବ ପ୍ରୋଗ୍ରାମର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ଦ୍ୱାରା କରାଗଲା । ଯାହାକୁ ଡ଼ାକ୍ତର ଖାଲିଦ୍ ମିନ୍‌ହାସ୍ ସାହେବ ପାଠକଲେ । ଏହାପରେ ସେହି ଆୟାତ ଗୁଡ଼ିକର ସ୍ପାନିସ୍ ଭାଷାରେ ଅନୁବାଦ ଶ୍ରୀମାନ୍ ୟୁସୁଫ୍ ରଷ୍ଟୁ ମୋରେନ୍‌ସ ସାହେବ ପାଠ କରି ଶୁଣାଇଲେ ।

ଏହାପରେ ହ୍ୟୁମାନିଟି ଫାଷ୍ଟର ଚେୟାରମ୍ୟାନ୍ ମୋକରମ୍ ମୁନଅମ୍ ନଇମ୍ ସାହେବ ପରିଚୟ ପ୍ରଦାନମୂଳକ ଅଭିଭାଷଣ ଉପସ୍ଥାପନ କଲେ । ସେ ମହାଶୟ ପୃଥିବୀର ବିଭିନ୍ନ ଦେଶରେ ହ୍ୟୁମାନିଟି ଫାଷ୍ଟ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟ ଓ ସେବା ମୂଳକ କାର୍ଯ୍ୟଗୁଡ଼ିକର ଚର୍ଚ୍ଚା କଲେ । ସେହିପରି ହ୍ୟୁମାନିଟି ଫାଷ୍ଟର ସ୍ଥାପନ ଦିବସର ଇତିହାସ ମଧ୍ୟ ବତାଇଲେ । ଶେଷରେ ଗୋଟେମାଲାରେ ନାସିର୍ ହସ୍ପିଟାଲ୍‌ର ସ୍ଥାପନ ଓ ଏହାର ନିର୍ମାଣ କାର୍ଯ୍ୟ ଏବଂ ଏହି କାର୍ଯ୍ୟ ନିମନ୍ତେ ଖର୍ଚ୍ଚ କରିଥିବା ବ୍ୟକ୍ତି ବିଶେଷଙ୍କ ଆର୍ଥିକ ବଳିଦାନ ଏବଂ ସ୍ୱେଚ୍ଛାସେବୀ କର୍ମୀମାନଙ୍କ ଚେଷ୍ଟା ସମ୍ବନ୍ଧର ଚର୍ଚ୍ଚା କଲେ ।

ଏହାପରେ ମୁକରମ୍ ଡ଼ାକ୍ତର ହଫିଜୁର୍ ରହ୍‌ମାନ୍ ସାହେବ ଯିଏ ଷ୍ଟେଜ୍ ସେକ୍ରେଟାରିର ଦାୟିତ୍ୱ ନିର୍ବାହ କରୁଥିଲେ, ସେ ଷ୍ଟେଜ୍ ଉପରେ ଥିବା ଅତିଥିମାନଙ୍କ ପରିଚୟ ପ୍ରଦାନ କଲେ । ସେହିପରି ଏହି ଉତ୍ସବରେ ସାମିଲ୍ ହୋଇଥିବା ଆଉ କିଛି ଗୁରୁତ୍ୱପୂର୍ଣ୍ଣ ଅତିଥିମାନଙ୍କର ପରିଚୟ ମଧ୍ୟ ପ୍ରଦାନକଲେ ।

ଏହାପରେ କାର୍ଯ୍ୟକ୍ରମ ମୁତାବକ ଦୁଇଜଣ ଅତିଥି କଂଗ୍ରେସ ଓମେନ୍ ନୋର୍‌ମା ଟୋରେସ୍ ସାହିବା ଆମେରିକା ଏବଂ ଭାଇସ୍ ମିନିଷ୍ଟର ଅଫ ହେଲ୍‌ଥ ଗୋଟେମାଲା ନିଜ ନିଜର ଅଭିଭାଷଣ ଉପସ୍ଥାପନ କଲେ ।

କଂଗ୍ରେସ ଓମେନ୍ ନୋର୍‌ମା ଟୋରେସ୍ ସାହିବା ଯାହାଙ୍କ ସମ୍ବନ୍ଧ କାର୍ଲିଫର୍ନିଆ ଆମେରିକା ସହିତ ରହିଛି (ସେ ବିଶେଷ ରୂପେ ନାସିର୍ ହସ୍ପିଟାଲ୍‌ର ଉଦ୍‌ଘାଟନି ଉତ୍ସବରେ ଯୋଗଦେବା ପାଇଁ ଆମେରିକାରୁ ଗୋଟେମାଲା ଆସିଥିଲେ) ସେ ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ: ଏହା ମୋ ପାଇଁ ବହୁତ ସମ୍ମାନର କଥା ଯେ, ମୁଁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛି ଯେଉଁଠି ଆପଣମାନେ ନାସିର ହସ୍ପିଟାଲ୍‌ର ଉଦ୍‌ଘାଟନି ଉତ୍ସବ ନିମନ୍ତେ ଏକତ୍ରିତ ହୋଇଛନ୍ତି । ଏହି ଡ଼ାକ୍ତରଖାନାଟି ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ ଓ ମୁଁ ଅହେମଦୀୟା ମୁସ୍‌ଲିମ୍ ଜମାତ୍ ଗୋଟେମାଲା ସହିତ କାମ କରି ବହୁତ ଗର୍ବ ଅନୁଭବ କରୁଅଛି । ସର୍ବପ୍ରଥମେ ମୁଁ ହଜ୍‌ରତ୍ ମୀର୍ଜା ମସ୍‌ରୁର୍ ଅହେମଦ୍ ସାହେବ ଖଲିଫତୁଲ୍ ମସିହ୍ ଖାମିସ୍‌ଙ୍କୁ ଧନ୍ୟବାଦ ଜଣାଉଛି ଯେ, ଆପଣ ମହାଶୟ ଏଠାକୁ ଆସିଛନ୍ତି । ଆମେ ଆପଣଙ୍କ ନେତୃତ୍ୱ ଓ ଏଠିକାର ଜନସାଧାରଣଙ୍କ ସେବା ନିମନ୍ତେ ଥିବା ମନୋଭାବ ଦ୍ୱାରା ବହୁତ ପ୍ରଭାବିତ ହୋଇଛୁ । ଗୋଟେମାଲାରେ ଆମକୁ ସ୍ୱାସ୍ଥ୍ୟସେବାକୁ ଉନ୍ନତି କରିବା ପାଇଁ ବହୁତ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଛି ଉଦାହରଣ ସ୍ୱରୂପ ଏଠାରେ ହତ୍ୟାକାଣ୍ଡର ଘଟଣା ଅପେକ୍ଷା ମଧୁମେହ ରୋଗରେ ଅଧିକ ଲୋକ ମୃତ୍ୟୁବରଣ କରୁଛନ୍ତି । ପୁଣି ଗର୍ଭବତୀ ମହିଳାମାନଙ୍କ ମୃତ୍ୟୁହାର ୟୁ.ଏସ୍.ଏ ଠାରୁ ବହୁତ ଅଧିକ । ଏହି ମୃତ୍ୟୁହାର ଗ୍ରାମୀଣ ଇଲାକାରେ ଆହୁରି ଅଧିକ ରହିଛି ଯେଉଁଠି ସ୍ୱାସ୍ଥ୍ୟସେବାର ସୁବିଧା ନାମକୁ ମାତ୍ର ରହିଅଛି । ଏହା ହେଉଛି ଏକ ବଡ଼ କାରଣ ଯେ, ଯେଉଁଥି ପାଇଁ ଗୋଟେମାଲାର ଆର୍ଥିକ ଉନ୍ନତି ହୋଇପାରୁନାହିଁ । ଯାହା ବର୍ତମାନ ଅତ୍ୟନ୍ତ ଆବଶ୍ୟକ ରହିଅଛି ।

ତେଣୁ ଏହି ଡ଼ାକ୍ତରଖାନାର ସ୍ଥାପନ ହେବା ଉନ୍ନତି ଆଡ଼କୁ ଏକ ପଦକ୍ଷେପ ଅଟେ । ହ୍ୟୁମାନିଟି ଫାଷ୍ଟ ଏବଂ ଅହେମଦୀୟା ମୁସ୍‌ଲିମ୍ ଜମାତ୍‌ଠାରୁ ବଳି ଏହି କାର୍ଯ୍ୟକୁ ଆଉ କେହି କରିପାରିବେ ନାହିଁ । ବିଗତ କେତେ ବର୍ଷ ହେବ ମୁଁ ଚିନୋଠାରେ ଥିବା ଅହେମଦିୟା ମସ୍‌ଜିଦ୍ ଯୋଗୁଁ ଅହେମଦିୟା ଜମାତ୍ ସହିତ ପରିଚିତ । ଅହେମଦୀମାନେ ଆମ ସମାଜର ଆକ୍ଟିଭ ମେୟର ଅଟନ୍ତି । ଉନ୍ନତି ମୂଳକ କାର୍ଯ୍ୟରେ ଏମାନେ ଅହରହ ଲାଗିରହିଛନ୍ତି ଏବଂ ଅହେମଦୀମାନଙ୍କର ବଦାନ୍ୟତା ଉଦାହରଣୀୟ ଅଟେ । ଆମେ ଏଠାରେ ଗୋଟେମାଲାରେ ଅହେମଦୀୟା ମୁସ୍‌ଲିମ୍ ଜମାତ୍‌ର ସେବା ମୂଳକ କାର୍ଯ୍ୟ ଦ୍ୱାରା ବହୁତ ପ୍ରଭାବିତ ହୋଇଛୁ । ଅହେମଦୀ ଡ଼ାକ୍ତରମାନଙ୍କର ଟିମ୍ ଏଠାରେ ମାଗଣା ଆଖି ଅପରେସନ୍ କରିବାକୁ ଆସୁଛନ୍ତି ଏବଂ ସେମାନେ ଜାଣିଛନ୍ତି ଯେ, ଏଠାରେ ଡ଼ାକ୍ତରଖାନା ଗୁଡ଼ିକ କମ୍ ଅଛି । ସୁତରାଂ ସେମାନେ ଚୁପ୍ ହୋଇ ବସିଲେ ନାହିଁ ବରଂ ସେମାନେ ଆଗକୁ ପାଦ ବଢ଼ାଇଲେ ଫଳତଃ ଏଠାରେ ସେମାନେ ଡ଼ାକ୍ତରଖାନା ପ୍ରତିଷ୍ଠା

ଅବଶିଷ୍ଟାଂଶ ପୃଷ୍ଠା- ୭ ରେ ଦେଖନ୍ତୁ...

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan